BOD-3

Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University**

**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

## *BAOD (HONOURS)*

### ଆଧୁନିକ ଓଡ଼ିଆ ସାହିତ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟା

( ରାଧାନାଥଙ୍କ କାବ୍ୟ, ଗଙ୍ଗାଧରଙ୍କ କାବ୍ୟ, ମଧୁସୂଦନ ରାଓଙ୍କ କବିତା ଓ ଫକୀରମୋହନଙ୍କ ଉପନ୍ୟାସ ଓ ଗଳ୍ପ )

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

ପାଠ୍ୟକ୍ରମ - ୩
ଆଧୁନିକ ଓଡ଼ିଆ ସାହିତ୍ୟ

## ବ୍ଲକ୍
## ୨ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟା

ପ୍ରଥମ ଏକକ
**ରାଧାନାଥଙ୍କ କାବ୍ୟ**

ଦ୍ୱିତୀୟ ଏକକ
**ଗଙ୍ଗାଧରଙ୍କ କାବ୍ୟ**

ତୃତୀୟ ଏକକ
**ମଧୁସୂଦନଙ୍କ କାବ୍ୟ**

ଚତୁର୍ଥ ଏକକ
**ଫକୀର ମୋହନଙ୍କ ଉପନ୍ୟାସ ଓ ଗଳ୍ପ**

**ପାଠ୍ୟକ୍ରମ : ୩**

**ବ୍ଲକ୍ : ୨**

**ଦ୍ୱିତୀୟ ସଂସ୍କରଣ : ୨୦୨୧**

**ଲେଖକ : ଡକ୍ଟର ନୀଳମଣି ମେହେର**
ଅଧ୍ୟାପକ, ଜବାହାରଲାଲ ମହାବିଦ୍ୟାଳୟ, ପାଠଣାଗଡ଼, ବଲାଙ୍ଗିର ।
(ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏକକ)

**ଡକ୍ଟର ଲିଙ୍ଗରାଜ ସାହୁ**
ଓଡ଼ିଆ ବିଭାଗ, ଶ୍ରୀରାମ ମହାବିଦ୍ୟାଳୟ, ରାମପୁର, ସୁବର୍ଣ୍ଣପୁର ।
(ଚତୁର୍ଥ ଏକକ)

**ସଂଯୋଜକ : ଡକ୍ଟର ଘନଶ୍ୟାମ ଦୀପ**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଡିଟିପି : ଡକ୍ଟର ଲିଙ୍ଗରାଜ ସାହୁ**
ଓଡ଼ିଆ ବିଭାଗ, ଶ୍ରୀରାମ ମହାବିଦ୍ୟାଳୟ, ରାମପୁର, ସୁବର୍ଣ୍ଣପୁର ।

**ଧନଶ୍ରୀ ମିଶ୍ର**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ପ୍ରକାଶକ**

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2021." **Adhunika Odia Sahitya**" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ରାଧାନାଥଙ୍କ କାବ୍ୟକବିତା

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ ରାଧାନାଥଙ୍କ ପରିଚୟ
୧.୫ ରାଧାନାଥଙ୍କ ସାହିତ୍ୟ
୧.୬ ରାଧାନାଥଙ୍କ ସାହିତ୍ୟର ବୈଶିଷ୍ଟ୍ୟ
୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୮ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ ଯେଉଁ କେତେଜଣ ପ୍ରତିଭାଧର ସାହିତ୍ୟସ୍ରଷ୍ଟା ଓଡ଼ିଆ ସାହିତ୍ୟକୁ ଏକ ନୂତନ ଧାରାରେ ଗତି କରାଇଲେ ସେମାନଙ୍କ ମଧ୍ୟରେ କବିବର ରାଧାନାଥ ରାୟ ସର୍ବାଗ୍ରେ ସ୍ମରଣୀୟ। କବି ରାଧାନାଥ ରାୟ ରୀତିଯୁଗୀୟ କାବ୍ୟଧାରାରୁ ଓଡ଼ିଆ ସାହିତ୍ୟକୁ ମୁକ୍ତ କରି ପାଶ୍ଚାତ୍ୟ କାବ୍ୟଧାରା ଅନୁସରଣରେ ସୃଷ୍ଟି କରିଥିଲେ ଏକ ନୂତନ କାବ୍ୟଧାରା। ପାଶ୍ଚାତ୍ୟ ଶିକ୍ଷା, ଭାଷା ସଙ୍କଟ, ନଅଙ୍କ ଦୁର୍ଭିକ୍ଷ, ସଂସ୍କାର ଆନ୍ଦୋଳନ ଓ ଜାତୀୟ ଜୀବନର ଆତ୍ମ - ଜାଗରଣ ମଧ୍ୟରୁ ଆଧୁନିକ ଓଡ଼ିଆ ସାହିତ୍ୟର ହେଲା ନବଜନ୍ମ ଯାହାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କବିବର ରାଧାନାଥ ରାୟ। କେବଳ ଓଡ଼ିଆ କାବ୍ୟକବିତା କ୍ଷେତ୍ରରେ ନୁହେଁ ଗଦ୍ୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ ତେଣୁ ତାଙ୍କ ନାମନୁସାରେ ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ପର୍ଯ୍ୟାୟକୁ ମଧ୍ୟ ନାମିତ କରାଯାଇଛି। ତେଣୁ ଏଭଳି ଜଣେ ମହାନ୍ ଯୁଗପ୍ରବର୍ତ୍ତକ ସାହିତ୍ୟ ସ୍ରଷ୍ଟା ସମ୍ପର୍କରେ ଏହି ଏକକରେ ଆଲୋଚନା କରାଯାଇଛି।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକକୁ ପାଠ କରିବା ଦ୍ୱାରା ନିମ୍ନଲିଖିତ ବିଷୟରେ ଅବଗତ ହୋଇପାରିବେ :

- ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ସାହିତ୍ୟ ପ୍ରାଚୀନ ତଥା ମଧ୍ୟଯୁଗୀୟ ସାହିତ୍ୟରୀତିକୁ ପରିହାର କରି କିପରି ନୂତନତାର ବାର୍ତ୍ତା ଦେଇଛି।
- ରାଜଦରବାରର ସାହିତ୍ୟ ବଦଳରେ ଧୂଳିଧୂସରିତ ଜନପଦକୁ ସାହିତ୍ୟରେ କିଭଳି ଭାବରେ ବନ୍ଦନା କରିଥିଲେ କବିବର ରାଧାନାଥ ରାୟ।

- କବିବର ରାଧାନାଥ ରାୟ ଆଧୁନିକ ଯୁଗର ସୂତ୍ରଧର ଭାବରେ ଗତାନୁଗତିକ କାବ୍ୟଧାରା ଯଥା ରାଜା - ରାଣୀ-ରାଜକୁମାର-ରାଜକୁମାରୀଙ୍କ ଯୌବନ ଓ ପ୍ରଣୟ ଏବଂ ଦେବାଦେବୀଙ୍କ ଆଲୌକିକ ବର୍ଣ୍ଣନାବିଳାସ ପରିବର୍ତ୍ତେ ନୂତନ ଜୀବନମୁଖୀ ସାହିତ୍ୟର କିଭଳି ଭାବରେ ସୃଷ୍ଟି କରିଥିଲେ।
- ପାଶ୍ଚାତ୍ୟ ଓ ପ୍ରାଚ୍ୟ କାବ୍ୟକୌଶଳର ସମନ୍ୱୟରେ ଏକ ନୂତନ ସାହିତ୍ୟ ଧାରାରେ ପ୍ରବର୍ତ୍ତନ କିପରି ଭାବରେ ସମ୍ଭବ ହୋଇଛି।
- ପାଶ୍ଚାତ୍ୟ କାବ୍ୟର କାହାଣୀକୁ ଓଡ଼ିଶାର ଧୂଳିମାଟିରେ କିପରି ଭାବରେ ଉପସ୍ଥାପନା କରାଯାଇଛି ସେ ବିଷୟରେ ଜାଣିପାରିବା।
- ଓଡ଼ିଆ ସାହିତ୍ୟ ଜାତୀୟ ସ୍ୱାଭିମାନ, ସାମାଜିକ ସଂସ୍କାର, ଶୋଷଣରୁ ମୁକ୍ତି ଓ ସର୍ବୋପରି ସମ୍ପ୍ରଦାୟ ମୁକ୍ତ ଏକ ମଧୁମୟ କାବ୍ୟର ସୃଷ୍ଟି।
- କାବ୍ୟକବିତାର ଗଡ଼ଗଡ଼ାଳିକାରୁ ଓଡ଼ିଆ ସାହିତ୍ୟକୁ ମୁକ୍ତ କରି ଗଦ୍ୟସାହିତ୍ୟର ବିକାଶ ଦିଗରେ କିଭଳି ପ୍ରୟାସ କରାଯାଇଥିଲା। ସେ ସମ୍ପର୍କରେ ଅବଗତ ହୋଇପାରିବା।

## ୧.୩ ବିଷୟ ପ୍ରବେଶ

ଆଧୁନିକ ଓଡ଼ିଆ ସାହିତ୍ୟର ଆଦି ପର୍ବରେ କବିବର ରାଧାନାଥ ରାୟ ଜଣେ ଅନନ୍ୟ ସାଧାରଣ ପ୍ରତିଭାର ଅଧିକାରୀ ଓ ଯୁଗସ୍ରଷ୍ଟା କବିପ୍ରତିଭା। ସେ ମୁଖ୍ୟତଃ ଜଣେ କବି ହେଲେ ମଧ୍ୟ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଆଦ୍ୟ ପ୍ରବର୍ତ୍ତକ ମଧ୍ୟ। ରୀତିକାବ୍ୟ ଧାରାକୁ ବଦଳାଇଦେଇ ସେ ପାଶ୍ଚାତ୍ୟ କାବ୍ୟଧାରା ଅନୁସରଣରେ ସୃଷ୍ଟିକଲେ ଆଧୁନିକ ନୂତନ କାବ୍ୟଧାରା। ଅମିତ୍ରାକ୍ଷର ଛନ୍ଦରେ ଜାତୀୟତାର ଉଚ୍ଚାରଣପୂର୍ବକ ତାଙ୍କ କାବ୍ୟ କବିତାକୁ ସମୃଦ୍ଧ କଲେ। ସେ ଓଡ଼ିଶାର ନଦନଦୀ, ପାହାଡ଼ ପର୍ବତ, ହ୍ରଦକୁ ଚିହ୍ନାଇ ଦେଲେ। ସେ ପୁଣି ଏଜାତିର ଅନ୍ତରରେ ଭରିଦେଲେ ଜାତୀୟତାର ଫଲ୍‌ଗୁଧାରା। ବିଗତ ଊନବିଂଶ ଶତାବ୍ଦୀର ଶେଷଭାଗରେ ଓଡ଼ିଆ ସାହିତ୍ୟ ସହିତ ରାଧାନାଥଙ୍କ ଜୀବନ ଓ ସାହିତ୍ୟ ସାଧନ ଘନିଷ୍ଠ ଭାବରେ ସଂପୃକ୍ତ। ଏହି ସମୟ ମଧ୍ୟରେ ତାଙ୍କ ସାରସ୍ୱତ ପ୍ରତିଭାର ଆଦ୍ୟ ଉନ୍ମେଷ ସହିତ ଉତ୍ତରଣ ମଧ୍ୟ ଘଟିଛି। ଏମିତିକି କବିବର ରାଧାନାଥଙ୍କ ସାହିତ୍ୟ ବିରୁଦ୍ଧରେ ମସୀଯୁଦ୍ଧ ମଧ୍ୟ ହୋଇଥିଲା ତା'ସତ୍ତ୍ୱେ ମଧ୍ୟ ରାଧାନାଥ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବରେ ଯୁଗପ୍ରବର୍ତ୍ତକ ଭାବରେ ସମ୍ମାନ ଲାଭ କରିଛନ୍ତି ଏବଂ ଓଡ଼ିଆ କାବ୍ୟକବିତାକୁ ଦେଇଛନ୍ତି ନୂତନ ରୂପ ଓ ଚମକ। ବିଦେଶୀ କଥାବସ୍ତୁକୁ ଆଣି ଓଡ଼ିଆ କାବ୍ୟରେ ସଂସ୍ଥାପନ କରିଛନ୍ତି ଓଡ଼ିଶାର ପରିବେଶରେ। ପ୍ରାଚୀନ ରୀତିକାବ୍ୟକୁ ବିଦାୟ ଦେଇଛନ୍ତି। ନୂତନ ସାହିତ୍ୟର କରିଛନ୍ତି ଆଗମନ। ଯେଉଁଥି ପାଇଁ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ଯ୍ୟାୟକୁ ତା'ଙ୍କ ନାମାନୁସାରେ ନାମିତ କରି ଅନ୍ୟ କବିମାନଙ୍କ ପ୍ରେରଣାର ଉତ୍ସ ହୋଇଛନ୍ତି।

# ୧.୪ ରାଧାନାଥଙ୍କ ପରିଚୟ

ଆଧୁନିକ ଓଡ଼ିଆ ସାହିତ୍ୟର ବାର୍ତ୍ତାବହ କବିବର ରାଧାନାଥ ରାୟ ବାଲେଶ୍ୱର ଜିଲ୍ଲାର ଦକ୍ଷିଣକୁ ପ୍ରାୟ ୨୪ ମାଇଲ ଦୂରରେ ଅବସ୍ଥିତ । ସୋର ନିକଟବର୍ତ୍ତୀ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ସୁନ୍ଦର ନାରାୟଣ ରାୟ ଓ ମାତାଙ୍କ ନାମ ତାରିଣୀ ଦେବୀ । ତାଙ୍କ ପୂର୍ବପୁରୁଷ ବହୁ ପୂର୍ବରୁ ବଙ୍ଗଦେଶରୁ ଆସି ଓଡ଼ିଶାରେ ବାସ କରୁଥିଲେ । କବିଙ୍କ ପିତା ସୁନ୍ଦର ନାରାୟଣ ରାୟ ଥିଲେ ବାଲେଶ୍ୱର କଲେକ୍ଟରେଟ୍‌ର ସଦର କାନୁନ୍‌ଗୋ । ତାଙ୍କର ପିତା ପାରସୀ ଭାଷାରେ ସୁପଣ୍ଡିତ ଥିଲେ ଓ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ସଂସ୍କୃତ ଆଦି ବିଭିନ୍ନ ଭାଷାରେ ଜ୍ଞାନ ଅର୍ଜନ କରିଥିଲେ । ତାଙ୍କ ଆଦର୍ଶଦ୍ୱାରା ରାଧାନାଥ ପ୍ରଭାବିତ ହୋଇଥିଲେ । କବି ରାଧାନାଥଙ୍କୁ ଯେତେବେଳେ ପାଞ୍ଚ ବର୍ଷ ବୟସ ହେଉଥିଲା ସେତେବେଳେ ସେ ତାଙ୍କ ମାତାଙ୍କୁ ହରାଇଥିଲେ । ତେଣୁ ପିତା ବାଧ ହୋଇ ଦ୍ୱିତୀୟ ବିବାହ କରିଥିଲେ । ବିମାତାଙ୍କର ଆଦର ଯତ୍ନ ଓ ସେବାରେ ରାଧାନାଥ ବଡ଼ ହେବାକୁ ଲାଗିଲେ ଏବଂ ମାଟିବଂଶ ଅବଧାନଙ୍କ ପାଖରୁ ଶିକ୍ଷା ସମାପ୍ତ କରି ସୋରଠାରେ ଥିବା ଭର୍ଣ୍ଣାକୁଲାର ସ୍କୁଲରେ ଅଧ୍ୟୟନ କଲେ । ସେଠାରେ ସେ ସଂସ୍କୃତ ଶିକ୍ଷା ମଧ୍ୟ ଗ୍ରହଣ କଲେ । ୧୮୫୮ ମସିହାରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲେ ୧୮୬୩ ମସିହାରେ ସେ ପ୍ରଥମ ଶ୍ରେଣୀରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । କଲିକତାର ପ୍ରେସିଡେନ୍‌ସି କଲେଜରେ ଏଫ୍‌.ଏ ପଢ଼ିବା ପାଇଁ ଗଲେ । ମାତ୍ର ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଓ ଆର୍ଥିକ ଦୁର୍ଗତି ପାଇଁ ଉଚ୍ଚଶିକ୍ଷାର ଆଶା ପରିତ୍ୟାଗ କରି ବାଲେଶ୍ୱର ଚାଲିଆସିଲେ । ଯାହା ଫଳରେ ତାଙ୍କର ଉଚ୍ଚଶିକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । କଲିକତାରୁ ଫେରି ଆସିଲାପରେ ସେ ବାଲେଶ୍ୱର ଜିଲ୍ଲାସ୍କୁଲରେ ମାସିକ ୩୦ ଟଙ୍କା ବେତନରେ ତୃତୀୟ ଶିକ୍ଷକରୂପେ ନିଯୁକ୍ତି ପାଇଲେ । ୧୮୬୮ ମସିହାରେ ପୁରୀ ଜିଲ୍ଲାସ୍କୁଲରେ ଦ୍ୱିତୀୟ ଶିକ୍ଷକ ରୂପେ ଯୋଗଦେଲେ ଏବଂ ସେହି ବର୍ଷ ସେ ଘରୋଇ ଭାବରେ ଏଫ୍‌.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଏହି ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଛାତ୍ର ହେଲେ ମଧୁସୂଦନ ରାଓ । ୧୮୭୦ ମସିହାରେ ତାଙ୍କର ବିବାହ ମଧ୍ୟ ସମ୍ପନ୍ନ ହୋଇଥିଲା । ପୁରୀରୁ ବଙ୍ଗପ୍ରଦେଶ ଅନ୍ତର୍ଗତ ବାଙ୍କୁଡ଼ା ସ୍କୁଲ ଏବଂ ସେଠାରୁ ପୁଣି ବାଲେଶ୍ୱର ଜିଲ୍ଲାର ଡେପୁଟି ଇନ୍‌ସପେକ୍ଟର ପଦରେ ନିଯୁକ୍ତ ହୋଇ ଓଡ଼ିଶା ଆସିଲେ । ମଧୁସୂଦନ ରାଓ ସେତେବେଳକୁ ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ଏବଂ ଫକୀରମୋହନ ଥିଲେ ବାଲେଶ୍ୱର ବାସିନ୍ଦା । ଏହି ତିନିଜଣ ମନସ୍ୱୀଙ୍କ ଚିନ୍ତାଧାରାର ମଧୁର ସମନ୍ୱୟରେ ଆଧୁନିକ ଓଡ଼ିଆ ସାହିତ୍ୟର ହେଲା ନବଜନ୍ମ । ମଧୁସୂଦନ ଓ ରାଧାନାଥଙ୍କ ମିଳିତ ଉଦ୍ୟମରେ ଏହି ସମୟରେ ଆତ୍ମପ୍ରକାଶ କଲା ପ୍ରଥମ କବିତା ସଂକଳନ 'କବିତାବଳୀ' । ଏହିଠାରୁହିଁ ରାଧାନାଥଙ୍କ ବାସ୍ତବ ସାହିତ୍ୟିକ ଜୀବନର ଅୟମାରମ୍ଭ ହେଲା । ବାଲେଶ୍ୱରଠାରେ ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ଡେପୁଟି ଇନ୍‌ସପେକ୍ଟର ରହିବା ପରେ ଓଡ଼ିଶାର ଜଏଣ୍ଟ ଇନ୍‌ସପେକ୍ଟର ପଦକୁ ଉନ୍ନୀତ ହୋଇଥିଲେ କବିବର । ଏହି ସମୟରେ ସେ ବଙ୍ଗଳା ଭାଷାରେ ମଧ୍ୟ ଲେଖାଲେଖି ଆରମ୍ଭ କରି ଭୂଦେବ ମୁଖୋପାଧ୍ୟାୟଙ୍କୁ 'ଲେଖାବଳୀ' ନାମକ ଏକ କବିତା ଦେଇଥିଲେ । ଭୂଦେବଙ୍କ ପ୍ରେରଣାରେ ସେ ଲେଖିବା ପାଇଁ ଆଗେଇ ଚାଲିଲେ । ଜଏଣ୍ଟ ଇନ୍‌ସପେକ୍ଟର ପଦରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲିବାର ସୁଯୋଗ ପାଇ ଓଡ଼ିଶାର ପ୍ରକୃତି ସହିତ ପରିଚିତ ହୋଇଥିଲେ । ୧୮୮୨ ସେ ରାଧାନାଥ ଇନ୍‌ସପେକ୍ଟର ପଦକୁ ଉନ୍ନୀତ ହୋଇଥିଲେ । ୧୮୯୬ ମସିହାରେ ବ୍ରିଟିଶ ସରକାର ତାଙ୍କୁ ରାୟବାହାଦୂର ଉପାଧିଦ୍ୱାରା ସମ୍ମାନିତ କରିଥିଲେ । ଶେଷରେ ୧୯୦୩ ମସିହାରେ ଅବସର ନେଇଥିଲେ ଏବଂ ୧୯୦୮ ମସିହାରେ କଟକରୁ ଫେରି ଆସିଲା ପରେ ସାମାନ୍ୟ ଜ୍ୱର ସେହିବର୍ଷ ଅପ୍ରେଲ ୧୭ ତାରିଖ ଦିନ ସ୍ୱର୍ଗପଥର ଯାତ୍ରୀ ହେଲେ ।

## ୧.୫ ରାଧାନାଥଙ୍କ ସାହିତ୍ୟ

କବିବର ରାଧାନାଥ ରାୟ ଛାତ୍ରାବସ୍ଥାରୁ ଲେଖନୀ ଚାଳନା କରିଥିଲେ । ମାତ୍ର ଅଠର ବର୍ଷ ବୟସରେ ତାଙ୍କ ଦ୍ୱାରା ରଚିତ କେତେକ ବଙ୍ଗଳା କବିତା 'କବିତାବଳୀ'ର ପ୍ରଥମ ଭାଗରେ ପ୍ରକାଶିତ ହୋଇଥିଲା କାରଣ ବଙ୍ଗଳା ଭାଷାରେ ପ୍ରଥମେ ଲେଖାକାର୍ଯ୍ୟ ଆରମ୍ଭ କରିଥିଲେ କବିବର । ପରେ ପରେ ଓଡ଼ିଆ ଭାଷାରେ ଏକାଧିକ କାବ୍ୟକବିତା ରଚନା କରି ଓଡ଼ିଆ ସାହିତ୍ୟରେ ଏକ ନୂତନଯୁଗର ପ୍ରବର୍ତ୍ତନ କରିଗଲେ । କବି ରାଧାନାଥ ରାୟଙ୍କ ଲେଖାଗୁଡ଼ିକୁ ବିଶ୍ଳେଷଣ କଲେ ନିମ୍ନୋକ୍ତ ପ୍ରକାରେ ବିଭକ୍ତ କରାଯାଇଥାଏ । ଯଥା -

(କ) ବଙ୍ଗଳା ରଚନା - କବିତାବଳୀ ୧ମ (୧୮୬୮), କବିତାବଳୀ ୨ୟ (୧୮୭୨), ଲେଖାବଳୀ (୧୮୭୯) ।

(ଖ) ଅନୁବାଦ ସାହିତ୍ୟ - ମେଘଦୂତ (୧୮୭୩), ତୁଳସୀ ସ୍ତବକ, (୧୮୯୪) ଇତାଲୀୟଯୁବା (୧୮୭୪)

(ଗ) କାବ୍ୟକବିତା - ଓଡ଼ିଆ କବିତାବଳୀ ୧ମ (୧୮୭୬), କବିତାବଳୀ ୨ୟ (୧୮୮୫), କେଦାରଗୌରୀ (୧୮୮୬) ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮) ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା, ମହାଯାତ୍ରା (୧୮୯୨), ଯଯାତିକେଶରୀ (୧୮୯୪-୯୫), ତୁଳସୀ ସ୍ତବକ (୧୮୯୪), ଦରବାର (୧୮୯୪) ଓ ଉର୍ବଶୀ (୧୮୯୫) ।

(ଘ) ଗଦ୍ୟରଚନା - ବିବେକୀ (୧୮୭୩) । ପାର୍ବତୀ କାବ୍ୟର ଉପସଂହାର, ଉର୍ବଶୀ କାବ୍ୟର ଉପସଂହାର, ଭ୍ରମଣକାରୀର ପତ୍ର, ବାମଣ୍ଡ, ସାର୍ ରାଜା ବାସୁଦେବ ସୁଢଳ ଦେବ, ଉତ୍କଳ ସାହିତ୍ୟର ଉନ୍ନତି ଇତ୍ୟାଦି

(ଙ) ସଂସ୍କୃତ ରଚନା - ଭାରତ ଗୀତିକା, ଧବଳେଶ୍ୱର ସ୍ତୋତ୍ରମ୍, ଶ୍ରୀ କାନ୍ଧକାସ୍ତୁତି ।

(ଚ) ପାଠ୍ୟପୁସ୍ତକ - ବ୍ୟାକରଣ ପ୍ରବେଶ, ବ୍ୟାକରଣ ପରିଚୟ, ପଣିକିଆ ବୋଧିନୀ ।

(ଛ) ଅନ୍ୟାନ୍ୟ - ଦଶରଥ ବିୟୋଗ, ଦୁର୍ଯ୍ୟୋଧନର ରକ୍ତ-ନଦୀ ସନ୍ତରଣ ।

### କେଦାରଗୌରୀ (୧୮୮୫) :

କବିବର ରାଧାନାଥ ରାୟଙ୍କର ପ୍ରଥମ କାବ୍ୟ ହେଉଛି 'କେଦାରଗୌରୀ' । ଗ୍ରୀସ୍ ଦେଶର କବି ଓଭିଡ୍‌ଙ୍କର 'ମେଟାମରଫସିସ୍' କାବ୍ୟ ଓ ସେକ୍ସପିଅରଙ୍କ 'ମିଡ୍ ସମର ନାଇଟ୍‌ସ ଡ୍ରିମ୍' ନାଟକର ପଞ୍ଚମ ଅଙ୍କ ପ୍ରଥମ ଦୃଶ୍ୟରେ ରହିଥିବା 'କାଇରାମସ୍' ଓ 'ଥିସ୍‌ବି କାହାଣୀ' ଅବଲମ୍ବନରେ ଏହି କାବ୍ୟ ରଚିତ । ଭୁବନେଶ୍ୱର ଏକାମ୍ର ପୃଷ୍ଠଭୂମି ଉପରେ ଆଧାରିତ ଏହି କାବ୍ୟରେ ଅଛି ପ୍ରଣୟସ୍ନିଗ୍ଧ ଜୀବନର ଏକ ତ୍ୟାଗମୟ ଅଶ୍ରୁଳ କାହାଣୀ । କାବ୍ୟର କାହାଣୀ ଅନୁସାରେ କାବ୍ୟ ନାୟକ କେଦାର ତ କାବ୍ୟ ନାୟିକା ଗୌରୀ ବାଲ୍ୟକାଳରୁ ସଙ୍ଗୀ । ଯୌବନରେ ପଦାର୍ପଣ କରିବାପରେ ସେମାନେ ପରସ୍ପରକୁ ଭଲ ପାଇଛନ୍ତି ପିତାମାତାଙ୍କ ପ୍ରତିବନ୍ଧକ ସତ୍ତ୍ୱେ । ସେମାନେ କାନ୍ଥର ରନ୍ଧ୍ର ମଧ୍ୟଦେଇ ଏକାନ୍ତରେ ନିଜ ନିଜର ହୃଦୟର ଭାବକୁ ବ୍ୟକ୍ତ କଲେ । ଏବଂ ଦିନେ ସନ୍ଧ୍ୟାପରେ ଗୃହତ୍ୟାଗ କରି ନିକଟସ୍ଥ ଅରଣ୍ୟର ଥିବା ଝରଣା ନିକଟରେ ମିଳିତ ହେବାର ନିଷ୍ପତ୍ତି ନେଇଥିଲେ ।

ପ୍ରଥମେ ଗୌରୀ ଚାଲିଯାଇ ଅରଣ୍ୟ ପଥରେ ଏକ ବ୍ୟାଘ୍ରକୁ ଦେଖି ଭୟଭୀତ ହୋଇ ଗୋଟିଏ ଗୁହାରେ ଆତ୍ମଗୋପନ କରିଛି । ସେହି ସମୟରେ ତା'ର ଉତ୍ତରୀୟ ତଳେ ପଡ଼ିଯାଇଥିଲା । ସଦ୍ୟ ମୃଗଶିକାର କରି ଫେରୁଥିବା ବାଘଦ୍ୱାରା ଉତ୍ତରୀୟଟି ଖଣ୍ଡ ଖଣ୍ଡ ହୋଇ ସେଥିରେ ରକ୍ତର ଛିଟା ଲାଗିଲା । କିଛି ସମୟପରେ କେଦାର ସେଠାରେ ପହଞ୍ଚି ଗୌରୀର ଛିନ୍ନ ଉତ୍ତରୀୟ ଦେଖି ଗୌରୀକୁ ବାଘ ଖାଇଯାଇଥିବା ମନେକରି ସେ ନିଜର କୃପାଣରେ ଛାତିକୁ ବିଦ୍ଧ କରି ମୃତ୍ୟୁବରଣ କଲା । ଗୌରୀ ପହଞ୍ଚି କେଦାରର ମୃତ୍ୟୁ ଦେଖି ଦୁଃଖରେ ଭାଙ୍ଗିପଡ଼ିଲା ଓ ନିଜେ ମଧ୍ୟ ସେହି କୃପାଣରେ ଆତ୍ମହତ୍ୟା କଲା । ଲିଙ୍ଗରାଜ ମନ୍ଦିରର 'ନିର୍ମାଣ ରାଜା ଲଲାଟେନ୍ଦୁ କେଶରୀ ସ୍ୱପ୍ନାଦିଷ୍ଟ ହୋଇ ସେଠାରେ ପହଞ୍ଚିଛନ୍ତି ଓ ସେମାନଙ୍କ ପ୍ରେମର ସ୍ମାରକୀ ସ୍ୱରୂପ ସେଠାରେ ମନ୍ଦିର ନିର୍ମାଣ କରାଇ ସେଥିରେ କେଦାର ଓ ଗୌରୀର ନାମାନୁସାରେ ପ୍ରତିମା ସ୍ଥାପନକଲେ । ଏବେ ଭୁବନେଶ୍ୱରରେ କେଦାରଗୌରୀ ମନ୍ଦିର ବିଦ୍ୟମାନ । ଯେଉଁଠାରେ ଶିବ-ପାର୍ବତୀଙ୍କର ଉପାସନା କରାଯାଏ । କବି ରାଧାନାଥ ଏହି କାବ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାର ସମନ୍ୱୟକରି ଓଡ଼ିଆ ସାହିତ୍ୟରେ ପ୍ରଥମଥର ପାଇଁ ପ୍ରେମିକ ଓ ପ୍ରେମିକା ଏକ ସମୟରେ ମୃତ୍ୟୁ କରିଛନ୍ତି । ତ୍ୟାଗପୂତ ପ୍ରେମର ଏକ ଲଳିତ ଚିତ୍ର ଫୁଟିଉଠିଛି ଏହି କାବ୍ୟରେ ।

**ଚନ୍ଦ୍ରଭାଗା (୧୮୮୬) :**

କବିବର ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟ ମଧ୍ୟ ପାଶ୍ଚାତ୍ୟ କବି ଓଭିଡ୍‌ଙ୍କ 'ମେଟାଫର ଫସିସ୍' କାବ୍ୟର ଆପୋଲୋ ଓ ଡାଫ୍‌ନୀ କାହାଣୀ ଭିତ୍ତିରେ ରଚିତ । ଏଥିରେ ଆପୋଲୋ ହେଉଛନ୍ତି ସୂର୍ଯ୍ୟଦେବ ଏବଂ ଡାଫ୍‌ନୀ ହେଉଛି ତପସ୍ୱୀ ସୁମନ୍ୟୁଙ୍କର କନ୍ୟା ଚନ୍ଦ୍ରଭାଗା କାବ୍ୟର ଆରମ୍ଭରେ ଜଗନ୍ନାଥଙ୍କ ପୁଷ୍ପାଭିଷେକ ବର୍ଣ୍ଣିତ । ଏହାପରେ କାମଦେବ ଓ ସୂର୍ଯ୍ୟଙ୍କ ମଧ୍ୟରେ କଳହ ଲାଗିଛି । ଏହି କଳହରେ କାମଦେବ ପ୍ରତିଶୋଧ ପରାୟଣ ହୋଇ ପ୍ରତିଶୋଧ ସମୟକୁ ଅପେକ୍ଷାରତ ରୁହନ୍ତି । ଏକଦା ଆସନ୍ନ ସନ୍ଧ୍ୟା ସମୟରେ ସୂର୍ଯ୍ୟଦେବ ସୁମନ୍ୟୁ ଋଷିଙ୍କ ଅପସରା କନ୍ୟା ଚନ୍ଦ୍ରଭାଗାକୁ କନ୍ଦୁକ କ୍ରୀଡ଼ା କରୁଥିବା ସମୟରେ ଦେଖି ଚନ୍ଦ୍ରଭାଗାର ଭୁବନ ମନଲୋଭା କାନ୍ତିପ୍ରତି ଆକର୍ଷିତ ହୋଇ ବ୍ରାହ୍ମଣ ଯୁବକ ରୂପରେ ଆସି ପ୍ରେମ ନିବେଦନ କଲେ । ସୁଯୋଗ ଅପେକ୍ଷାରେ ଥିବା କନ୍ଦର୍ପ ଏହାକୁ ସଠିକ୍ ପ୍ରତିଶୋଧ ସମୟ ମନେକରି ସୂର୍ଯ୍ୟଙ୍କ ପ୍ରତି କାମରେ ନିକ୍ଷେପ କଲେ ଓ ସେହି ଶରକୁ ବିପରୀତ ଭାବରେ ଖଞ୍ଜି ଚନ୍ଦ୍ରଭାଗାଙ୍କ ପ୍ରତି ନିକ୍ଷେପ ଦେଲେ । କାମଶର ସୂର୍ଯ୍ୟ-ଦେବଙ୍କ ମନରେ ପ୍ରବଳ କାମଭାବ ଜାତ କରିବାବେଳେ ଚନ୍ଦ୍ରଭାଗା ପାଖରେ ଠିକ୍ ବିପରୀତ ବିରାଗଭାବ ଜାତ ହେଲା । ସୂର୍ଯ୍ୟ ଚନ୍ଦ୍ରଭାଗାଙ୍କୁ ପାଇବା ପାଇଁ ତାଙ୍କ ପଶ୍ଚାତ୍‌ଧାବନ କଲେ । ସୂର୍ଯ୍ୟ ଚନ୍ଦ୍ରଭାଗାଙ୍କୁ ପାଇବା ପାଇଁ ତାଙ୍କ ପଶ୍ଚାତ୍‌ଧାବନ କଲେ । ଅସହାୟ ଚନ୍ଦ୍ରଭାଗା ନିଜକୁ ରକ୍ଷାକରିବା ପାଇଁ ଧାଇଁ ଧାଇଁ ଶେଷରେ ସମୁଦ୍ର ନିକଟରେ ପହଞ୍ଚି ତାଙ୍କ ମାତା ସାଗର ଅପ୍‌ସରୀଙ୍କୁ କୋଳଙ୍କୁ ନେଇଯିବା ନିମନ୍ତେ ଅନୁରୋଧ କରନ୍ତେ ତତ୍‌କ୍ଷଣାତ୍ ସମୁଦ୍ର ଢେଉ ପର୍ବତାକାରରେ ମାଡ଼ି ଆସି ଚନ୍ଦ୍ରଭାଗାଙ୍କୁ ନୀଳ ଉର୍ମିମାଳାରେ ନିଶ୍ଚିହ୍ନ କରିନେଲେ । ସୁମନ୍ୟୁ ଋଷି ଧ୍ୟାନବଳରେ ଏସବୁ ଘଟଣା ଜାଣିପାରି ସୂର୍ଯ୍ୟଙ୍କର ମନ୍ଦିର ଧୂଳିସାତ ହେବାପାଇଁ ଅଭିଶାପ ଦେଲେ ଯତ୍‌ଦ୍ୱାରା ଭୟଙ୍କର ଶବ୍ଦ ସହିତ ବସୁଧା ଫାଟି ସୂର୍ଯ୍ୟମନ୍ଦିର ଭାଙ୍ଗିପଡ଼ିଲା । ଏହି କାବ୍ୟର ବିଷୟବସ୍ତୁ ସଂପୂର୍ଣ୍ଣ ଭାବରେ କାଳ୍ପନିକ ହେଲେ ମଧ୍ୟ କବିବର ରାଧାନାଥଙ୍କ ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା ଏକ ବିଦେଶୀ କାହାଣୀ ଅବଲମ୍ବନରେ ପ୍ରକାଶ ପାଇଛି ।

## ନନ୍ଦିକେଶ୍ୱରୀ :

ଓଭିଡ୍‌ଙ୍କ 'ମେଟାମରଫସିସ୍' କାବ୍ୟଗ୍ରନ୍ଥର ଅଷ୍ଟମ କବିତା । ଦି କିଙ୍ଗ୍ ମିନସ୍ ଏଣ୍ଡ୍ ସିଲା' କାହାଣୀ ଓ କବି ବାଇରନ୍‌ଙ୍କ 'ଦି ସିଜ୍ ଅଫ୍ କୋରିନ୍ଥ' ଗ୍ରନ୍ଥରୁ କାହାଣୀ ସଂଗ୍ରହ କରି କବିବର ରାଧାନାଥ ରାୟ ରଚନା କରିଛନ୍ତି 'ନନ୍ଦିକେଶ୍ୱରୀ' କାବ୍ୟ । ଏହି କାବ୍ୟରେ ମଧ୍ୟ ଇତିହାସ ଓ କିମ୍ବଦନ୍ତୀକୁ ଯୋଡ଼ିଦେଇ ସ୍ଥାନୀୟ ରୂପ ଦିଆଯାଇଛି । ନନ୍ଦିକା ଯଦିଓ ଇତିହାସର ଚରିତ୍ର ନୁହନ୍ତି ତଥାପି ରାଧାନାଥଙ୍କ ହାତରେ ସେ ହୋଇଗଲେ ଇତିହାସଠାରୁ ବୃହତ୍ତର ସତ୍ୟ ଚରିତ୍ର । ମାଦଳାପାଞ୍ଜିର କିମ୍ବଦନ୍ତୀ ଉପରେ ନିର୍ଭର କରି ବିଦେଶୀ କଥାବସ୍ତୁ ଆଣି କାବ୍ୟ ରଚନା କଲେ । ତେଣୁ କାବ୍ୟର ନନ୍ଦିକା ହୋଇଯାଇଛି ରାଧାନାଥୀ ପ୍ରତିଭାର କାବ୍ୟିକ ପ୍ରତିଭୂ । ସୁବର୍ଣ୍ଣକେଶରୀଙ୍କ କନ୍ୟା ନନ୍ଦିକା ଭଲପାଇ ବସିଲା ରାଜ୍ୟ ଓ ପିତାଙ୍କ ଶତ୍ରୁ ଚୌଡ଼ଗଙ୍ଗଦେବଙ୍କୁ । ତେଣୁ ଗୋପନରେ ସେ ପିତାଙ୍କ ଜୈତ୍ରମଣିକୁ ହରଣ କରି ନେଇ ଶତ୍ରୁ ଶିବିରକୁ ଯାଇଛି, ମାତ୍ର ଚୌଡ଼ଗଙ୍ଗଦେବ ତାକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ଫଳରେ ନନ୍ଦିକା ପିତାଙ୍କ ପାଖକୁ ଖଣ୍ଡେ ଚିଠି ଲେଖି ଆତ୍ମହତ୍ୟା କରନ୍ତି । ପିତା କନ୍ୟାର ଚିଠିପାଇ ମର୍ମାହତ ହେଲେ ଏବଂ କନ୍ୟା ନନ୍ଦିକାର ଶବ ସଂସ୍କାର କରି ମହାନଦୀ ପଠାରେ ତା'ର ସମାଧି ନିର୍ମାଣ କଲେ । ଯାହା ଫଳରେ ସେ ପଠାର ନାମହେଲା ନନ୍ଦିକେଶ୍ୱରୀ ପଠା । ସୁବର୍ଣ୍ଣକେଶରୀ ମଧ୍ୟ ଚୋଡ଼ଗଙ୍ଗ ଦେବଙ୍କୁ ଓଡ଼ିଶାର ସିଂହାସନ ସମର୍ପଣ କରିଦେଲେ । 'କେଦାରଗୌରୀ' ଓ 'ଚନ୍ଦ୍ରଭାଗା' କାବ୍ୟପରେ 'ନନ୍ଦିକେଶ୍ୱରୀ' କାବ୍ୟ କବି ରାଧାନାଥଙ୍କ କାବ୍ୟିକ ପ୍ରତିଭାର ଦୀପ୍ତି ବହନ କରି ଓଡ଼ିଆ ସାହିତ୍ୟର ଉଲ୍ଲେଖଯୋଗ୍ୟ ଭୂମିକା କରିଥିଲା । ଏହି କାବ୍ୟରେ କବିଙ୍କ ଉଚ୍ଚକୋଟୀର ବର୍ଣ୍ଣନାଚାତୁରୀର ପରିଚୟ ପ୍ରଦାନ କରେ । ନନ୍ଦିକାର ରୂପବର୍ଣ୍ଣନା, ଉତ୍କଳର ବିଭିନ୍ନ ଅଞ୍ଚଳର ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ଓ ପ୍ରଭାତ ବର୍ଣ୍ଣନାରେ କବିଙ୍କ ଅପୂର୍ବ କବିତ୍ୱ ଫୁଟିଉଠିଛି ।

## ଉଷା (୧୮୮୮) :

'ଉଷା' କାବ୍ୟର କଥାବସ୍ତୁ ଓ ବର୍ଣ୍ଣନାକୌଶଳକୁ କବି ରାଧାନାଥ ରୋମାନ୍ କବି ଓଭିଡ୍‌ଙ୍କର 'ହିପୋମିନସ୍ ଏଣ୍ଡ ଆଟ୍‌ଲାଣ୍ଟା' କାବ୍ୟ ଏବଂ ଇଂରାଜୀ କବି ଉଇଲିୟମ୍ ମରିସ୍‌ଙ୍କ 'ଦି ଆର୍ଥଲି ପାରାଡାଇଜ୍' କାବ୍ୟ ଗ୍ରନ୍ଥ ଅନ୍ତର୍ଗତ 'ଆଟଲାଣ୍ଟା ରେସ୍' ଅବଲମ୍ବନରେ ପରିକଳ୍ପନା କରାଯାଇଛି । ଏହି କାବ୍ୟର ନାୟକ ଜୟନ୍ତ ଓ ନାୟିକା ଉଷା ଯଥାକ୍ରମେ ମୂଳ କାବ୍ୟର ମିଲାନିୟମ ଓ ଆଟଲାଣ୍ଟା । କବି ରାଧାନାଥ ପ୍ରଥମେ ବଳାଙ୍ଗୀ, ଗଙ୍ଗାହାର ଓ ଶୋଣ ନଦୀର ବର୍ଣ୍ଣନାକରି ବଳାଙ୍ଗୀ ତୀର ପ୍ରଦେଶରେ ନୁରୁ ରାଜା କାଳିମନ୍ଦିର ପ୍ରତିଷ୍ଠା କରିବା ଓ କାଳୀଙ୍କ କୃପାରୁ ଶକ୍ତିଶାଳୀ ହେବା ଘଟଣାକୁ ବର୍ଣ୍ଣନା କରିଅଛନ୍ତି । କାଳୀଙ୍କ କରୁଣାରୁ ଏକ କନ୍ୟା ଜାତ ହେଲା ଯାହାର ନାମ ଉଷା । କାବ୍ୟ ନାୟକ ଜୟନ୍ତ ହେମପୁର ରାଜାଙ୍କ ପୁତ୍ର । ସେ ମଧ୍ୟ ଶିକାର ଦକ୍ଷ ଓ କାର୍ତ୍ତିକେୟଙ୍କଠାରୁ ବରପ୍ରାପ୍ତ । ଉଷା ସ୍ୱୟମ୍ବର ସଭାରେ ଯୋଗଦେବାକୁ ଯାଇ ସେ ଉଷାଙ୍କ ସହିତ ଦୌଡ଼ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦିତା କରିଲା । ପ୍ରତିଯୋଗିତା ସମୟରେ ଜୟନ୍ତ କାର୍ତ୍ତିକେୟଙ୍କୁ ସ୍ମରଣ କରି ସୁନାର ତିନୋଟି ପଦ୍ମଫୁଲ ପାଇ ଉଷା ଆଗକୁ ଗୋଟିଏ ଲେଖା ଫୁଲ ପକାଇଲେ । ଉଷା ସେହି ଫୁଲକୁ ଗୋଟେଇବାରୁ ଦଉଡ଼ିବାରେ ବିଳମ୍ବହେଲା ଏବଂ ଜୟନ୍ତ ବିଜୟୀ ହେଲେ । ଜୟନ୍ତର ବିଜୟରେ ଉଷା ହାରିଯାଇ ମଧ୍ୟ ଅତ୍ୟନ୍ତ ଖୁସିହେଲେ ଏବଂ ତାଙ୍କୁ ବିବାହ କଲେ । କିନ୍ତୁ ବିବାହ ସମୟରେ ହସ୍ତଗ୍ରନ୍ଥି ପଡ଼ିବାମାତ୍ରେ ସେମାନଙ୍କର ମୃତ୍ୟୁ ହେଲା । ରାଜା ଓ ରାଣୀ ତଥା ଅନ୍ୟମାନେ ଏଥିରେ

ମର୍ମାହତ ହୋଇ କ୍ରନ୍ଦନ କଲେ । ମାତ୍ର ରାଜାଙ୍କୁ କାଳୀ ସ୍ୱପ୍ନରେ ଜୟନ୍ତ ଓ ଉଷାର ପୂର୍ବଜନ୍ମ କଥା କହି ଜଣାଇଦେଲେ ଯେ ସେମାନେ ଗନ୍ଧର୍ବ ଚିତ୍ରରଥ ଓ ଅପସରା ତିଳୋତ୍ତମା ଥିଲେ । କାଳୀଙ୍କ ଅଭିଶାପ ଯୋଗୁଁ ସେମାନଙ୍କର ମୃତ୍ୟୁ ହେଲା । ରାଜା ଜାମାତା ଓ କନ୍ୟାଙ୍କ ଶବ ସଂସ୍କାର ପୂର୍ବକ ସେହି ସ୍ଥାନରେ ଉଷାମଣ୍ଡପ ନିର୍ମାଣ କରାଇଲେ । ସେହି ମଣ୍ଡପର ନାମହେଲା ଉଷାମଣ୍ଡପ । ଏହି କାବ୍ୟରେ ପ୍ରକୃତି ବର୍ଣ୍ଣନା ଅତ୍ୟନ୍ତ ଜୀବନ୍ତ ଓ ହୃଦ୍ୟ ହୋଇପାରିଛି । ପୁଣି ପ୍ରେମ ଓ କାରୁଣ୍ୟ, ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟ 'ଉଷା' କାବ୍ୟକୁ କରିଦେଇଛି ମହିମାମୟ ।

**ପାର୍ବତୀ (୧୮୯୦) :**

ଗ୍ରୀକ୍ କବି ହୋମରଙ୍କ 'ଇଲିଆଡ୍' ଆସ୍‌କାଇଲାସ୍‌ଙ୍କ 'ଆଗାମେମ୍‌ନନ' ନାଟକ ଓ ସେକ୍‌ସପିୟରଙ୍କ 'ହାମଲେଟ୍' ନାଟକ ଭିତ୍ତିରେ ମାଦଳାପାଞ୍ଜିର ଗଙ୍ଗେଶ୍ୱରଦେବଙ୍କ କାହାଣୀକୁ ନେଇ କବିବର ରାଧାନାଥ ରାୟ ରଚନା କରିଛନ୍ତି 'ପାର୍ବତୀ' କାବ୍ୟ । ଏହି କାବ୍ୟର ଆରମ୍ଭ ହୋଇଛି ନୀଳାଚଳ କ୍ଷେତ୍ରରେ ଦୋଳ ମହୋତ୍ସବର ବର୍ଣ୍ଣନାରୁ । ରାଜା ଗଙ୍ଗେଶ୍ୱର ଦେବ ମୟୁରଭଞ୍ଜର ରତ୍ନପୁର ଦୁର୍ଗ ଅବରୋଧ ପାଇଁ ସାଙ୍ଗରେ ନିଜର ରୂପସୀ କନ୍ୟା କୌଶଲ୍ୟାକୁ ନେଇ ଯାଇଛନ୍ତି । ଏହି ସମୟରେ ରାଜା ଦୋମାସକ୍ତ ହୋଇ ନିଜର କନ୍ୟାକୁ ଉପଭୋଗ କରନ୍ତି । ଫଳରେ କୌଶଲ୍ୟା ହେଲା ଗର୍ଭବତୀ । ରାଜା ଲୋକ ଲଜ୍ଜାରୁ ବଞ୍ଚିବା ପାଇଁ କୌଶଲ୍ୟା ଓ ତା'ର ନବଜାତ ଶିଶୁପୁତ୍ରକୁ ନିର୍ମମ ଭାବରେ ଧଉଳି ପର୍ବତ ନିକଟବର୍ତ୍ତୀ ଏକ ଗଭୀର କୂପ ମଧ୍ୟରେ ପକାଇ ଉପରୁ ବନ୍ଦ କରିବା ପାଇଁ ଆଦେଶ ଦେଲେ ତେଣୁ କୂପ ମଧ୍ୟରେ ପୁତ୍ର ଓ କୌଶଲ୍ୟ ମୃତ୍ୟୁବରଣ କଲେ । ଏଣେ ରାଜା ପ୍ରଚାର କରିଦେଲେ ଯେ କୌଶଲ୍ୟା ପାପଗର୍ଭ ହୋଇ କେଉଁଆଡ଼େ ଚାଲିଯାଇଛି । ପୁରୀର ରାଣୀ ଏ ସମ୍ବାଦ ପାଇଁ ଅତୀବ ବିଷାଦିତ ହେଲେ ଏବଂ ଜଗନ୍ନାଥଙ୍କ ମନ୍ଦିରକୁ ଆସି ଗରୁଡ଼ଖମ୍ବ ପାଖରେ ଅଧିଆ ପଡ଼ିଲେ । ସେଠାରେ ସେ ଶୂନ୍ୟବାଣୀ ଶୁଣିଲେ ଯେ କୌଶଲ୍ୟା ନିଜେ ଆସି ତା'ର କରୁଣ କାହାଣୀ କହିବ । ରାଣୀ ରଜନବରକୁ ଫେରି ଆସି ଅପେକ୍ଷାରତ ରହିଲେ । ଶେଷରେ ସତକୁ ସତ ଦିନେ ରାତ୍ରିରେ କୌଶଲ୍ୟାର ପ୍ରେତ ଆସି ରାଣୀଙ୍କୁ ରାଜାଙ୍କ ବ୍ୟବହାର ଓ ତା'ର ମୃତ୍ୟୁ ଘଟଣା ବର୍ଣ୍ଣନା କଲେ । ରାଣୀ ସବୁ କଥାଶୁଣି କ୍ରୋଧାନ୍ୱିତ ହୋଇ କୌଶଳପୂର୍ବକ ପ୍ରତିଶୋଧ ନେବା ପାଇଁ ନିରବ ରହିଲେ । ଏହି ସମୟରେ ରାଜା ରତ୍ନପୁର ବିଜୟକରି ରତ୍ନପୁର ରାଜଜେମାଙ୍କୁ ଆଣି ବିବାହ କରିବା ସ୍ଥିର କଲେ । ମାତ୍ର ରାଜଜେମା ଅନ୍ନପୂର୍ଣ୍ଣା ରାଜାଙ୍କ ପୁତ୍ରକୁ ଭଲ ପାଉଥିଲେ । ଏ କଥା ମଧ୍ୟ ରାଣୀଙ୍କୁ ଜେମାଠାରୁ କହିଦେଇ ଆତ୍ମହତ୍ୟା କଲେ । ଏସବୁ କଥାରେ ରାଣୀ ଆହୁରି ରାଗିଯାଇ ରାଜାଙ୍କୁ ଏକ ଦୋଳିରେ ବସାଇ ତାଙ୍କର ହାତପାଦକୁ ଫୁଲମାଳରେ ବାନ୍ଧିଦେଲେ ଓ ଉଗ୍ରଚଣ୍ଡୀ ମୂର୍ତ୍ତି ଧାରଣକରି ଶାଣିତ କଟାରରେ ରାଜାଙ୍କୁ ହତ୍ୟା କଲେ । ସେପଟେ ରାଜଜେମା ଅନ୍ନପୂର୍ଣ୍ଣାର ମୃତ୍ୟୁରେ ଯୁବରାଜ ଏକଜାତ ମଧ୍ୟ ମର୍ମାହତ ହୋଇ ମୃତ୍ୟୁବରଣ କଲେ । ଶେଷରେ ରାଣୀ ରାଜନବର ତ୍ୟାଗକରି କେଉଁଆଡ଼େ ଚାଲିଗଲେ । ଏହାହିଁ ପାର୍ବତୀ କାବ୍ୟର କଥାବସ୍ତୁ । ଏହା ରାଧାନାଥଙ୍କ ଏକ ସୁନ୍ଦର କରୁଣ ରସାତ୍ମକ ଅସମ୍ପୂର୍ଣ୍ଣ କାବ୍ୟ ହେଲେ ମଧ୍ୟ ଏଥିରେ ପିତା ଓ କନ୍ୟାର ସମ୍ଭୋଗ କାହାଣୀ ବର୍ଣ୍ଣିତ ଥିବାରୁ କବି ସମାଲୋଚନାର ପାତ୍ର ହୋଇଥିଲେ । ଏହା ସତ୍ତ୍ୱେ ମଧ୍ୟ ଏହି କାବ୍ୟରେ କବିଙ୍କ ପ୍ରତିଭାର ପରିଚୟ ମିଳିଥାଏ ।

## ଚିଲିକା (୧୮୯୧) :

ପ୍ରକୃତିର ବର୍ଣ୍ଣୋତ୍ସବମୟ ବର୍ଣ୍ଣନାର ମନ୍ମୟ ଆଲେଖ୍ୟ ହେଉଛି ରାଧାନାଥଙ୍କ 'ଚିଲିକା' ଖଣ୍ଡକାବ୍ୟ ! ଏପରି ଏକ କାବ୍ୟ - ପରିକଳ୍ପନା ଥିଲା ଓଡ଼ିଆ ସାହିତ୍ୟରେ ସମ୍ପୂର୍ଣ୍ଣ ଅଭିନବ। ଗୋଟିଏ ଜଡ଼ ହ୍ରଦକୁ କାବ୍ୟନାୟିକା ଭାବେ ବର୍ଣ୍ଣନା କରି ତା'ରି ଭିତରେ ଉତ୍କଳର ଇତିହାସ, କିମ୍ବଦନ୍ତୀ, ନଦନଦୀ, ବନପର୍ବତ, ଅତୀତ ଓ ବର୍ତ୍ତମାନ ସବୁକୁ ଏକାକାର କରିଦେଇ କାବ୍ୟ ରଚନା କରିବା ବାସ୍ତବିକ ଏହା କବିଙ୍କ କାବ୍ୟ ପ୍ରତିଭା ବ୍ୟତୀତ ଅନ୍ୟ କିଛି ନୁହେଁ। ଚିଲିକାର ନୀଳଜଳ, ବିହଙ୍ଗ ବିହାର, ପାହାଡ଼ ପର୍ବତ, ଦ୍ୱୀପପୁଞ୍ଜ, ତୀରବନ, ଚନ୍ଦ୍ର ରଜନୀ, ଧୀବରମାନଙ୍କର ନୌକାଯାତ୍ରା ସବୁକିଛି ସୁନ୍ଦର ଓ ଜୀବନ୍ତ। ଏହା ଅପୂର୍ବ ଶୋଭାର ଆଧାର। ତେଣୁ ଚିଲିକାକୁ ଯେତେ ଦେଖୁଥିଲେ ମଧ୍ୟ କବିଙ୍କୁ ନୂଆ ନୂଆ ମନେ ହେଉଛି। ଏହା ଯେଉଁପରି ସୁନ୍ଦର ସେପରି ପବିତ୍ର ମଧ୍ୟ। ଏହି ହ୍ରଦ ଓଡ଼ିଆ ଜାତିର ବହୁସୁଖ- ଦୁଃଖର ମୂକସାକ୍ଷୀ ହୋଇ ରହିଛି ପୁଣି। ସେଥିପାଇଁ ଦେବି ଚିଲିକାକୁ ଶୋକପାସୋରା ଅପ୍ସରା ଭୁବନ ବୋଲି ଅଭିହିତ କରି ଏହାରି କୂଳରେ ଶେଷ ଜୀବନ କଟାଇବେ ବୋଲି ମନସ୍ଥ କରିଥିଲେ ମଧ୍ୟ ତାଙ୍କର ଶେଷଇଚ୍ଛା ପୂରଣ ହୋଇପାରିନାହିଁ। ଏଣୁ କବି ଦୁଃଖ ପ୍ରକାଶ କରିଛନ୍ତି। 'ଚିଲିକା' କାବ୍ୟର ଉପସଂହାର ବେଳକୁ କବିଙ୍କର ଜୀବନଦର୍ଶନ ପ୍ରକାଶ ପାଇଛି। ଏହି ଜୀବନଦର୍ଶନ ହେଉଛି ଜୀବନ ଦୁଃଖମୟ ଓ ଅଳୀକ। ଏହାପରେ ପରେ କବିଙ୍କର ଆଶାବାଦ ପ୍ରକାଶ ପାଇଛି। ଉତ୍କଳ ଭାଷା ଓ ସାହିତ୍ୟର ବିକାଶ ହେବ ବୋଲି ଆଶା ପ୍ରକଟିତ ହୋଇଛି। ସମଗ୍ର କାବ୍ୟରେ କବିଙ୍କର ପ୍ରକୃତି ପ୍ରୀତି, ଜାତୀୟତାବୋଧ, ଇତିହାସ ଓ ପୁରାଣ ଦୃଷ୍ଟି, ଭାଗ୍ୟବାଦ, ଦୁଃଖବାଦ ଓ ବ୍ୟକ୍ତିତ୍ୱ ବନ୍ଦନ ପ୍ରକାଶ ପାଇଛି।

## ମହାଯାତ୍ରା (୧୮୯୧-୯୨) :

କବିବର ରାଧାନାଥ ରାୟଙ୍କ ଦ୍ୱାରା ରଚିତ 'ମହାଯାତ୍ରା' ହେଉଛି ଆଧୁନିକ ଓିଆ ସାହିତ୍ୟର ପ୍ରଥମ ବାର୍ତ୍ତାର ଏହା ସଫଳ ପରିପ୍ରକାଶ। ମାତ୍ର ସାତୋଟି ସର୍ଗକୁ ନେଇ ଏହି ଅସଂପୂର୍ଣ୍ଣ କାବ୍ୟର କଳେବର ଗଠିତ। ମହାଭାରତ ଯୁଦ୍ଧର ଶେଷରେ ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଓ ଜ୍ଞାତିକୁଟୁମ୍ବଙ୍କ ମୃତ୍ୟୁରେ ମର୍ମାହତ ହୋଇ ପଞ୍ଚୁପାଣ୍ଡବ ପରୀକ୍ଷିତଙ୍କୁ ସିଂହାସନରେ ବସାଇ ମହାପ୍ରସ୍ଥାନରେ ବାହାରିଗଲେ। ସମଗ୍ର ଉତ୍ତର ପଥଦେଇ ଲୋହିତ୍ୟା ନିକଟରେ ପହଞ୍ଚିଲେ। ମୂଳ ସଂସ୍କୃତ ମହାଭାରତରେ ଅଛି ଯେ ସେହିଠାରେ ଅଗ୍ନିଙ୍କ ନିର୍ଦ୍ଦେଶରେ ଅର୍ଜୁନ ଗାଣ୍ଡିବ ଧନୁ ଫିଙ୍ଗିଦେଇ ସମସ୍ତେ ସ୍ୱର୍ଗାରୋହଣ କଲେ। ରାଧାନାଥ କିନ୍ତୁ ସେମାନଙ୍କୁ ଲୋହିତ୍ୟାଠାରୁ ପୁନଶ୍ଚ ଓଡ଼ିଶାକୁ ନେଇ ଆସି ଓଡ଼ିଶାର ନଦନଦୀ, ଗିରି, କାନ୍ତାର ଅତିକ୍ରମ କରାଇ ବହୁ ତୀର୍ଥ ଭ୍ରମଣ କରାଇଛନ୍ତି। ମହୋଦଧି ତଟରେ ସେମାନେ ଅଗ୍ନିଦେବତାଙ୍କୁ ସାକ୍ଷାତ ପାଇଥିଲେ ଦ୍ୱାପର ଯୁଗର ଶେଷ ଦିନରେ। ତା'ପର ଦିନଠାରୁ କଳିଯୁଗ ଆରମ୍ଭ ହୋଇଛି। ତା'ପରେ ଅଗ୍ନିଦେବତା ସେମାନଙ୍କୁ ପୁଣି ଦର୍ଶନ ଦେଇ ମହାଯାତ୍ରା ଉଦ୍ଦେଶ୍ୟରେ ଶୀଘ୍ର ହିମାଳୟ ଯାତ୍ରା ପାଇଁ ଉପଦେଶ ଦେଇଛନ୍ତି। ଶେଷ ଦୁଇଟି ସର୍ଗରେ ଭାରତର ଇତିହାସ ଓ ପାଣ୍ଡବମାନଙ୍କ ମହାପ୍ରୟାଣ ଘଟଣାହିଁ ବର୍ଣ୍ଣିତ। ଏହା ହିଁ ମହାଯାତ୍ରାର ମୂଳ କଥାବସ୍ତୁ। କବିବର ଏହି କାବ୍ୟକୁ ତିରିଶିଟି ସର୍ଗରେ ସମାପ୍ତ କରିବାର ପରିକଳ୍ପନା କରି ବାରଟି ସର୍ଗର ରଚନା ଓ ଅବଶିଷ୍ଟ ଅଠରଟିର ଖସଡ଼ା ପ୍ରସ୍ତୁତ କରିସାରିଥିଲେ ମଧ୍ୟ ଇଂରେଜ ସରକାରଙ୍କ ଆକ୍ଷେପ ଯୋଗୁଁ ବାଧହୋଇ ୭ଟି ସର୍ଗ ପର୍ଯ୍ୟନ୍ତ ରଖି ଅବଶିଷ୍ଟ ଲିଖିତାଂଶ ଓ ଖସଡ଼ାକୁ ପୋଡ଼ି

ଦେଇଥିଲେ। ଯାହା ଫଳରେ ଓଡ଼ିଆ ଭାଷାର ପ୍ରଥମ ଆଧୁନିକ ମହାକାବ୍ୟ ଅସଂପୂର୍ଣ୍ଣ ହୋଇ ରହିଗଲା। କବି ରାଧାନାଥ 'ମହାଯାତ୍ରା' କାବ୍ୟ ପୂର୍ବରୁ ଯେଉଁ କାବ୍ୟ ରଚନା କରିଥିଲେ ସେଥିରେ ତାହାଙ୍କୁ ରୋମାଣ୍ଟିକ୍ ବା ସୌରବାଦୀ କବି ଭାବେ ଗଣନା କରାଯାଉଥିଲା ମାତ୍ର ଏହି କାବ୍ୟର ଯେଉଁ ବ୍ୟତିକ୍ରମ ଦେଖାଇଲେ ତାହା କବିଙ୍କୁ ଜଣେ ଯୁଗସ୍ରଷ୍ଟା କବିଭାବେ ପରିଚିତ କରିଦେଲା। ଅମିତ୍ରାକ୍ଷର ଛନ୍ଦକୁ ପ୍ରୟୋଗକରି କବି ଏହି 'ମହାଯାତ୍ରା' କାବ୍ୟ ମାଧ୍ୟମରେ ପ୍ରଥମକରି ଓଡ଼ିଆ କାବ୍ୟକବିତାକୁ ସଫଳ ଓ ସାର୍ଥକ ପ୍ରକାଶ ଭଙ୍ଗୀ ପ୍ରଦାନ କଲେ।

## ଦରବାର (୧୮୯୬) :

କବି ରାଧାନାଥ ରାୟଙ୍କ 'ଦରବାର' କାବ୍ୟ ହେଉଛି ଏକ ବ୍ୟଙ୍ଗାତ୍ମକ କାବ୍ୟ। 'ଉତ୍କଳ ସାହିତ୍ୟ' ପତ୍ରିକାରେ ଏହା ପ୍ରଥମେ 'ବ୍ୟୈୟାସିକୀ ବାଣୀ' ନାମରେ ଆତ୍ମପ୍ରକାଶ କରି ପରେ 'ଦରବାର' ନାମରେ ପରିବର୍ତ୍ତିତ ହୋଇଥିଲା। ଇଂରେଜ ଶାସନ, ଶିକ୍ଷା, ସଂସ୍କୃତି ଓ ସଭ୍ୟତା ଫଳରେ ଓଡ଼ିଶାରେ ଏକ ନୂତନ ସାହେବ ଶ୍ରେଣୀର ଉଦ୍‌ଭବ ହୋଇଥିଲା ଯେଉଁମାନେ ଏ ଦେଶର ସଂସ୍କୃତି, ଭାଷା ଓ ସାହିତ୍ୟକୁ ଘୃଣା କରିବାକୁ ଲାଗିଲେ। ଏହି କାବ୍ୟରେ ସେହିଭଳି ଲୋକଙ୍କୁ ରାଧାନାଥ ଆଘାତ ଦେଇଛନ୍ତି। ଉପାଧି ଓ ଆସନ ପାଇଁ ବ୍ରିଟିଶ ସରକାରଙ୍କ ପଦଲେହନ କରୁଥିବା କ୍ଷୟିଷ୍ଣୁ ରାଜା ଓ ଜମିଦାରମାନଙ୍କୁ ତୀବ୍ର ଆଘାତ ଦେଲେ। ୧୮୯୪ ଅଗଷ୍ଟ ୨୯ ତାରିଖ ଦିନ କଟକର ବାରବାଟୀ ଜିଲ୍ଲାରେ ଏକ ଦରବାର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସାମନ୍ତ ଚନ୍ଦ୍ରଶେଖର ଓ କବିଙ୍କ ଭଗିନୀପତି କାଉପୁରର ଜମିଦାର ଗୋବିନ୍ଦ ବଲ୍ଲଭ ରାୟଙ୍କୁ 'ରାୟବାହାଦୂର' ଉପାଧି ଦେବାର ବ୍ୟବସ୍ଥା ରହିଥିଲା। ଏହି ଉତ୍ସବକୁ କୌଣସି କାରଣବଶତଃ ପଠାଣିସାମନ୍ତ ଆସିନପାରିବାରୁ କେବଳ ଗୋବିନ୍ଦବଲ୍ଲଭଙ୍କୁ ଉପାଧି ପ୍ରଦାନ କରାଗଲା। ଏହି ଉତ୍ସବକୁ ବହୁ ରାଜା, ଜମିଦାର ଓ ସରକାରୀ କର୍ମଚାରୀ ଯେପରି ପୋଷାକ ପରିଧାନ କରି ବାଣଫୁଟାଇ ବାଜାବଜାଇ ଆସିଥିଲେ, ତାହାକୁ ରାଧାନାଥ କଠୋର ସମାଲୋଚନା କରି ବ୍ୟଙ୍ଗାତ୍ମକ ମାଧ୍ୟମରେ ଏହି ଖଣ୍ଡକାବ୍ୟଟି ପରିକଳ୍ପନା କରିଥିଲେ। କେତେକ ସାହେବୀ ପୋଷାକ ପିନ୍ଧି ସାହେବୀ ଠାଣିରେ ଯେପରି କଥାବାର୍ତ୍ତା କରିଛନ୍ତି, ତାକୁ କବି ଘୋର ସମାଲୋଚନା କରିଛନ୍ତି। ଶେଷରେ କବି ଆସନପାଇଁ ସୃଷ୍ଟି ହୋଇଥିବା କଳହ, ରାଜାମାନଙ୍କର ଭୋଗବିଳାସ ଓ ଅନୀତି ଆରେଣ, ଚନ୍ଦ୍ରଶେଖରଙ୍କ ମହିମାମୟ ବ୍ୟକ୍ତିତ୍ୱ ଓ ଦୁର୍ଦ୍ଦଶା ମଧ୍ୟ ବର୍ଣ୍ଣନା କରିଛନ୍ତି। ଏକ ବ୍ୟଙ୍ଗକାବ୍ୟ ଭାବରେ 'ଦରବାର' କାବ୍ୟର ସଫଳତା ଅନନ୍ୟ।

## ଯଯାତିକେଶରୀ (୧୮୯୪) :

'ଯଯାତିକେଶରୀ' କବିଙ୍କର ଅନ୍ୟତମ ପ୍ରଣୟମୂଳକ କାବ୍ୟ। ମଗଧର ଜନୈକା ରାଜାଙ୍କ ପ୍ରଥମା ପତ୍ନୀଙ୍କ ଗର୍ଭରୁ ପୁଅ ଯଯାତି ଓ କନ୍ୟା ବିମଳା ଯମଜ ଭାବେ ଜନ୍ମଲାଭ କଲେ। ରାଜାଙ୍କ ଦ୍ୱିତୀୟ ପତ୍ନୀର ଚକ୍ରାନ୍ତରେ ଭାଇ ଭଉଣୀ ରାଜ୍ୟରୁ ନିର୍ବାସିତ ହୋଇ ପୁରୀକୁ ଆସୁଥିବାବେଳେ ସେମାନେ ଯାଜପୁରରେ ବିରଜା ମନ୍ଦିରରେ ରହିଥିଲେ। ବିମଳା ପୁରୁଷବେଶରେ ରହୁଥିଲେ ଏବଂ ଯଯାତି ମନ୍ଦିରରେ ବସି ଫୁଲମାଳ ଗୁନ୍ଥୁଥିଲା। ଦିନେ ଉତ୍କଳର ରାଜଜେମା ଲଳିତା ମନ୍ଦିରକୁ ଆସିଥିବାବେଳେ ଯଯାତିଙ୍କୁ ଦେଖି ତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଥିଲେ। ପୁଣି ଥରେ ଶିକାରକୁ ଯାଇଥିବାବେଳେ ପୁରୁଷବେଶୀ ବିମଳାଙ୍କୁ ଦେଖି ମଧ୍ୟ ଭଲପାଇବସିଥିଲେ; ମାତ୍ର ଯେତେବେଳେ ସେ ଜାଣିଲେ ଯେ ବିମଳା ଜଣେ ନାରୀ, ସେତେବେଳେ ଗଭୀର ଦୁଃଖପ୍ରକାଶ କରିବାକଥା

ଭଉଣୀଠାରୁ ଯଯାତି ଜାଣି ବିମଳାର ପୋଷାକ ପିନ୍ଧି ଅରଣ୍ୟକୁ ଗଲା ଓ ଲଳିତା ସହିତ ସାକ୍ଷାତ କଲା । ଉଭୟଙ୍କର ରାତ୍ରିରେ ହେଲା ଗୁପ୍ତମିଳନ । ରାଜା ଏକଥା ଅବଗତ ହୋଇ ଯଯାତିଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଲେ; ମାତ୍ର ବିରଜା ଦେବୀ ସ୍ୱପ୍ନରେ ରାଜାଙ୍କୁ କହିଲେ ଯେ ଯଯାତି ହେଉଛି ତାଙ୍କର ପ୍ରିୟଭକ୍ତ । ତେଣୁ ରାଜା ଖୁସିହୋଇ ଲଳିତା ସହିତ ଯଯାତିଙ୍କର ବିବାହ କରିଦେଲେ । ଯଯାତି ଓଡ଼ିଶାର ରାଜା ହୋଇ ତାଙ୍କର ନାମହେଲା ଯଯାତିକୋଶରୀ । ଇତିହାସରୁ କାହାଣୀ ସଂଗୃହିତ ହୋଇଥିଲେ ମଧ୍ୟ ଏହା ଏକ ରୋମାଣ୍ଟିକ୍ କାଳ୍ପନିକ କାବ୍ୟ ଭାବରେ ପରିଚିତ ।

## ଉର୍ବଶୀ (୧୮୯୫) :

କବିବର ରାଧାନାଥଙ୍କ 'ଉର୍ବଶୀ' କାବ୍ୟ ଅସଂପୂର୍ଣ୍ଣ ହୋଇ ରହିଛି । ପୁରାଣର ଉର୍ବଶୀ ଓ ପୁରୁରବା କାହାଣୀକୁ ନେଇ କବି ଏହି କାବ୍ୟ ରଚନା କରିଅଛନ୍ତି । ଏକଦା ଅରଣ୍ୟ ଭିତରେ କୌଣସି ଏକ ଦାନବ ଭୟରେ ଉର୍ବଶୀ ସଂଜ୍ଞା ହରାଇ ଦେବାବେଳେ ରାଜା ପୁରୁରବା ସଖୀ ଚିତ୍ରଲେଖାଠାରୁ ଅବଗତ ହୋଇ ଉର୍ବଶୀ ମୁଖରେ ଜଳ ସିଞ୍ଚି ସଂଜ୍ଞା ଫେରାଇ ଆଣିଛନ୍ତି । ରାଜାଙ୍କ ଦେହସ୍ପର୍ଶ ପାଇ ଉର୍ବଶୀ ଶିହରିତ ହୋଇଛି । ହେମକୂଟ ଗିରିରୁ ପୁରୁରବା ବିଦାୟ ନେଇ ଚାଲିଯାଇଛନ୍ତି । କାବ୍ୟଟି ଏହିଠାରୁ ଅସମ୍ପୂର୍ଣ୍ଣ ହୋଇ ରହିଛି । କିଛି ଦିନ ପରେ ଏହି କାବ୍ୟର ଅବଶିଷ୍ଟାଂଶକୁ ରାଧାନାଥ ଗଦ୍ୟାକାରରେ ଲେଖିଦେଇଛନ୍ତି । ପୁନର୍ବାର ଉର୍ବଶୀ ଓ ପୁରୁରବାଙ୍କ ମିଳନ । ପୁତ୍ରପ୍ରାପ୍ତି, ପୁତ୍ରକୁ ଆଶ୍ରମରେ ଛାଡ଼ି ଚାଲିଯିବା, ଶେଷରେ ଉର୍ବଶୀ ସହିତ ପୁତ୍ରର ସାକ୍ଷାତ ଓ ପୁତ୍ରମୁଖଦର୍ଶନ ମାତ୍ରେ ମର୍ତ୍ତ୍ୟଲୀଳା ଶେଷ, ପୁରୁରବାର ବାନପ୍ରସ୍ଥଜୀବନ ଯାପନ । ଏହାହିଁ କାବ୍ୟର ବିଷୟବସ୍ତୁ । ଏହି କାବ୍ୟରେ କୌଣସି ନୂତନତା ନଥିଲେ ମଧ୍ୟ କବି ପ୍ରତିଭାର ପରିଚୟ ମିଳିଥାଏ ।

## ମେଘଦୂତ (୧୮୭୪) :

ମହାକବି କାଳିଦାସଙ୍କ 'ମେଘଦୂତମ୍' କାବ୍ୟର ରସାଳ ଅନୁବାଦ ହେଉଛି, କବି ରାଧାନାଥଙ୍କ 'ମେଘଦୂତ' କାବ୍ୟ । ଏହି କାବ୍ୟରୁ ରାଧାନାଥଙ୍କ ଅନୁବାଦ ଦକ୍ଷତାର ପରିଚୟ ମିଳିଥାଏ ।

ରାଧାନାଥଙ୍କ କବିତା – କବିବର ରାଧାନାଥ ଯେ କେବଳ କାବ୍ୟ ରଚନା କରିଥିଲେ ତା' ନୁହେଁ, ବିରାଟ କାବ୍ୟ ସହିତ କେତେକ କ୍ଷୁଦ୍ର ଗୀତିକା ମଧ୍ୟ ରଚନା କରିଥିଲେ । ତାଙ୍କର କ୍ଷୁଦ୍ରଗୀତିକା ଗୁଡ଼ିକ ମଧ୍ୟରେ ରହିଛି – 'ଦଶରଥ ବିୟୋଗ', 'କାଳିଦାସ ସ୍ୱକ୍ତୟଃ', 'ଭାରତୀଗୀତିକା', 'ବାଣହରଣ', 'ଧବଳେଶ୍ୱର ସ୍ତୋତ୍ରମ୍', 'ସାବିତ୍ରୀ ଚରିତ୍ର', 'ସତୀପ୍ରତି ସତୀଦ୍ରୋହୀ ପତିର ଉକ୍ତି', 'ତିନିବନ୍ଧୁ', 'ବନ୍ଦନା', 'ନିବେଦନ', 'ପ୍ରତାପରୁଦ୍ରଦେବ', 'ଶ୍ମଶାନ ଦୃଶ୍ୟ', 'ଏକାଗ୍ରତା', 'ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ', 'ଶିବାଜୀଙ୍କ ଉତ୍ସାହ ବାଣୀ', 'ଦଶରଥ ବିୟୋଗ', 'ମହେନ୍ଦ୍ରଗିରି', 'ବେଣୀ ସଂହାର', 'ଭାରତେଶ୍ୱରୀ', ପ୍ରଭୃତି ।

ଉପରୋକ୍ତ କାବ୍ୟକବିତା ବ୍ୟତୀତ କବିବର ରାଧାନାଥ ଓଡ଼ିଆ ଭାଷାରେ ସର୍ବପ୍ରଥମେ 'ବିବେକୀ' (୧୮୭୩) ନାମରେ ଏକ ପ୍ରବନ୍ଧ ରଚନା କରି ଓଡ଼ିଆ ଗଦ୍ୟ ସାହିତ୍ୟ ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ଏହାବ୍ୟତୀତ 'ଇତାଲୀୟ ଯୁବା', 'ପାର୍ବତୀ କାବ୍ୟର ଉପସଂହାର', 'ଉର୍ବଶୀ କାବ୍ୟର ଉପସଂହାର', 'ଭ୍ରମଣକାରୀର ପତ୍ର', 'ଉତ୍କଳ ସାହିତ୍ୟର ଉନ୍ନତି', 'ଟିପାଖାତା', 'ଖଣ୍ଡିଏ ପତ୍ର', 'ଆତ୍ମକଥାର କିୟଦଂଶ', 'କେତେକ ଚିଠି' ପ୍ରଭୃତି ଗଦ୍ୟରଚନା କରିଛନ୍ତି ।

## ୧.୬ ରାଧାନାଥଙ୍କ ସାହିତ୍ୟର ବୈଶିଷ୍ଟ୍ୟ

କବିବର ରାଧାନାଥଙ୍କ କାବ୍ୟକବିତାକୁ ପାଠକଲାପରେ କେତେକ ବିଶେଷତ୍ୱ ବା ବୈଶିଷ୍ଟ୍ୟ ଦେଖାଯାଇଥାଏ। ଯାହାକୁ ନିମ୍ନରେ ପ୍ରଦାନ କରାଯାଇଛି।

- ରାଧାନାଥଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ରହିଥିବା ଗତାନୁଗତିକତା ଯଥା - ରାଧାକୃଷ୍ଣ, ରାମସୀତା ଓ ରାଜାରାଣୀଙ୍କ ବିରହ ମିଳନ କାହାଣୀକୁ ଭିତ୍ତି କରି ଗଢ଼ି ଉଠୁଥିବା କାବ୍ୟ ଶୈଳୀକୁ କବିବର ପରିବର୍ତ୍ତନ କରି ଦେଶପ୍ରେମ, ଜାତୀୟଚେତନା ଓ ଗଣଚେତନାରୁ ତାଙ୍କ କାବ୍ୟ କବିତାରେ ସ୍ଥାନ ଦେଲେ। ଧନୀ - ଦରିଦ୍ର, ପାପ ପୁଣ୍ୟ, ପ୍ରଜା - ଜମିଦାର ଆଦିଙ୍କ କଥା ତାଙ୍କ ସାହିତ୍ୟର ପୃଷ୍ଠା ମଣ୍ଡନ କଲେ।
- ରୀତିଯୁଗୀୟ କାବ୍ୟରେ ପ୍ରେମବର୍ଣ୍ଣନାରେ ଦୈହିକ ପ୍ରେମର ବୈଶିଷ୍ଟ୍ୟ ମୁଖ୍ୟ ହୋଇଥିବାବେଳେ ରାଧାନାଥଙ୍କ ପ୍ରେମର ମୃତ୍ୟୁ ହୁଏ ମିଳନରେ ମାତ୍ର ପ୍ରେମର ବୈଶିଷ୍ଟ୍ୟ ଫୁଟିଉଠେ ବିରହରେ ପ୍ରେମର ସାର୍ଥକତା।
- ରୀତିଯୁଗୀୟ କବିମାନେ କେବଳ ବାହ୍ୟ ପ୍ରକୃତିର କମନୀୟକୁ ବର୍ଣ୍ଣନା କରୁଥିବାବେଳେ ପ୍ରଥମକରି କବି ପ୍ରକୃତିର ଅନ୍ତଃପ୍ରକୃତିକୁ ବର୍ଣ୍ଣନା କରିଛନ୍ତି। ଉଭୟ ବାହ୍ୟ ଓ ଅନ୍ତଃ ପ୍ରକୃତି କବିଙ୍କ କାବ୍ୟ କବିତାର ଜୀବନ୍ତ ରୂପ ଧାରଣ କଲେ।
- ଗତାନୁଗତିକ କାବ୍ୟଧାରାରେ ଯେଉଁ ଛନ୍ଦ, ଯତି, ନିୟମ ଓ ଅଳଙ୍କାର ଆଦିର ଯେଉଁ ବହୁଳ ବ୍ୟବହାର ରହିଥିଲା ତାକୁ ପରିହାର କବି ସରଳ ସାବଲୀଳ ଭାଷା ଓ ଅଳଙ୍କାରର ସ୍ୱାଭାବିକ ପ୍ରୟୋଗ ଉପରେ ଗୁରୁତ୍ୱ ଦେଲେ।
- ଉପଧାମିଳନ ଓ ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ କବି ରାଧାନାଥଙ୍କ ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ।
- ରାଧାନାଥଙ୍କ କାବ୍ୟ ଦର୍ଶନର ଏକ ବଳିଷ୍ଠ ବିଭବ ହେଉଛି ଜାତି ଓ ଜାତୀୟତା। ଓଡ଼ିଆ ଜାତିର ଗୌରାବାନ୍ୱିତ ବିଭବ ସମୂହ ତାଙ୍କ କାବ୍ୟରେ ଦେଖିବାକୁ ମିଳିଥାଏ।
- ମଧ୍ୟଯୁଗୀୟ ସାହିତ୍ୟରେ ସଂସ୍କୃତର ପ୍ରଭାବ ରହିଥିବାବେଳେ ରାଧାନାଥଙ୍କ ସାହିତ୍ୟରେ ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ସାହିତ୍ୟର ପ୍ରଭାବ ରହିଲା।
- କବି ରାଧାନାଥ ପାଶ୍ଚାତ୍ୟ କଥାବସ୍ତୁକୁ ପ୍ରାଚ୍ୟ ବା ଉତ୍କଳର ଭୂଖଣ୍ଡରେ ଜୀବନ୍ୟାସ ଦେଲେ ତାଙ୍କ କାବ୍ୟ କବିତା ମାଧ୍ୟମରେ।
- ପୂର୍ବ ପ୍ରଚଳିତ ପ୍ରାନ୍ତ ଅକ୍ଷରର ମିଳନମୂଳକ ଉପଧାମିଳନକୁ ପରିତ୍ୟାଗ କରି ପ୍ରାନ୍ତ ଅକ୍ଷର ସହିତ ଉପାନ୍ତ ଅକ୍ଷରର ଅନ୍ତଃବର୍ତ୍ତୀ ସ୍ୱରବର୍ଣ୍ଣର ସମତା ରକ୍ଷାକରି କାବ୍ୟ ରଚନା କଲେ।
- ସାହିତ୍ୟର କେବଳ ଆତ୍ମା ନୁହେଁ ରୂପରେ ମଧ୍ୟ ପରିବର୍ତ୍ତନ ଆଣିଲେ ପୁରାଣ, ଜଣାଣ, ଚଉତିଶା, ଭଜନ, ଚୌପଦୀ, ସଂଗୀତ, ପୋଇ, କୋଇଲି ପରିବର୍ତ୍ତେ ଖଣ୍ଡକାବ୍ୟ, ପ୍ରବନ୍ଧ, ରମ୍ୟରଚନା, ଆତ୍ମଜୀବନୀ, ଅନୁବାଦ, ଆଲୋଚନା ଭଳି ବିଭିନ୍ନ ରୂପର ସାହିତ୍ୟ ସୃଷ୍ଟି କଲେ।

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ରାଧାନାଥ କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?

(ଖ) ରାଧାନାଥ ପିତାମାତାଙ୍କ ନାମ କ'ଣ ?

(ଗ) ରାଧାନାଥଙ୍କ ପ୍ରଥମ କବିତା ସଂକଳନ କ'ଣ ?

(ଘ) ରାଧାନାଥଙ୍କ କିଏ 'ରାୟବାହାଦୂର' ଉପାଧି ଦେଇଥିଲେ ?

(ଙ) 'ଚନ୍ଦ୍ରଭାଗା' କାବ୍ୟ କେଉଁ ଗ୍ରୀକ୍ କାବ୍ୟର ଅନୁସରଣରେ ରଚିତ ?

(ଚ) କେଦାରଗୌରୀ ମନ୍ଦିରରେ କେଉଁ ଦେବାଦେବୀଙ୍କ ପୂଜା କରାଯାଏ ?

(ଛ) 'ଆଟ୍‌ଲାଣ୍ଟା ରେସ୍' ଅବଲମ୍ବନରେ କେଉଁ କାବ୍ୟ ରଚିତ ?

(ଜ) ଇଂରେଜମାନଙ୍କୁ କେଉଁ କାବ୍ୟରେ ବ୍ୟଙ୍ଗ କରାଯାଇଛି ?

(ଝ) ଓଡ଼ିଆ ଭାଷାର ପ୍ରଥମ ମହାକାବ୍ୟ କ'ଣ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ରାଧାନାଥଙ୍କ ପରିଚୟ ପ୍ରଦାନ କର।

(ଖ) ରାଧାନାଥଙ୍କ କାବ୍ୟକବିତା ସମ୍ପର୍କରେ ସୂଚନା ଦିଅ।

(ଗ) 'ମହାଯାତ୍ରା' କାବ୍ୟ ଓଡ଼ିଆ ଭାଷାର ପ୍ରଥମ ଆଧୁନିକ ମହାକବ୍ୟ ପ୍ରମାଣ କର।

(ଘ) ରାଧାନାଥଙ୍କ କାବ୍ୟ କବିତାର ବୈଶିଷ୍ଟ୍ୟ ଗୁଡ଼ିକ ଲେଖ।

## ୧.୮ ସହାୟକ ଗ୍ରନ୍ଥସୂଚୀ


- ମିଶ୍ର, ପ୍ରସନ୍ନ କୁମାର ଓ ଦାଶ, ଦେବେନ୍ଦ୍ର - କବିବର ରାଧାନାଥ ଗ୍ରନ୍ଥାବଳୀ, ଗ୍ରନ୍ଥମନ୍ଦିର, କଟକ, ପ୍ରଥମ ସଂସ୍କରଣ, ୧୯୯୮।
- ସାମଲ, ବୈଷ୍ଣବ ଚରଣ ଓଡ଼ିଆ ସାହିତ୍ୟର ରାଧାନାଥ ଓ ସତ୍ୟବାଦୀ ଯୁଗ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ଚତୁର୍ଥ ସଂସ୍କରଣ, ୨୦୧୩।
- ମହାରାଣ, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍ ଷ୍ଟୋର, ଦ୍ୱିତୀୟ ସଂସ୍କରଣ, ୨୦୧୦।
- କର, ବାଉରିବନ୍ଧୁ - ଓଡ଼ିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପଞ୍ଚମ ସଂସ୍କରଣ, ୨୦୧୩।

# ଦ୍ୱିତୀୟ ଏକକ : ଗଙ୍ଗାଧରଙ୍କ କାବ୍ୟ କବିତା

**ବିଷୟ ଗଠନ :**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ କବି ଗଙ୍ଗାଧରଙ୍କ ପରିଚୟ

୨.୫ କବି ଗଙ୍ଗାଧରଙ୍କ ସାହିତ୍ୟ

  ୨.୫.୧ ଗଙ୍ଗାଧରଙ୍କ କାବ୍ୟ ଜଗତ

  ୨.୫.୨ ଗଙ୍ଗାଧରଙ୍କ କବିତା ଜଗତ

୨.୬ କବି ଗଙ୍ଗାଧରଙ୍କ ରଚନାର ବୈଶିଷ୍ଟ୍ୟ

୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୮ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳ ହେଉଛି ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ । ଏହି ସମୟରେ ଯେଉଁ କେତେଜଣ ପ୍ରତିଭାବାନ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ତନ୍ମଧ୍ୟରେ କବି ଗଙ୍ଗାଧର ମେହେର ଓଡ଼ିଆ କାବ୍ୟସାହିତ୍ୟର ଆଧୁନିକ ପର୍ଯ୍ୟାୟକୁ ଏକ ନୂତନ ଦିଶା ଦେଇଛନ୍ତି । ଏହି କବିଙ୍କ କାବ୍ୟ ଓ କବିତାର ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଦେଖାଦେଇଛି ବହୁ ବୈଶିଷ୍ଟ୍ୟ । କବିଙ୍କ କାବ୍ୟ କବିତାକୁ ବିଶ୍ଳେଷଣ କଲେ ଆମେ ସେଥିରେ ଯେଉଁ ନୂତନତା ଦେଖିବାକୁ ପାଇଥାଉ, ଏହି ଏକକରେ ତାହା ବିଚାର କରାଯାଇଛି ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ଆମେ ଜାଣିବାକୁ ପାଇବା :

- ଆଧୁନିକ ଓଡ଼ିଆ କାବ୍ୟକବିତାର ଆଦି ପର୍ଯ୍ୟାୟର ସୃଷ୍ଟି ସମ୍ଭାର ଏବଂ ସେହି ସମୟର କାବ୍ୟକବିତାରେ ପରିଦୃଷ୍ଟ ହେଉଥିବା ସ୍ୱରୂପ ଓ ବୈଶିଷ୍ଟ୍ୟ
- କବି ଗଙ୍ଗାଧର ମେହେରଙ୍କ କାବ୍ୟକବିତାରେ ବିଷୟବସ୍ତୁ ସହିତ ତାଙ୍କର କାବ୍ୟକବିତାର ବିଶେଷତ୍ୱ
- କବି ଗଙ୍ଗାଧରଙ୍କ କାବ୍ୟକବିତାରେ ପରିଦୃଷ୍ଟ ହେଉଥିବା ମଧ୍ୟଯୁଗୀୟ କାବ୍ୟସାହିତ୍ୟର ପ୍ରଭାବ

- କବି ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରତିଫଳିତ ବିଭିନ୍ନ ଆଦର୍ଶ
- କବି ଗଙ୍ଗାଧରଙ୍କ ରଚନାର ମୌଳିକ ବୈଶିଷ୍ଟ୍ୟ

## ୨.୩ ବିଷୟ ପ୍ରବେଶ

ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିବାରେ କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ଭକ୍ତକବି ମଧୁସୂଦନ ରାଓ ଏବଂ ବ୍ୟାସକବି ଫକୀର ମୋହନ ସେନାପତି - ଏହି ଚାରିଜଣ ଯୁଗସ୍ରଷ୍ଟା ସାହିତ୍ୟ ସାଧକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହି ସାରସ୍ୱତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଭିତରେ କବି ଗଙ୍ଗାଧର ମେହେର ପୁରାଣ ପରମ୍ପରାକୁ ପାଥେୟକରି ଅର୍ଥାତ୍ ପୁରାଣର ପ୍ରସିଦ୍ଧ ଘଟଣା ବା ଚରିତ୍ର ମାନଙ୍କୁ କେନ୍ଦ୍ର କରି ମଣିଷ ଜୀବନର ଶାଶ୍ୱତ ଆଦର୍ଶକୁ ଆଧୁନିକ ଆଲୋକରେ ଦୃଶ୍ୟମାନ କରାଇବାରେ ଅଦ୍ଭୁତ ପ୍ରତିଭା ପ୍ରଦର୍ଶନ କରିଛନ୍ତି । କବି ଗଙ୍ଗାଧର କେବଳ ସ୍ୱଭାବ କବି ନଥିଲେ ମଣିଷର ଯାହାକିଛି କଲ୍ୟାଣମୟ ସତ୍ୟ-ଶୁଦ୍ଧ-ସାତ୍ତ୍ୱିକ, ସୌନ୍ଦର୍ଯ୍ୟ, ଶୁଭଙ୍କର ଐଶ୍ୱର୍ଯ୍ୟ ଓ ଅମୃତମୟ ମାଧୁର୍ଯ୍ୟ, ତାକୁହିଁ ସେ ନିଜ ଜୀବନଚର୍ଯ୍ୟା ଭିତରେ ଉପଲବ୍ଧି କରି ତାଙ୍କର କାବ୍ୟାବଳୀକୁ ଋଦ୍ଧିମନ୍ତ କରିଛନ୍ତି । କବି ଗଙ୍ଗାଧର ମେହେରଙ୍କ କାବ୍ୟକବିତାର ମୁଖ୍ୟ ବିଭବ ହେଉଛି କଲ୍ୟାଣମୟ ରସମୟ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଏବଂ ତାହାପୁଣି ଏକ କଠୋର ତପଶ୍ଚର୍ଯ୍ୟା ସମ୍ଭୂତ ଦ୍ୱାରା ସୁରକ୍ଷିତ । ସେଥିପାଇଁ କୈଶୋର, ଯୌବନ ଓ ବାର୍ଦ୍ଧକ୍ୟ ସବୁ ବୟସର ହୃଦୟକୁ ସମାନଭାବେ ସ୍ପର୍ଶ କରିଥାଏ ତାଙ୍କ କବିତା ।

## ୨.୪ କବି ଗଙ୍ଗାଧରଙ୍କ ପରିଚୟ

ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ମଧ୍ୟ ମାତୃଭୂମି ଓ ମାତୃଭାଷାର ପ୍ରଚାର ପ୍ରସାର ପାଇଁ ଯେଉଁ କବିଙ୍କ ହୃଦୟ ନିରବଧି କ୍ରନ୍ଦନ କରୁଥିଲା, ସେ ହେଉଛନ୍ତି ସମସ୍ତଙ୍କ ପ୍ରିୟ, ସୁପରିଚିତ ସ୍ୱଭାବକବି ଗଙ୍ଗାଧର ମେହେର । ଏହିଭଳି ଜଣେ ମହାନ୍ ଆତ୍ମାଙ୍କ ଧରାପୃଷ୍ଠରେ ଅବତରଣ ହୋଇଥିଲା ୧୮୬୨ ମସିହା ଅଗଷ୍ଟ ୯ ତାରିଖ ତଥା ଶ୍ରାବଣ ପୂର୍ଣ୍ଣିମା ଦିନ, ଅବିଭକ୍ତ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ତଥା ବର୍ତ୍ତମାନର ବରଗଡ଼ ଜିଲ୍ଲା ଅନ୍ତର୍ଗତ ବରପାଲିର ଏକ ତନ୍ତୁବାୟ (ଭୂଲିଆ) ପରିବାରରେ । ତାଙ୍କ ପିତାଙ୍କ ନାମ ହେଉଛି ଚୈତନ୍ୟ ମେହେର ଏବଂ ମାତାଙ୍କ ନାମ ହେଉଛି ସେବତୀ ଦେବୀ । ଚୈତନ୍ୟ ମେହେରଙ୍କ ବିଜୁଳି ଓ ଡାଳିମ୍ବ ନାମକ ଦୁଇଜଣ କନ୍ୟା ଥିବାବେଳେ କବି ଗଙ୍ଗାଧର ହେଉଛନ୍ତି, ତାଙ୍କର ଏକମାତ୍ର ପୁତ୍ର ସନ୍ତାନ । କବି ମେହେରଙ୍କ ପୂର୍ବପୁରୁଷମାନେ ସମ୍ବଲପୁରରେ ବାସ କରୁଥିଲେ କିନ୍ତୁ ଅବସ୍ଥାଚକ୍ରରେ ପଡ଼ି ବରପାଲିକୁ ସ୍ଥାନାନ୍ତରିତ ହୋଇ ସେଠାରେ ସ୍ଥାୟୀ ଭାବରେ ବସବାସ କରିବାକୁ ଲାଗିଲେ । କବିଙ୍କର ପିତାମହଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ମଧ୍ୟ ସେ ବିଦ୍ୟାନୁରାଗୀ ଥିଲେ ତେଣୁ ଗଙ୍ଗାଧରଙ୍କ ଜନ୍ମପୂର୍ବରୁ ନିଜ ଗୃହଠାରେ ଏକ ଚାଟଶାଳୀ ଖୋଲିଥିଲେ, ସେଥିରେ ବହୁ ବାଳକ ଅଧ୍ୟୟନ କରୁଥିଲେ । ମାତ୍ର ଗଙ୍ଗାଧରଙ୍କୁ ସାତ ବର୍ଷ ବୟସ ହେବାବେଳକୁ ଚାଟଶାଳୀ ଭାଙ୍ଗିଯିବାରୁ କବି ତାଙ୍କ ଗୃହ ନିକଟସ୍ଥ ଜଣେ ଜ୍ଞାତିଙ୍କର ଚାଟଶାଳୀରେ ଶିକ୍ଷାଦାନ କରିଥିଲେ କିନ୍ତୁ ସେ ଚାଟଶାଳୀ ମଧ୍ୟ ତିଷ୍ଠି ପାରିନଥିବାରୁ ଗଙ୍ଗାଧରଙ୍କ ପିତା ପୁଣି ଏକ ଚାଟଶାଳୀ ଆରମ୍ଭ କରି କବିଙ୍କୁ 'ନାମରତ୍ନ ଗୀତା', 'ଭାଗବତ', 'ମଥୁରାମଙ୍ଗଳ' ଆଦି ଉତ୍ତମରୂପେ ଗାଇବା ପାଇଁ ଶିକ୍ଷା ଦେଇଥିଲେ । ତା' ସହିତ ପଚିଶ ଖନ୍ଦା ପଣିକିଆ ମଧ୍ୟ କଣ୍ଠସ୍ଥ କରାଇଥିଲେ ।

ପ୍ରଚଳିତ ପରମ୍ପରା ଅନୁସାରେ, କବିଙ୍କୁ ଯେତେବେଳେ ମାତ୍ର ଦଶବର୍ଷ ବୟସ ହୋଇଥିଲା, ସେ ସେବତୀ ଦେବୀଙ୍କୁ ବିବାହ କରିବାରୁ ତାଙ୍କ ଶିକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲେ ମଧ ତାଙ୍କର ଅଦମ୍ୟ ଆଗ୍ରହ ଯୋଗୁଁ ପରେ ସେ ପୁଣି ସ୍କୁଲରେ ନାମ ଲେଖାଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। କିନ୍ତୁ ୧୮୮୨ ରେ ଅନୁଷ୍ଠିତ ହୋଇଥିବା ଭିଲେଜ୍ ସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରି ଦେଶୀୟ ପାଠଶାଳାର ସାର୍ଟିଫିକେଟ୍ ପାଇଥିଲେ। ଦାରିଦ୍ର୍ୟ ଗଙ୍ଗାଧରଙ୍କ ଚିର ସହଚର ହୋଇଥିଲେ ମଧ ଜ୍ଞାନାର୍ଜନରୁ ସେ ଓହରି ଯାଇନଥିଲେ। କାରଣ ଜ୍ଞାନ-ଲାଭ-ପିପାସା ଥିଲା ତାଙ୍କର ଅତ୍ୟଧିକ। ଛାତ୍ରଜୀବନରୁ ଅବ୍ୟାହତ ଏବଂ ଗୃହସ୍ଥ କର୍ମରେ ଛନ୍ଦିହେବାରୁ ସେ ନିଜର କୌଳିକ ଧନ୍ଦାରେ ଲିପ୍ତ ରହିଥିଲେ ମଧ ଦିବାଲୋକରେ ବୁଣାକାମ ଓ ଦୀପାଲୋକରେ ଗ୍ରନ୍ଥ ଚର୍ଚ୍ଚାରେ ମଗ୍ନ ରହୁଥିଲେ। ଯେଉଁଠି ଯେଉଁ ପୁସ୍ତକ ପାଇଲେ ସେ ଆଗ୍ରହ ସହକାରେ ଅଧ୍ୟୟନ କରୁଥିଲେ। କବି ନିଜର ଅଧ୍ୟବସାୟ ବଳରେ ଓଡ଼ିଆ, ସଂସ୍କୃତ, ବଙ୍ଗଳା ସାହିତ୍ୟରେ ଗଭୀର ପାଣ୍ଡିତ୍ୟ ଲାଭ କରିଥିଲେ। ପ୍ରାଚୀନ, ମଧ୍ୟଯୁଗୀୟ ଓ ରୀତିଯୁଗୀୟ ବହୁ କାବ୍ୟ କବିତାକୁ ମୁଖସ୍ଥ କରି ବୋଲି ଦେଉଥିଲେ।

୧୮୮୫ ରେ ବରପାଲି ଜମିଦାର ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁଠାରେ କବି ଗଙ୍ଗାଧର ମାସକୁ ସାତଟଙ୍କା ହିସାବରେ ଅମୀନ କାର୍ଯ୍ୟକରିବା ପାଇଁ ଆଗେଇ ଯାଇଥିଲେ। ୧୮୮୫ ରୁ ୧୯୦୧ ପର୍ଯ୍ୟନ୍ତ ଅମୀନ ଭାବେ କାର୍ଯ୍ୟକରି ନିଜର କର୍ମତତ୍ପରତା, କାର୍ଯ୍ୟଦକ୍ଷତା ଓ ନିଷ୍ଠାଯୋଗୁଁ ଶେଷରେ ମୋହରିର ପଦକୁ ଉନ୍ନୀତ ହେଲେ, ଯଦ୍ଦ୍ୱାରା ତାଙ୍କ ଦରମା ୭ରୁ ୧୫ କୁ ବୃଦ୍ଧି ହୋଇଥିଲା। ସେ ମୋହରିର କାର୍ଯ୍ୟରେ ସମ୍ବଲପୁର କମିଶନରଙ୍କ ଅଦାଲତ, ବିଜେପୁର ଓ ପଦ୍ମପୁର ଜମିଦାରଙ୍କ ଅଧୀନରେ କାର୍ଯ୍ୟକରି ଶେଷରେ ୧୯୧୭ ରେ ଚାକିରିରୁ ଅବସର ନେଇଥିଲେ। ଏହି କର୍ମମୟ ଜୀବନ ମଧରେ ବ୍ୟସ୍ତଥିବାବେଳେ 'ରସ-ରତ୍ନାକର' ନାମକ ପ୍ରଥମ କାବ୍ୟ ରଚନାକରି ବରପାଲି ଯୁବରାଜଙ୍କ ଗୃହ ଶିକ୍ଷକ ସୂର୍ଯ୍ୟକୁମାର ମିତ୍ରଙ୍କୁ ଦେଖାଇଥିଲେ; ତେଣୁ ମିତ୍ର ମହାଶୟ ଏହି କାବ୍ୟଟିକୁ ପାଠକରି ଅତ୍ୟନ୍ତ ଖୁସିହୋଇ ଗଙ୍ଗାଧରଙ୍କୁ ଲେଖାଲେଖି ପାଇଁ ପ୍ରୋତ୍ସାହିତ କରିଥିଲେ। ଯଦ୍ଦ୍ୱାରା କବି ଗଙ୍ଗାଧର ସେଦିନଠାରୁ ଆଉ ପଛକୁ ନ ଫେରି ଗୋଟିଏ ପରେ ଗୋଟିଏ କାବ୍ୟକବିତା ରଚନାକରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। କବି ଭୂଲିଆ ସମାଜର କେତେକ କୁସଂସ୍କାର ଦୂରକରିବା ପାଇଁ ମଧ ବହୁ ପଦକ୍ଷେପ ନେଇଥିଲେ। ୧୯୨୪ ମସିହା ଏପ୍ରିଲ ୦୪ ତାରିଖ ଚୈତ୍ର ଅମାବାସ୍ୟା ଦିନ ତାଙ୍କର ଦେହାବସାନ ଘଟିଲା।

## ୨.୫ କବି ଗଙ୍ଗାଧରଙ୍କ ସାହିତ୍ୟ

ସ୍ୱଭାବକବି ଗଙ୍ଗାଧର ମେହେର ଓଡ଼ିଆ ସାହିତ୍ୟ ଜଗତର ଜଣେ ସଶ୍ରଦ୍ଧ ଉଚ୍ଚାରଣ। ଯାହାଙ୍କ ଲେଖନୀରେ ଓଡ଼ିଆ କାବ୍ୟକବିତା ବହୁ ଭାବରେ ସମୃଦ୍ଧ। ସେ ସ୍ୱୀୟ ପ୍ରତିଭା ବଳରେ ଓଡ଼ିଆ ସାହିତ୍ୟ ଜଗତକୁ ବହୁ ରୂପରେ ସମୃଦ୍ଧ କରିଛନ୍ତି। ତାଙ୍କର କାବ୍ୟକବିତା ମଣିଷକୁ ମହତ୍ତର ଜୀବନ ବଞ୍ଚିବା ପାଇଁ ଦେଇଥାଏ ଅଜସ୍ର ପ୍ରେରଣା ଓ ଉତ୍ସାହ। ତାଙ୍କ ଜୀବନରେ ଦୁଃଖ ଓ ଦରିଦ୍ର୍ୟ କେବେହେଲେ ପ୍ରତିବନ୍ଧକ ହୋଇ ପାରିନାହିଁ। ନାନା ଅଭାବ ଅସୁବିଧା ସତ୍ତ୍ୱେ ମଧ ତାଙ୍କ ସାରସ୍ୱତ ସାଧନା ଅବ୍ୟାହତ ରହିଥିଲା। ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ। ତାଙ୍କଦ୍ୱାରା ରଚିତ କାବ୍ୟକବିତାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା - କାବ୍ୟ, କବିତା ଓ ଗଦ୍ୟ।

**କାବ୍ୟ :** ରସ ରତ୍ନାକର (୧୮୮୨), ଇନ୍ଦୁମତୀ (୧୮୯୩), ଉତ୍କଳଲକ୍ଷ୍ମୀ (୧୮୯୫), ବଳରାମ ଦେବ (୧୮୯୬), ମହିମା (୧୮୯୭), କୀଚକବଧ (୧୯୦୩) ଅଯୋଧ୍ୟାଦୃଶ୍ୟ (୧୯୧୦), ତପସ୍ୱିନୀ (୧୯୧୨), ପ୍ରଣୟବଲ୍ଲରୀ (୧୯୧୫), ପଦ୍ମିନୀ (୧୯୧୭)।

**କବିତା :** କବିତା କଲ୍ଲୋଳ (୧୯୧୨), ଅର୍ଘ୍ୟଥାଳୀ (୧୯୧୮), କୁମାର ଜନ୍ମୋତ୍ସବ ଓ ଭକ୍ତି ଉପହାର (୧୮୯୯), ବଳରାମ ଦେବ (୧୮୯୫) କବିତାମାଳା ( ୧୯୨୩), ମହିମା ଓ ଭାରତୀ ଭାବନା (୧୯୨୩), କୃଷକ କବିତା, କୃଷକ ସଙ୍ଗୀତ (୧୯୨୧), ଅହଲ୍ୟାସ୍ତବ (୧୮୯୨)।

**ଗଦ୍ୟ :** ଆତ୍ମଜୀବନୀ (ଅସଂପୂର୍ଣ୍ଣ), ଶ୍ରୀ ନୃପରାଜ ସିଂହ (୧୯୦୫), ପୁରାଣକବି ଫକୀରମୋହନ, ସ୍ୱର୍ଗୀୟ କାଶୀନାଥ ପଣ୍ଡା, ଏହା କି ପୃଥିବୀର ଶବ୍ଦ ଇତ୍ୟାଦି ଗଦ୍ୟ ରଚନା।

## ୨.୫.୧ ଗଙ୍ଗାଧରଙ୍କ କାବ୍ୟ ଜଗତ

- **ରସରତ୍ନାକର (୧୮୮୨) :** ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ ପ୍ରଥମ କାବ୍ୟ ହେଉଛି 'ରସ ରତ୍ନାକର'। ଏହି କାବ୍ୟଟି ତାଙ୍କ ପୂର୍ବରୁ ପ୍ରଚଳିତ ରୀତିଯୁଗୀୟ ଶୈଳୀରେ ରଚିତ। କାବ୍ୟଟି ସର୍ବପ୍ରଥମେ ପ୍ରକାା ପାଏ 'ପ୍ରଜାବନ୍ଧୁ' ପତ୍ରିକାର ଗଙ୍ଗାଧର ବିଶେଷାଙ୍କରେ। ୧୮୮୨ ରୁ ୧୮୮୫ ମସିହା ମଧ୍ୟରେ ଏହି କାବ୍ୟଟି ରଚିତ ହୋଇଥିଲା। ଏହା ହେଉଛି କବି ମେହେରଙ୍କ ତରୁଣ ବୟସର ରଚନା, ତେଣୁ ତରୁଣ ମନର ସ୍ୱପ୍ନିଳ ରୋମାଣ୍ଟିକ ଭାବଧାରା ଦ୍ୱାରା ଏହା ଆଚ୍ଛାଦିତ। ମହାଭାରତ ବର୍ଣ୍ଣିତ ବାଣାସୁର ନନ୍ଦିନୀ ଉଷା ସହିତ ଶ୍ରୀକୃଷ୍ଣ ନନ୍ଦନ ଅନିରୁଦ୍ଧର ପ୍ରଣୟ ଓ ପରିଣୟ ଏହି ଖଣ୍ଡକାବ୍ୟର ମୁଖ୍ୟ ବିଷୟବସ୍ତୁ। ଦୁଇଟି ମନ ଓ ଦୁଇଟି ଆତ୍ମା ପରସ୍ପରକୁ ପାଇବା ପାଇଁ କେତେ ବ୍ୟାକୁଳ, କେତେ ଉତ୍କଣ୍ଠିତ, ସେଇ ପ୍ରଣୟାନୁଭବକୁ ଜୀବନ୍ତ ଭାବରେ ବର୍ଣ୍ଣନା କରାଯାଇଛି ଏହି କାବ୍ୟରେ। 'ରସ ରତ୍ନାକର' କାବ୍ୟର ଶିଳ୍ପ ସୁଷମାରେ ରୀତିଯୁଗୀୟ କବି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣଙ୍କ ରୀତିକାବ୍ୟାଦର୍ଶର ଆଦର୍ଶକୁ ଗ୍ରହଣ କରାଯାଇଛି। ମଧ୍ୟଯୁଗୀୟ ରୀତିକବିଙ୍କ ପରି ଗଙ୍ଗାଧର ଏହି କାବ୍ୟର ଆଦ୍ୟ ପ୍ରାନ୍ତରେ 'ର' ଅକ୍ଷରକୁ ରଖି ଆଠଗୋଟି ଛନ୍ଦରେ କାବ୍ୟ ସମାପ୍ତ କରିଛନ୍ତି। ଏହି ଆଠଗୋଟି ଛାନ୍ଦ ଚୋଖି, ରାମକେରୀ, କୌଶିକ, ବଙ୍ଗଳାଶ୍ରୀ, କଳହଂସ କେଦାର, ପାହାଡ଼ିଆ କେଦାର, ଶଙ୍କରା ଭରଣ ଆଦି ରାଗରେ ଲିଖିତ। ଏହି କାବ୍ୟରେ ଇଷ୍ଟବନ୍ଦନା, ଖଳନିନ୍ଦା, ସାଧୁବନ୍ଦନ, ଉଷାର ଯୌବନ ପ୍ରାପ୍ତି, ଅନିରୁଦ୍ଧଙ୍କ ଆନୟନ, ଅନିରୁଦ୍ଧଙ୍କ ସଂପର୍କରେ ବାଣାସୁରକୁ ସୂଚନା ଦେବା, ଅନିରୁଦ୍ଧଙ୍କୁ ନାଗଫାସରେ ବନ୍ଦୀ କରିବା, ହରିହରଙ୍କ ଯୁଦ୍ଧ, **ଉଷା** - ଅନୁରୁଦ୍ଧଙ୍କ ମିଳନର ଦୃଶ୍ୟ ବର୍ଣ୍ଣିତ। 'ରସ ରତ୍ନାକର' କାବ୍ୟ ଯଦିଓ ଗଙ୍ଗାଧରଙ୍କ ପ୍ରଥମ କାବ୍ୟ ତଥାପି ଏଥିରେ କବି ପ୍ରତିଭାର ପରିଚୟ ସୁସ୍ପଷ୍ଟ।

- **ଇନ୍ଦୁମତୀ :** ମହାକବି କାଳିଦାସଙ୍କ 'ରଘୁବଂଶ' କାବ୍ୟର ବିଷୟବସ୍ତୁରୁ ଉପାଦାନ ସଂଗ୍ରହ କରି ସ୍ୱଭାବକବି ଗଙ୍ଗାଧର ମେହେର ରଚନା କରିଥିଲେ, ତାଙ୍କର ପ୍ରଥମ ଆଧୁନିକ ଓ ପ୍ରଥମ ପ୍ରକାଶିତ କାବ୍ୟ 'ଇନ୍ଦୁମତୀ'। ୧୮୯୪ ମସିହାରେ ଏହି କାବ୍ୟ ସର୍ବପ୍ରଥମେ ପ୍ରକାଶିତ ହୋଇଥିଲା। ବଙ୍ଗଳାଶ୍ରୀ ରାଗରେ ଲିଖିତ ଏହି କାବ୍ୟଟି ପୂର୍ବ ଭାଗ ଓ ଉତ୍ତର ଭାଗ ନାମରେ ଦୁଇ ଭାଗରେ ବିଭକ୍ତ। କାଦଳୀଦାସଙ୍କ 'ରଘୁବଂଶ' କାବ୍ୟର ରାଜକୁମାର ଅଜ ଓ ବିଦର୍ଭ ରାଜନନ୍ଦିନୀ ଇନ୍ଦୁମତୀଙ୍କ ବିବାହ, ଦାମ୍ପତ୍ୟ ପ୍ରେମକୁ ଆଧାର କରି ଏହି କାବ୍ୟଟି

ପରିପୁଷ୍ଟ ହୋଇଛି । ବିଦର୍ଭ ରାଜଜେମା ତଥା ଅପୂର୍ବସୁନ୍ଦରୀ ରଜନନ୍ଦିନୀ ଇନ୍ଦୁମତୀ ବିବାହ ପାଇଁ ସ୍ୱୟଂମ୍ବର ସଭାରେ ଉପସ୍ଥିତିଥିବା ବିଭିନ୍ନ ରାଜାମାନଙ୍କୁ ନାପସନ୍ଦ କରିବା ଏବଂ ଶେଷରେ କୋଶଳ ରାଜକୁମାର ଅଜଙ୍କ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତାଙ୍କରି ଗଳାରେ ବରଣମାଳା ପିନ୍ଧାଇ ପତିରୂପେ ଗ୍ରହଣ କରିଛନ୍ତି । ଏହା ସ୍ୱୟମ୍ବର ସଭାରେ ଥିବା ଅନ୍ୟ ରାଜାମାନଙ୍କ ପାଇଁ ଅପମାନ ସଦୃଶ ହେବାରୁ କ୍ରୋଧାନ୍ୱିତ ହୋଇ ରାଜା ଅଜଙ୍କୁ ଆକ୍ରମଣ କରନ୍ତି ମିଳିତ ଭାବେ କିନ୍ତୁ ସମସ୍ତେ ବୀର ଅଜଙ୍କ ପାଖରେ ପରାସ୍ତ ହୁଅନ୍ତି । ଇନ୍ଦୁମତୀଙ୍କୁ ସାଙ୍ଗରେ ଧରି ରାଜା ଅଜ ସ୍ୱଦେଶକୁ ଫେରି ଖୁସିରେ ଜୀବନକାଟିବା, କିଛିଦିନପରେ ପୁତ୍ରଲାଭ କରି ମହାନନ୍ଦରେ ବିଭୋଇ ହେବା, ରାଜାରାଣୀ ଉଦ୍ୟାନରେ ବୁଲୁଥିବାବେଳେ ସ୍ୱର୍ଗରୁ ଏକ ଦିବ୍ୟ ପୁଷ୍ପମାଲ୍ୟ ଖସି ଇନ୍ଦୁମତୀଙ୍କ ଗଳାରେ ପଡ଼ି ତାଙ୍କର ଆକସ୍ମିକ ବିୟୋଗହେବା, ପତ୍ନୀଙ୍କ ବିୟୋଗରେ ରାଜା ଗଭୀର ଆଘାତ ପାଇ ଶେଷରେ ବୈରାଗ୍ୟ ହେବା କଥାବସ୍ତୁକୁ କବି ଗଙ୍ଗାଧର ମେହେର ଅତି ଚମତ୍କାରଭାବେ ବର୍ଣ୍ଣନା କରିଛନ୍ତି । ଯଦିଓ 'ଇନ୍ଦୁମତୀ' କାବ୍ୟଟି କାଳୀଦାସଙ୍କ 'ରଘୁବଂଶ' କାବ୍ୟର ବିଷୟବସ୍ତୁରୁ ଗୃହୀତ ତଥାପି ଏଥିରେ କବି ମେହେରଙ୍କ ଚରିତ୍ର ଚିତ୍ରଣ, ପରିବେଶ ବର୍ଣ୍ଣନା, ପ୍ରେମ ବର୍ଣ୍ଣନାରେ ଅପୂର୍ବ ସ୍ୱକୀୟତା ଦେଖିବାକୁ ମିଳିଥାଏ । ମିଳନ ଅପେକ୍ଷା ବିଚ୍ଛେଦ ଯେ ମଣିଷକୁ କିଭଳି ଅଧିକ ଆକର୍ଷିତ କରିଥାଏ, ତାହା କବି ମେହେର ଏହି କାବ୍ୟରେ ପ୍ରମାଣିତ କରିଦେଇଛନ୍ତି ।

- **ଉତ୍କଳଲକ୍ଷ୍ମୀ :** କବି ଗଙ୍ଗାଧର ମେହେରଙ୍କ ଅନ୍ୟତମ ସଫଳ କାବ୍ୟ ହେଉଛି 'ଉତ୍କଳଲକ୍ଷ୍ମୀ' । ଏହି କାବ୍ୟରେ କବି ମେହେର ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଜ କଳ୍ପନାରୁ ଚମତ୍କାର ଭାବେ ଉପସ୍ଥାପନ କରିଛନ୍ତି । ଉତ୍କଳଭୂମିକି କବି ଲକ୍ଷ୍ମୀ ଭାବରେ ବର୍ଣ୍ଣନା କରି ଉତ୍କଳ ଭୂମିର ବିବିଧ ଅଙ୍ଗ ସୌଷ୍ଠବକୁ ଜୀବନ୍ତ ରୂପ ଦେଇଛନ୍ତି ।  ଉତ୍କଳ ମାଟିର ସୌନ୍ଦର୍ଯ୍ୟ କବିଙ୍କୁ ଗଭୀର ଭାବେ ଆକୃଷ୍ଟ କରିଥିଲା ତେଣୁ ସେ ସେହି ସୌନ୍ଦର୍ଯ୍ୟରେ ମୁଗ୍ଧହୋଇ ଉତ୍କଳ ଭୂଇଁର ଚିତ୍ରପଟକୁ ଆଙ୍କିବାରେ ବେଶ୍ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଓଡ଼ିଶାର ପାହାଡ଼ ପର୍ବତ, ନଦନଦୀ ବିଶେଷ କରି ପଶ୍ଚିମ ଓଡ଼ିଶାରେ ପ୍ରବାହିତ ମହାନଦୀ, ଅଙ୍ଗ୍ ଇବ୍, ତେଲ, ଦନ୍ତା, ଝାଉଁ, ମାଳତୀ, ଅଣିକା, ଘୋଷାଳୀ, ଉତ୍ତାଳୀ ଆଦି ନଦନଦୀ ଏବଂ ସମ୍ବଲପୁର ଜିଲ୍ଲାର ଶିଶୁପାଳ, ବାରପାହଡ଼, ଝରଘାଟୀ, ବଡ଼ପାଟୀ ଆଦି ପାହାଡ଼ ପର୍ବତର ପ୍ରାକୃତିକ ରୂପରାଜିକୁ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ସେହିପରି ଦେବଗଡ଼ର ପ୍ରଧାନପାଟ, କଳାହାଣ୍ଡି ଜିଲ୍ଲାର କଲରାପାଟ, ବଙ୍କାସାମ, ଟିକ୍ରିଗୁଡ଼ା, ପଶ୍ଚିମ ଓଡ଼ିଶାର ଦୁଇ ପ୍ରସିଦ୍ଧ ପୀଠ ନୃସିଂହନାଥ ଓ ହରିଶଙ୍କରର ବର୍ଣ୍ଣନା ମଧ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଛି । ଓଡ଼ିଶାର ଏହିସବୁ ପ୍ରାକୃତିକ ନଦନଦୀ, ପାହାଡ଼ ପର୍ବତ, ତୀର୍ଥସ୍ଥଳୀର ମନୋରମ ଦୃଶ୍ୟକୁ କବି 'ଉତ୍କଳ - ଲକ୍ଷ୍ମୀ' କହି ଅତି ପ୍ରାଣବନ୍ତ ଭାବରେ ଚିତ୍ରଣ କରିଛନ୍ତି । ଏହି କାବ୍ୟର ଛତ୍ରେ ଛତ୍ରେ ଓଡ଼ିଶାର ପ୍ରାକୃତିକ ସୁଷମା ପ୍ରତିଫଳିତ ହୋଇ ସେମାନେ ଯେମିତି 'ଉତ୍କଳ - ଲକ୍ଷ୍ମୀ'ଙ୍କୁ ସ୍ୱାଗତ କରିବା ପାଇଁ ସତେ ସୁସଜ୍ଜିତ ହୋଇପାରିଛନ୍ତି ବୋଲି ମନେହୁଏ । ଏହି କାବ୍ୟରୁ କବି ମେହେରଙ୍କର ଦେଶପ୍ରୀତି, ଜାତିପ୍ରୀତି ଓ ପ୍ରକୃତି ପ୍ରୀତିର ସୂଚନା ମିଳିଥାଏ । ଓଡ଼ିଶାର ପ୍ରାକୃତିକ ପରିବେଶକୁ ଅତ୍ୟନ୍ତ ଜୀବନ୍ତ ଭାବରେ ବର୍ଣ୍ଣନା କରିବା ପାଇଁ କବି ଯେଉଁ ପରାକାଷ୍ଠା ଦେଖାଇଛନ୍ତି ତାହା ବେଶ୍ ପ୍ରଶଂସନୀୟ ।

- **ବଳରାମ ଦେବ :** ଗଙ୍ଗାଧର ମେହେରଙ୍କ ଏକ କ୍ଷୁଦ୍ର କାବ୍ୟ ହେଉଛି 'ବଳରାମ ଦେବ'। ଏହି କାବ୍ୟଟି ୧୮୯୫ ମସିହାରେ ରଚିତ ହୋଇ ସମ୍ବଲପୁର ହିତୈଷିଣୀ ପତ୍ରିକାରେ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୯୬ ମସିହାରେ ଏହା ପୁସ୍ତକାକାରରେ ପ୍ରକାଶ ପାଇଲା। ବଙ୍ଗଳାଶ୍ରୀ ରାଗରେ ରଚିତ ଏହି କ୍ଷୁଦ୍ରକାବ୍ୟରେ କବି ଗଙ୍ଗାଧର ମେହେର ସମ୍ବଲପୁରର ରାଜା ବଳରାମ ଦେବଙ୍କ ଜୀବନୀକୁ କେନ୍ଦ୍ର କରିଛନ୍ତି। ଏଥିରେ ଚୌହାନ ରାଜବଂଶର ଇତିହାସ, ସମ୍ବଲପୁର ରାଜ୍ୟ ସ୍ଥାପନ, ସମଲେଇ ଦେବୀଙ୍କ ମହିମା ଆଦି ବିଭିନ୍ନ ବିଷୟ ସହିତ ସମ୍ବଲପୁରର ତାତ୍କାଳିକ ଚିତ୍ରକୁ ଅତି ମନୋଜ୍ଞ ରୂପେ ଚିତ୍ରଣ କରିବାରେ କବି ମେହେର ସଫଳ ହୋଇପାରିଛନ୍ତି।

- **କୀଚକବଧ :** ଗଙ୍ଗାଧର ମେହେରଙ୍କ ଶାଶ୍ୱତ କୃତିଗୁଡ଼ିକ ମଧ୍ୟରେ କୀଚକବଧ ଅନ୍ୟତମ। ୧୯୦୨-୦୩ ମସିହାରେ ରଚିତ 'କୀଚକବଧ' ୧୯୦୪ ମସିହାରେ ପୁସ୍ତକାକାର ପ୍ରକାଶ ପାଇଛି। ସାତ ସର୍ଗ ବିଶିଷ୍ଟ ଏହି ଲୋକପ୍ରିୟ କାବ୍ୟରେ ମହାଭାରତର ବିରାଟପର୍ବର କଥାବସ୍ତୁ ଉପରେ ଆଧାରିତ। ଭାରତୀୟ ନାରୀର ମର୍ଯ୍ୟାଦା, ସତୀତ୍ୱ, ପତିଭକ୍ତି, ସେବା ଓ ତ୍ୟାଗର ଜ୍ୱଳନ୍ତ ଉଦାହରଣ ହେଉଛି 'କୀଚକ ବଧ' କାବ୍ୟ। ଧନ, ଅହଙ୍କାର, କାମନା, ବାସନା, ମଣିଷର ଜୀବନକୁ କିପରି ବିପର୍ଯ୍ୟସ୍ତ, ବିପଥଗାମୀ ଓ ପଥଭ୍ରଷ୍ଟ କରାଏ ଏବଂ ଶେଷରେ ବିନାଶର କାରଣ ସାଜିଥାଏ ତାହା କବି ଗଙ୍ଗାଧର ମେହେର କୀଚକ ଚରିତ୍ର ମାଧ୍ୟମରେ ଦେଖେଇ ଦେଇଛନ୍ତି। ବିରାଟ ରାଜାଙ୍କ ଶାଳକ ତଥା ମହାରାଣୀ ସୁଦେଷ୍ଣାଙ୍କ ଭାଇ କୀଚକ ଜଣେ ବଳଶାଳୀ, ପରାକ୍ରମୀଶାଳୀ ହେଲେ ମଧ୍ୟ ଜଣେ ଲମ୍ପଟ ଓ କାମାନ୍ଧ ପୁରୁଷ ଭାବେ ଅଜ୍ଞାତବାସରେ ଛଦ୍ମ ବେଶରେ ଥିବା ସୈରୀନ୍ଦ୍ରୀ ପ୍ରତି ଖରାପ ବ୍ୟବହାର ହିଁ ତା'ର ବିନାଶର ମୂଳ କାରଣ ହୋଇଛି। ଅଜ୍ଞାତବାସ କାଳରେ ପଞ୍ଚୁପାଣ୍ଡବ ଓ ଦ୍ରୌପଦୀ ଛଦ୍ମବେଶରେ ବିରାଟ ନଗରୀରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସୈରୀନ୍ଦ୍ରୀଙ୍କ ସୌନ୍ଦର୍ଯ୍ୟର ଆକର୍ଷିତ ହୋଇ କୀଚକ ନିଜର କାମନାକୁ ଚରିତାର୍ଥ କରିବା ପାଇଁ ଜଣେ ଦାସୀର ସହାୟତାରେ ସୈରୀନ୍ଦ୍ରୀଙ୍କୁ କରାୟତ୍ତ କରିବା ପାଇଁ ଉଦ୍ୟମ କରି ଶେଷରେ ବିଫଳ ହୋଇଛି। କୀଚକର ମନ୍ଦ ଉଦ୍ଦେଶ୍ୟକୁ ସୈରୀନ୍ଦ୍ରୀ ଜାଣିପାରି ସବାଶେଷରେ ଭୀମଙ୍କ ସାହାଯ୍ୟ ନେଇଛନ୍ତି। ତେଣୁ କୀଚକର କାମନାବାସନା ଚରିତାର୍ଥ ହେବା ପୂର୍ବରୁ, ସୈରୀନ୍ଦ୍ରୀଙ୍କ ଇଜ୍ଜତ ବା ମର୍ଯ୍ୟାଦାରେ କୌଣସି କଳଙ୍କର ଛିଟା ଲାଗିବା ପୂର୍ବରୁ କୀଚକକୁ ଭୀମ ବଧ କରିଛନ୍ତି। କୀଚକ ଚରିତ୍ର ମାଧ୍ୟମରେ କବି ସୂଚାଇ ଦେଇଛନ୍ତି ଯେ ଗର୍ବ, ଅହଙ୍କାର, ଧନ ସମ୍ପତ୍ତି, କାମନା ବାସନା, ନାରୀପ୍ରତି ଅସମ୍ମାନ ପ୍ରଦର୍ଶନ କରୁଥିବା ବ୍ୟକ୍ତିବିଶେଷ କିପରି ଅଧଃପତନ ଆଡ଼କୁ ଚାଲିଯାଇଥାନ୍ତି, ତାହା ପ୍ରମାଣିତ କରିଦେଇଛନ୍ତି ଏହି କାବ୍ୟରେ। ସତ୍ୟ ଓ ଧର୍ମର ଜୟ ଯୁଗେ ଯୁଗେ କିପରି ଅକ୍ଷୁର୍ଣ୍ଣ ରହିବ ତାହାହିଁ ଗଙ୍ଗାଧରଙ୍କ 'କୀଚକବଧ' କାବ୍ୟର ମୂଳ ମନ୍ତ୍ର।

- **ଅଯୋଧ୍ୟା ଦୃଶ୍ୟ :** କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ ଅନ୍ୟ ଏକ କ୍ଷୁଦ୍ରକାବ୍ୟ ହେଉଛି 'ଅଯୋଧ୍ୟାଦୃଶ୍ୟ'। ଦିନି ସର୍ଗ ବିଶିଷ୍ଟ ଏହି କାବ୍ୟଟି ୧୯୧୦ ମସିହାରୁ ରଚିତ ହୋଇ ଶେଷରେ ୧୯୧୫ ମସିହାରେ ପୁସ୍ତକାକାରରେ ପ୍ରକାଶିତ ହୁଏ। କବି ତଥା ବିଶିଷ୍ଟ ଶିକ୍ଷାବିତ୍, ବ୍ରଜମୋହନ ପଣ୍ଡାଙ୍କୁ କବି ଗଙ୍ଗାଧର ମେହେର ଏହି କାବ୍ୟଟିକୁ ଉତ୍ସର୍ଗ କରିଥିଲେ। ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପାଇଁ ଅଯୋଧ୍ୟା ନଗରୀରେ ଦେଖାଦେଇଥିବା ଆନନ୍ଦୋଲ୍ଲାସ ଏବଂ ରାଜା ଦଶରଥଙ୍କ ମାନସିକ ଅବସ୍ଥା ଓ ମୃତ୍ୟୁରେ କୌଶଲ୍ୟାଙ୍କ କାରୁଣ୍ୟକୁ ଅତି ଚମତ୍କାରଭାବେ କବି ଗଙ୍ଗାଧର ମେହେର ଏହି କାବ୍ୟରେ ବର୍ଣ୍ଣନା କରିଛନ୍ତି। ରାମଚନ୍ଦ୍ରଙ୍କ

ରାଜ୍ୟାଭିଷେକ ଦେଖିବା ପାଇଁ ଅଯୋଧ୍ୟାବାସୀଙ୍କ ମନ ଉଚ୍ଛନ୍ନ ହୋଇଉଠିଛି । ତେଣୁ ରାଜ୍ୟର ପ୍ରଜା ନାନା ରଙ୍ଗର ବସନ, ଭୂଷଣରେ ସୁସଜ୍ଜିତ ହୋଇ ଧନୀ ଗରିବ ସମସ୍ତେ ଏକାକାର ହୋଇ ମହାନନ୍ଦରେ ନୃତ୍ୟ କରୁଥିବାରୁ ସମଗ୍ର ରାଜରାସ୍ତା ଲୋକାରଣ୍ୟ ହୋଇ ଉଠିଥିଲା । ସମସ୍ତ ପ୍ରଜାଙ୍କ ମନରେ ଭରି ରହିଥିଲା ଆଗ୍ରହ ଓ ଅପୂର୍ବ ଉତ୍କଣ୍ଠା । ମାତ୍ର ସେସବୁ କ୍ଷଣକ ମଧ୍ୟରେ ଭାଙ୍ଗି ଯାଇଥିଲା । ଆଗ୍ରହ ଓ ଅପୂର୍ବ ଉତ୍କଣ୍ଠା । ମାତ୍ର ସେସବୁ କ୍ଷଣକ ମଧ୍ୟରେ ଭାଙ୍ଗି ଯାଇଥିଲା । ସାର ଅଯୋଧ୍ୟାରେ ଖେଳିଗଲା ନୈରାଶ୍ୟର ବାତାବରଣ । ଯେତେବେଳେ ରାମଚନ୍ଦ୍ର ରାଜସିଂହାସନ ଆରୋହଣ ନ କରି ଚଉଦ ବର୍ଷ ବନବାସକୁ ଯିବାକଥା ପ୍ରଚାରିତ ହୋଇଗଲା । ପୁଣି ପ୍ରାଣପ୍ରିୟ ପୁତ୍ର ଯୁବରାଜ ରାମଚନ୍ଦ୍ରଙ୍କ ବନବାସ ଯିବା ଚିନ୍ତାରେ ରାଜା ଦଶରଥ ଗଭୀର ଆଘାତ ପାଇବା ଏବଂ ପୁତ୍ରକଥା ଭାବି ଭାବି ଶେଷରେ ନିଜ ପ୍ରାଣତ୍ୟାଗ କରିବା । ଅନ୍ୟପଟେ ପୁତ୍ରବନବାସ ଏବଂ ପତି ବିୟୋଗରେ ରାଣୀ କୌଶଲ୍ୟା ମ୍ରିୟମାଣ ହୋଇ ଯେଉଁ ଦୁଃଖ ପାଇଛନ୍ତି, ତାକୁ କବି ଗଙ୍ଗାଧର ମେହେର ଖୁବ୍ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଶେଷରେ ଅର୍ଥାତ୍ ତୃତୀୟ ସର୍ଗରେ ରାମଚନ୍ଦ୍ର ଚଉଦବର୍ଷ ବନବାସ କରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନରେ ରାଜ୍ୟବାସୀ ଯେଉଁ ଖୁସି ମନେଇଛନ୍ତି ଏବଂ ରାମ ଓ ଭରତଙ୍କ ମିଳନକୁ କବି ହୃଦୟସ୍ପର୍ଶୀ ଭାବେ ଉପସ୍ଥାପନ କରିଛନ୍ତି । 'ଅଯୋଧ୍ୟାଦୃଶ୍ୟ' କାବ୍ୟର ବିଷୟବସ୍ତୁ । ଯଦିଓ ରାମାୟଣର କାହାଣୀରୁ ସଂଗୃହିତ ତଥାପି ଏହାର କବିଙ୍କ ମୌଳିକତା ବାରି ହୋଇ ପଡ଼ିଥାଏ । ପିତୃ ସତ୍ୟ ରକ୍ଷା, ଜନନୀର ସ୍ନେହ, ଭ୍ରାତୃ ପ୍ରେମ, ରାଜଧର୍ମ ପାଳନ, ପତିଭକ୍ତି, ଆଦିର ବର୍ଣ୍ଣନାରେ କବି ମେହେରଙ୍କ ବୈଶିଷ୍ଟ୍ୟ ସ୍ପଷ୍ଟ ହୋଇଥାଏ ।

- **ତପସ୍ୱିନୀ :** କବି ଗଙ୍ଗାଧର ମେହେର ଯେଉଁ କେତୋଟି କାବ୍ୟକବିତା ରଚନା କରିଛନ୍ତି ତନ୍ମଧ୍ୟରୁ କେବଳ 'ତପସ୍ୱିନୀ' କାବ୍ୟଟି ହିଁ ତାଙ୍କୁ ଅମର କରିଦେଇଛି । ଏହି କାବ୍ୟ ହେଉଛି ଗଙ୍ଗାଧରଙ୍କ କାଳଜୟୀ ଓ ଅନୁପମ କୃତି । ୧୧ଟି ସର୍ଗ ବିଶିଷ୍ଟ ଏହି କାବ୍ୟଟି ୧୯୧୨-୧୩ ମସିହାରେ ରଚିତ ହୋଇ ୧୯୧୪ ମସିହାରେ ସମ୍ବଲପୁରର ରାମ ନାରାୟଣ ମିଶ୍ରଙ୍କ ସହାୟତାରେ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା । ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଦର୍ଶରେ ରହିଥିବା ତ୍ୟାଗ ଓ ତିତିକ୍ଷା କିପରି ଦାମ୍ପତ୍ୟ ଜୀବନରେ ପତିପତ୍ନୀକୁ ଅତି ନିକଟରେ ଓ ପରସ୍ପରର ନିକଟତର କରିଥାଏ । ତାହାର ନିଛକ ପ୍ରତିଛବି ହେଉଛି ଏହି କାବ୍ୟ । ଭୋଗରେ ନୁହେଁ ବରଂ ତ୍ୟାଗରେ ହିଁ ପ୍ରେମ ନିବିଡ଼ ଓ ଶାଶ୍ୱତ ହୋଇଥାଏ । ଏଭଳି ଏକ ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ କବି ଗଙ୍ଗାଧର ରାମାୟଣରୁ କଥାବସ୍ତୁ ସଂଗ୍ରହ କରି ରଚନା କରିଥିଲେ 'ତପସ୍ୱିନୀ' ଭଳି ଏକ କାଳଜୟୀ କାବ୍ୟ । ତପସ୍ୱିନୀ କାବ୍ୟର ରାମଚନ୍ଦ୍ର ଓ ସୀତା ଦୁଇଟି ମହାନ୍ ଭାରତୀୟ ଆଦର୍ଶ ଚରିତ୍ର । ସୀତା ମିଥ୍ୟା ଅପବାଦ ଯୋଗୁଁ ସ୍ୱାମୀଦ୍ୱାରା ପରିତ୍ୟକ୍ତା ହୋଇଥିଲେ ମଧ୍ୟ କେବେହେଲେ ପତି ରାମଚନ୍ଦ୍ର ପ୍ରତି ତାଙ୍କର ଘୃଣାଭାବ ନ ଆସି ତାଙ୍କ ପ୍ରେମ ଓ ଭଲ ପାଇବା ବରଂ ଆହୁରି ବଢ଼ିଯାଇଥିଲା । କାରଣ ସୀତା ଅନୁଭବ କରିଥିଲେ ଯେ ରାଜା ରାମଚନ୍ଦ କେବଳ ରାଜଧର୍ମ ବା ରାଜାର କର୍ତ୍ତବ୍ୟ ପାଳନକରିବା ପାଇଁ ହିଁ ନିର୍ଦ୍ଦୋଷୀ ସୀତାକୁ ନିଜ ହୃଦୟରୁ ଦୂରେଇ ଦେଇଛନ୍ତି । ସକଳ ଦୁଃଖ, ଯନ୍ତ୍ରଣା, ଦହନ, ବାଧା ପ୍ରତିବନ୍ଧକ ସତ୍ତ୍ୱେ ମଧ୍ୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ରହିଥିବା ଭଲପାଇବା କିପରି ନିବିଡ଼ରୁ ଆହୁରି ନିବିଡ଼ତର ହୋଇଛି ତାକୁ କବି ରାମ ଓ ସୀତା ଭଳି ଦୁଇଟି ଆଦର୍ଶ ଚରିତ୍ର ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ଭାରତୀୟ ନାରୀର ଆଦର୍ଶ, ପତି ପରାୟଣତା, ସୁଶାସକର କର୍ତ୍ତବ୍ୟ, ଦାମ୍ପତ୍ୟ ପ୍ରେମର ନିବିଡ଼ତା, ରାଜଧର୍ମ, ତ୍ୟାଗର ମହନୀୟତା ଇତ୍ୟାଦିକୁ କବି ମେହେର 'ତପସ୍ୱିନୀ' କାବ୍ୟରେ ମନୋଜ୍ଞ ଭାବରେ ରୂପାୟିତ କରିଛନ୍ତି ।

- **ପ୍ରଣୟବଲ୍ଲରୀ :** ଓଡ଼ିଆ ସାହିତ୍ୟରେ ପ୍ରେମପ୍ରଣୟକୁ ଯେଉଁ କେତୋଟି କାବ୍ୟ ରଚିତ ହୋଇଛି ତନ୍ମଧ୍ୟରେ କବି ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟ ଅନ୍ୟତମ। ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରେମପ୍ରସଙ୍ଗକୁ ନେଇ ଲିଖିତ ପ୍ରସିଦ୍ଧ ମହାକବି କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକର କଥାବସ୍ତୁକୁ ଆଧାର କରି ଏହି କାବ୍ୟର ମୂଳ କାହାଣୀ ଗତିଶୀଳ। ଭାରତୀୟ ଜନମାନସରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରେମ କାହାଣୀ ବହୁ ଚର୍ଚ୍ଚିତ। କବି ମେହେରଙ୍କ ସୃଷ୍ଟି ଭିତରେ ଏହି ଦୁଇଟି ଚରିତ୍ର ଚମତ୍କାର ଭାବେ ଉପସ୍ଥାପିତ ହୋଇଛନ୍ତି। ୧୯୦୩ ମସିହାରେ ଗଙ୍ଗାଧର 'ପ୍ରଣୟ ବଲ୍ଲରୀ' କାବ୍ୟ ରଚନା କରିଥିଲେ ମଧ୍ୟ ୧୯୧୫ ମସିହାରେ ପୁସ୍ତକାକାରରେ ପ୍ରକାଶ ପାଇଥିଲା। 'ପ୍ରଣୟବଲ୍ଲରୀ' କାବ୍ୟର ସାତୋଟି ସର୍ଗକୁ କବି ଯଥାକ୍ରମେ ପ୍ରଣୟାଙ୍କୁର, ପ୍ରଣୟ - ପଲ୍ଲବ, ପ୍ରଣୟ - ପ୍ରସୂନ, ପ୍ରଣୟ - ସୌରଭ, ପୁଷ୍ପେକୀଟ, ପ୍ରଣୟ - ଫଳ ଓ ପ୍ରଣୟ - ଛାୟା ଭାବରେ ନାମକରଣ କରିଛନ୍ତି। ସର୍ଗଗୁଡ଼ିକର ନାମକରଣରୁ ହିଁ କବି ମେହେରଙ୍କ ପ୍ରତିଭାର ପରିଚୟ ମିଳିଥାଏ। ପୁରୁବଂଶର ରାଜା ଦୁଷ୍ମନ୍ତ ଶିକାର କରିବା ପାଇଁ ଘୋର ଅରଣ୍ୟରେ ପ୍ରବେଶ କରି ମୃଗର ପଛେ ପଛେ ଧାବନକରି କଣ୍ୱ ମୁନିଙ୍କ ଆଶ୍ରମରେ ପହଞ୍ଚିବା, ସେହି ମୃଗକୁ ନ ମାରିବା ପାଇଁ ତପସ୍ୱୀ ଦୁଇଜଣଙ୍କ ଅନୁରୋଧରେ ମୃଗକୁ ନ ମାରିବା, ପରେ ରାଜା ଶିକାରି ବେଶ ତ୍ୟାଗକରି ମାଳିନୀ ନଦୀ କୂଳରେ ଅବସ୍ଥିତ କଣ୍ୱମୁନିଙ୍କ ଆଶ୍ରମକୁ ଗମନ, ଆଶ୍ରମର ପ୍ରାକୃତିକ ସୌନ୍ଦର୍ଯ୍ୟ, ଆଧାତ୍ମିକ ବାତାବରଣରେ ଆକୃଷ୍ଟ ହେବା, ମୁନିକନ୍ୟା ଶକୁନ୍ତଳାଙ୍କୁ ଦର୍ଶନ ଏବଂ ତାଙ୍କ ରୂପ ଲାବଣ୍ୟରେ ଆକୃଷ୍ଟ ହେବା ଏବଂ ଶକୁନ୍ତଳାଙ୍କ ପାଣିଗ୍ରହଣ ପାଇଁ ଇଚ୍ଛାପ୍ରକାଶ କରିବା, ପରସ୍ପର ଉଭୟଙ୍କ ରୂପଲାବଣ୍ୟରେ ଆକୃଷ୍ଟ ହେବା। ଦୁଷ୍ମନ୍ତ ଆଶ୍ରମରୁ ଫେରିବାବେଳେ ନିଜ ଆଙ୍ଗୁଠିରୁ ସ୍ୱର୍ଣ୍ଣ ମୁଦ୍ରିକା କାଢ଼ି ଶକୁନ୍ତଳାଙ୍କ ଅଙ୍ଗୁଳିରେ ପିନ୍ଧେଇ ଦେଇ ଫେରିବା, ଶକୁନ୍ତଳାଙ୍କୁ ପାଇବା ପାଇଁ ଦୁଷ୍ମନ୍ତଙ୍କ ଭିତରେ ଆକାଂକ୍ଷା ବଢ଼ିବା ଅନ୍ୟପଟେ ଦୁଷ୍ମନ୍ତଙ୍କୁ ପାଇବା ପାଇଁ ଶକୁନ୍ତଳାଙ୍କ ହୃଦୟରେ ପ୍ରେମ ଭରି ରହିଥିଲେ ମଧ୍ୟ ଆଶ୍ରମର ନିୟମକୁ ଭାଙ୍ଗି ନ ପାରିବା। ଏହି ଭଳି ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପ୍ରେମକାହାଣୀକୁ ନେଇ 'ପ୍ରଣୟବଲ୍ଲରୀ' କାବ୍ୟ ଗତିଶୀଳ। ଏହି କାବ୍ୟର ମୂଳକଥାବସ୍ତୁ ଏକ ପୌରାଣିକ ଆଖ୍ୟାନ ହୋଇଥିଲେ ମଧ୍ୟ ଏଥିରେ କବି ମେହେରଙ୍କ ମୌଳିକ ପ୍ରତିଭାର ପରିଚୟ ମିଳିଥାଏ। 'ପ୍ରଣୟବଲ୍ଲରୀ' କାବ୍ୟରେ ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ଅତି ଚମତ୍କାର। ସେହିଭଳି ଭାଷା, ଭାବ, ବର୍ଣ୍ଣନାଚାତୁରୀ, ଛନ୍ଦ, ପଦବିନ୍ୟାସ, ଅଳଙ୍କାର ସଂଯୋଜନାରେ କବିଙ୍କ ପ୍ରତିଭାର ପରିଚୟ ମିଳିଥାଏ। ଯାହା ପାଠକଙ୍କୁ ଏକ ଭିନ୍ନ ଜଗତକୁ ନେଇଯାଇଥାଏ।

- **ପଦ୍ମିନୀ :** ୧୯୧୦ ମସିହାରେ ରଚିତ 'ପଦ୍ମିନୀ' ହେଉଛି କବି ଗଙ୍ଗାଧର ମେହେରଙ୍କ ଏକ ଅସଂପୂର୍ଣ୍ଣ କାବ୍ୟ। ଯଦିଓ ପରବର୍ତ୍ତୀ ସମୟରେ କବିପୁତ୍ର ଭଗବାନ ମେହେର ନିଜ ପିତାଙ୍କ ଅସଂପୂର୍ଣ୍ଣ କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିଥିଲେ। ପଦ୍ମିନୀ ପ୍ରଥମେ ଗଙ୍ଗାଧର ପାଞ୍ଚଟି ସର୍ଗ ରଚନା କରିଥିଲେ କିନ୍ତୁ ଭଗବାନ ମେହେର ପରବର୍ତ୍ତୀ ସମୟରେ ଆଉ ପାଞ୍ଚଗୋଟି ସର୍ଗଯୋଡ଼ି ସମୁଦାୟ ଦଶଟି ସର୍ଗଭିତ୍ତିକ କରି 'ପଦ୍ମିନୀ' କାବ୍ୟକୁ ସଂପୂର୍ଣ୍ଣ କରିଥିଲେ। କବି ଗଙ୍ଗାଧରଙ୍କ ଏହା ଏକ ଐତିହାସିକ କାବ୍ୟ। ବୀର ରମଣୀ ପଦ୍ମିନୀଙ୍କ ତ୍ୟାଗ ଓ ବୀରତ୍ୱର ଗାଥା ଶକ୍ତିଶାଳୀ ଭାବେ ବର୍ଣ୍ଣିତ ଏହି କାବ୍ୟରେ। ଚିତୋର ନଗରର ରାଜା ଭୀମସିଂହଙ୍କ ସୁନ୍ଦରୀ ପତ୍ନୀ ପଦ୍ମିନୀ ଥିଲେ ସତୀ, ମହିୟସୀ ଓ ଜ୍ୟୋତିର୍ମୟୀ। ସେ ନିଜର ସ୍ନେହ, ମମତାରେ ସାରା ରାଜ୍ୟବାସୀଙ୍କ ହୃଦୟକୁ ଜୟ

କରିପାରିଥିଲେ କିନ୍ତୁ ଏହି ସୁନ୍ଦରୀ ନାରୀଙ୍କ ରୂପ ଲାବଣ୍ୟରେ ଆକୃଷ୍ଟ ହୋଇ ଦିଲ୍ଲୀ ସମ୍ରାଟ୍ ଆଲ୍ଲାଉଦ୍ଦୀନ ଖିଲିଜ ତାଙ୍କୁ ଅପହରଣ କରି ଘଟଣାକୁ ନେଇ 'ପଦ୍ମିନୀ' କାବ୍ୟ ରଚିତ। ରାଣୀ ପଦ୍ମିନୀ ନିଜ ସତୀତ୍ୱ ଓ ଆତ୍ମ ସମ୍ମାନ ରକ୍ଷାକରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସଂଘର୍ଷ କରିବା ଘଟଣାରୁ ଜଣେ ପତିବ୍ରତା ନାରୀର ସଂଯମ ଓ ଧୈର୍ଯ୍ୟଶୀଳତାର ସୂଚନା ମିଳିଥାଏ, ଯାହାକୁ କବି ଗଙ୍ଗାଧର 'ପଦ୍ମିନୀ' କାବ୍ୟରେ ଦର୍ଶାଇଛନ୍ତି। ପଦ୍ମିନୀ ଭଳି ବୀରାଙ୍ଗନାଙ୍କ ମାଧ୍ୟମରେ କବି ସମଗ୍ର ନାରୀ ଜାତିକୁ ଶକ୍ତିଶାଳୀ ହେବାକୁ ଆହ୍ୱାନ ଦେଇଛନ୍ତି।

## ୨.୫.୨ ଗଙ୍ଗାଧରଙ୍କ କବିତା ଜଗତ

- **ମହିମା :** କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ ବିଭିନ୍ନ କବିତା ସଂକଳନ ମଧ୍ୟରେ 'ମହିମା' ଏକ ବହୁ ଜନାଦୃତ ଦୀର୍ଘ କବିତା ଏହି 'ମହିମା' ସଂକଳନରେ 'ମହିମା', 'ଆମୋଦ', 'ପୁଷ୍କରିଣୀ', 'ତରୁବର', 'ନିଦାଘ ରାଜତ୍ୱ' କବିତା ସଂଗୃହୀତ ହୋଇ ରହିଛି। ଏହି କବିତାଗୁଡ଼ିକ ମଧ୍ୟରୁ 'ମହିମା' କବିତା ଅତ୍ୟନ୍ତ ହୃଦୟସ୍ପର୍ଶୀ। 'ମହିମା' କବିତାରେ ମହତ ପୁରୁଷଙ୍କ ଜୀବନର ମହତ୍ତ୍ୱ ଅତି ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି। ମହିମା ହେଉଛି ମଣିଷର ମହତଗୁଣର ଏକ ମନୋଜ୍ଞ ପରିପ୍ରକାଶ। ସତ୍ୟ,ଆଦର୍ଶ,କର୍ତ୍ତବ୍ୟର ମହିମାଗା ନ କରାଯାଇଛି ଏହି କବିତାରେ। ନିଜ ପାଇଁ କେବଳ ଜୀବନ ବଞ୍ଚିବାର ମଣିଷ ତୃପ୍ତି ଲାଭ କରିପାରିନଥାଏ। ନିଜେ ସୁଖ ଓ ଶାନ୍ତିରେ କାଳାତିପାତ କରିବାଦ୍ୱାରା ଜୀବନର ପ୍ରକୃତ ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇନଥାଏ। ଜୀବନର ଆଭିମୁଖ୍ୟ ସମ୍ପର୍କରେ କବି ଗଙ୍ଗାଧର ମଣିଷମାନଙ୍କୁ ସଚେତନ କରାଇ ଦେଇଛନ୍ତି।

- **କବିତା କଲ୍ଲୋଳ :** ଗଙ୍ଗାଧର ମେହେରଙ୍କ ଏକ ଲୋକପ୍ରିୟ କବିତା ସଂକଳନ ହେଉଛି 'କବିତା କଲ୍ଲୋଳ'। ୧୯୦୩ ରୁ ୧୯୧୦ ମସିହା ମଧ୍ୟରେ ରଚିତ କବିତାଗୁଡ଼ିକ ଏହି ସଂକଳନରେ ସଂଗୃହୀତ ହୋଇ ୧୯୧୨ ମସିହାରେ ପୁସ୍ତକାକାରରେ ପ୍ରକାଶ ପାଇଥିଲା। ଏହି ସଂକଳନରେ 'ବେଦବ୍ୟାସ', 'ଚନ୍ଦ୍ର ରଜନୀ', 'ବସନ୍ତ ବାସର', 'ବର୍ଷାଚିତ୍ର' ସୋମନାଥ ବିଜୟ' ପ୍ରଭୃତି ଦୀର୍ଘ କବିତା ସ୍ଥାନ ପାଇଛି। 'କବିତା କଲ୍ଲୋଳ' ପୁସ୍ତକର ପ୍ରଥମ କବିତା ହେଉଛି 'ବେଦବ୍ୟାସ', କବି ଗଙ୍ଗାଧର ବ୍ରଜମୋହନ ପଣ୍ଡାଙ୍କ ସହିତ ବେଦବ୍ୟାସ ଦର୍ଶନରେ ଯାଇ ସେଠାକାର ମନୋରମ ପ୍ରାକୃତିକ ଦୃଶ୍ୟରେ ବିଭୋର ହୋଇ ଏହି କବିତାଟି ରଚନା କରିଥିଲେ। ପୁସ୍ତକରେ ସଂକଳିତ ଦ୍ୱିତୀୟ କବିତା 'ଚନ୍ଦ୍ର ରଜନୀ'ରେ କବି ମେହେର ରଜନୀର ଦୃଶ୍ୟକୁ ଜଣେ ଭାବୁକର ମନନେଇ ଅତି ଚମତ୍କାର ଭାବେ ରଜନୀର ସ୍ନିଗ୍ଧ ଶୀତଳ କିରଣକୁ ବର୍ଣ୍ଣନା କରିଛନ୍ତି। ସେହିପରି 'ବସନ୍ତ ବାସର' କବିତାରେ ବସନ୍ତ ଆଗମନରେ ଆକାଶ ମଣ୍ଡଳ କିପରି ସଜୀବ ହୋଇ ଉଠିଥାଏ ପୁଣି ତାରାମାନେ କିଭଳି ପୃଥିବୀ ପୃଷ୍ଠକୁ ଆଲୋକିତ କରିଥାନ୍ତି ତାକୁ ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି। ସୋମନାଥଙ୍କ ସ୍ତୁତିଗାନ ସହିତ ଏହାର ଚତୁର୍ଦ୍ଦିଗରେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟର ଚିତ୍ରକୁ କବି ଗଙ୍ଗାଧର 'ସୋମନାଥ ବିଜୟ' କବିତାର ବର୍ଣ୍ଣନା କରିଥିବାବେଳେ 'ବର୍ଷାଚିତ୍ର' କବିତାରେ ବର୍ଷାକାଳୀନ ରାତ୍ରିର ଅପୂର୍ବ ଦୃଶ୍ୟକୁ ଚିତ୍ରଣ କରାଯାଇଛି। 'କବିତା କଲ୍ଲୋଳ' କବିତା ସଂକଳନରେ ସ୍ଥାନ ପାଇଥିବା ପ୍ରତ୍ୟେକ କବିତା ପାଠକର ହୃଦୟକୁ ସ୍ପର୍ଶ କରିବାରେ ସଫଳ ହୋଇପାରିଛି।

- **ଅର୍ଘ୍ୟଥାଳୀ :** କବି ହୃଦୟର ନିର୍ମଳ ଉକ୍ତି ଓ ଈଶ୍ୱର ପ୍ରୀତିର ମଧୁର ଅଭିବ୍ୟକ୍ତି ହେଉଛି 'ଅର୍ଘ୍ୟଥାଳୀ' କବିତା ସଂକଳନରେ ସଂକଳିତ କବିତାଗୁଡ଼ିକ । ଅଣଚାଳିଶଗୋଟି ମନୋଜ୍ଞ କବିତାର ସମାହାରରେ ଏହି କବିତାଗ୍ରନ୍ଥ ପରିପୁଷ୍ଟ । ଏହି ଗ୍ରନ୍ଥରେ ସ୍ଥାନିତ କବିତାଗୁଡ଼ିକ ମୁଖ୍ୟତଃ ଭକ୍ତି ରସାଶ୍ରିତ । ଏଥିରେ 'ଭକ୍ତି', 'ସମଲେଇ ଦେବୀଙ୍କ ପ୍ରତି', 'ଅମୃତମୟ', 'ମଧୁମୟ', 'ଉତ୍କଳ ଭାରତୀଙ୍କ ଉକ୍ତି', 'ନର ଓ ମୟୂର', 'ବର୍ଷାଋତୁ ପ୍ରତି', 'ଖଦ୍ୟୋତର ଖେଦ', 'ଅନ୍ଧକାରର ଆତ୍ମପ୍ରସାଦ', 'ସୂର୍ଯ୍ୟପ୍ରତି ଦୀପ', 'ବାକ୍ୟବୀର ଓ କର୍ମବୀର', 'ସଙ୍ଗଫଳ', 'ତାରା ଓ ସୂର୍ଯ୍ୟ', 'ଜ୍ୟେଷ୍ଠ ଜାତିର ଅପକର୍ମର ପରିଣାମ', 'ଗଣେଶଙ୍କ ଆତ୍ମକଥା', 'ପରିଶ୍ରମ', 'କର୍ମଗୁଣ', 'ମହନ୍ଧକାର', 'ଗର୍ବ', 'ତାଙ୍କୁ ମଧ ବୋଲିଥାନ୍ତି ଧର୍ମାବତାର', 'ବଳରାମ ଦେବ', 'ସ୍ୱର୍ଗୀୟା କୃଷ୍ଣକୁମାରୀ', 'ଫକୀର ମୋହନଙ୍କ ମୃତ୍ୟୁ ଶଯ୍ୟା', 'ନିକଟରେ ଉତ୍କଳମାତାର ରୋଦନ', 'ମଳୟ ଆବାହନ', 'ମାତୃଭୂମି', 'ଗୌରୀଶଙ୍କର', 'ପ୍ରଧାନପାଟ', 'ବୁଢ଼ାରାଜା', 'ପାପକ୍ଷୟ ଘାଟ', 'ବାଳ ପାଦପ', 'ଉଦ୍‌ବୋଧନ', 'ନବବର୍ଷ', 'ପ୍ରେତର ଅନୁତାପ', 'ବିଦ୍ୟାରତ୍ନଙ୍କ ହିତୈଷିଣୀ', 'ପଞ୍ଚାୟତ', 'ବିଦୁର ପ୍ରଜାଗର' ଏହି ସଂକଳନରେ ସ୍ଥାନିତ କବିତାଗୁଡ଼ିକ ବାସ୍ତବ ଜୀବନର ଏକ ଏକ ସୁନ୍ଦର ଆଲେଖ୍ୟ ।

- **କବିତାମାଳା :** କବି ଗଙ୍ଗାଧରଙ୍କ ନିବିଡ଼ ଜୀବନାନୁଭବର ଏକ କାବ୍ୟିକ ବାଙ୍ମୟ ପ୍ରକାଶ ହେଉଛି 'କବିତାମାଳା' କବିତା ସଂକଳନ ଗ୍ରନ୍ଥ । ଏହି ଗ୍ରନ୍ଥରେ ସ୍ଥାନିତ କବିତାଗୁଡ଼ିକ ହେଲା - 'ପ୍ରାର୍ଥନା', 'ଉତ୍କଳ ଗୌରବ', 'ପ୍ରଭାତ ପ୍ରାର୍ଥନା', 'ଭରସା', 'ଅର୍ପଣ', ଫକୀର ମୋହନଙ୍କ ସ୍ୱର୍ଗାରୋହଣ', 'ଅମୂଲ୍ୟ ଓ ମୂଲ୍ୟବାନ', 'ସୁଭାବ ଓ ସ୍ୱଭାବ', 'ମହାଜନ', 'ଗୁରୁଶିଷ୍ୟ', 'ହୀରାଖଣ୍ଡର ଜନ୍ମ', 'ମଧୁପର ମଧୁଭିକ୍ଷା', 'ଆତ୍ମକଥା', 'ମୃଗୟାଦର୍ଶନ', 'ମହାପ୍ରୟାଗ', ' ଭିକ୍‌ଟୋରିଆର ସ୍ତବ', 'ଗୋବିଳାପ', 'ଧର୍ମ', ପ୍ରଭୃତି କବିତା ରହିଛି । ଯେଉଁଥିରେ ଗଙ୍ଗାଧରଙ୍କ ଦାର୍ଶନିକ ଚିନ୍ତାଧାରା, ଆଧାତ୍ମିକ ଭାବନା, ମାତୃଭୂମି ଓ ମାତୃଭାଷା ପ୍ରତି ଭଲପାଇବା ଇତ୍ୟାଦି ଭାବ ପ୍ରକାଶ ପାଇଛି ।

- **କୃଷକ ସଙ୍ଗୀତ :** କୃଷି ଓ କୃଷକ ସମ୍ପର୍କିତ ଏକ ପ୍ରସିଦ୍ଧ ଲୋକପ୍ରିୟ ଗ୍ରନ୍ଥ ହେଉଛି କବି ମେହେରଙ୍କ 'କୃଷକ ସଙ୍ଗୀତ' କବିତା ଗ୍ରନ୍ଥ । ଚାଷ ଓ ଚାଷୀଙ୍କ ଉନ୍ନତି ତଥା କୃଷକମାନଙ୍କୁ ପ୍ରେରଣା ଦେବାପାଇଁ କବି ଏହି ଗ୍ରନ୍ଥରେ କୃଷକ ସମାଜଙ୍କ ମହାନୀୟତା ସମ୍ପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଏହି ଗ୍ରନ୍ଥରେ ସମୁଦାୟ ତେତିଶଟି କବିତା ସଂକଳିତ ହୋଇଛି । ସେଗୁଡ଼ିକ ହେଲା - 'ଅନ୍ନର ମହିମା', 'କୃଷକ ଗୌରବ', 'କୃଷକର ଆତ୍ମକଥା', 'ଆଖୁଚାଷ', 'ଭୂମି ବିଭାଗ', 'ଧାନ ଚାଷ', 'ଚଣା', 'ମୁଗଫଳୀ', 'ଓଲ', 'ମକା', 'ଦେବଧାନ୍ୟ', 'ହରିଣ ଗହମ', 'ଜେରୁସାଲେମ୍', 'ମୁଗ', 'ଆର୍ଟିକୋଚ୍', 'କନ୍ଦମୂଳ', 'ଉଲି', 'ବାଇଗଣ', 'ଲଙ୍କା ମରିଚ', 'ଆଳୁ', 'କୋବି', 'ପୋଟଳ', 'କଦଳୀ', 'ଲତାଫଳ', 'ଧନିଆ ଆଦି', 'ବ୍ରୀହି ଆଦି', 'ଗହମ', 'ସାରୁ ଆଦି', 'କାଉଁରିଆ', 'ଛଣ', 'କପା', 'ପାନ', 'ଉଦ୍ଭିଦ ରୋଗର ପ୍ରତିକାର', 'ଗୋରକ୍ଷଣ' । ଗୋଟିଏ ଦେଶ, ଜାତିର ବିକାଶରେ କୃଷକସମାଜର ଭୂମିକାକୁ ପ୍ରଶଂସା କରି ସମାଜପ୍ରତି ତାଙ୍କ ଅବଦାନ କିଭଳି ମହତ୍ତ୍ୱପୂର୍ଣ୍ଣ ସଚେତନ କବି ଗଙ୍ଗାଧର ମର୍ମେ ମର୍ମେ ଅନୁଭବ କରିଥିଲେ । ତେଣୁ କୃଷକସମାଜକୁ ଉତ୍ସାହିତ କରିବା ପାଇଁ 'କୃଷକ ସଙ୍ଗୀତ' ଭଳି କବିତାଗୁଡ଼ିକ ଲେଖିଥିଲେ ।

ଉପରୋକ୍ତ କାବ୍ୟକବିତା ବ୍ୟତୀତ କବି ଗଙ୍ଗାଧର ମେହେର 'ଏହା କି ପୃଥିବୀର ଶବ୍ଦ', 'ବ ଭେଦ' 'ର ଓ ରୁ ଭେଦ', 'ଚୁଗୁଲିଆ', 'ପୁରାଣ କବି ଫକୀରମୋହନ', 'ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ' ପ୍ରଭୃତି ପ୍ରବନ୍ଧରେ କବିଙ୍କ ମୌଳିକ ଚିନ୍ତାଚେତନାର ପରିଚୟ ମିଳିଥାଏ। ଏହାବାଦ୍ 'ଆତ୍ମଜୀବନୀ', 'ଶ୍ରୀ ନୃପରାଜ ସିଂହ', ' ସ୍ୱର୍ଗୀୟ କାଶୀନାଥ ପଣ୍ଡା', ଭଳି ଜୀବନୀମୂଳକ ଗ୍ରନ୍ଥ ମଧ୍ୟ ରଚନା କରିଛନ୍ତି। ଯେଉଁଥିରେ କବିଙ୍କ ଗଦ୍ୟଶୈଳୀର ପରିଚୟ ମଧ୍ୟ ମିଳିଥାଏ।

## ୨.୬ କବି ଗଙ୍ଗାଧରଙ୍କ ରଚନାର ବୈଶିଷ୍ଟ୍ୟ

କବି ଗଙ୍ଗାଧର ମେହେରଙ୍କ ସାହିତ୍ୟକୃତିକୁ ବିଶ୍ଲେଷଣ ଦେଲେ ଆମେ ସେଥିରେ କେତେକ ବୈଶିଷ୍ଟ୍ୟ ଦେଖିବାକୁ ପାଇଥାଉ। ଯାହା ନିମ୍ନରେ ପ୍ରଦାନ କରାଯାଇଛି।

- ପ୍ରସଙ୍ଗେକ୍ରମେ ସଙ୍ଗୀତପ୍ରିୟତା ହେଉଛି ଗଙ୍ଗାଧରଙ୍କ ଏକ ମୌଳିକ – ସିଦ୍ଧ ଗୁଣ।
- ଗଙ୍ଗାଧରଙ୍କ କାବ୍ୟକବିତାରେ ତାଙ୍କ ଜୀବନାଦର୍ଶ ତଥା ସମସାମୟିକ ସମାଜର ଚିତ୍ର ଜୀବନ୍ତ ଭାବରେ ଫୁଟିଉଠିଛି।
- ପୌରାଣିକ ଚରିତ୍ର ସମୂହକୁ ତାଙ୍କ କାବ୍ୟକବିତାରେ ମାନବୀୟଗୁଣ ପ୍ରଦାନ କରିବା ଗଙ୍ଗାଧରଙ୍କ ଅନ୍ୟତମ ବୈଶିଷ୍ଟ୍ୟ।
- ତାଙ୍କ କାବ୍ୟକବିତାରେ ପ୍ରକୃତି ଓ ମଣିଷର ଅନ୍ତଃପ୍ରକୃତି ଓ ବହିଃପ୍ରକୃତିର ଅପୂର୍ବ ସମନ୍ୱୟ ଘଟି ପାରିଛି।
- ପ୍ରକୃତି କବିଙ୍କ ଲେଖନୀରେ ଜୀବନ୍ତରୂପ ପାଇ ମାନବୀୟଗୁଣର ଅଧିକାରୀ ହୋଇପାରିଛି।
- ପୁରାଣର ଯେଉଁ ଚରିତ୍ରମାନେ ଗୌଣମନେ ହୁଅନ୍ତି, କବିଙ୍କ ଲେଖନୀରେ ସେମାନେ କରୁଣା, ସହାନୁଭୂତି ଓ ସେବାପରାୟଣତାର ସାକାର ରୂପେ ଚିତ୍ରିତ ହୋଇଛନ୍ତି।
- ସମାଜର ଅତି ସାଧାରଣ ବସ୍ତୁ ତଥା ପଦାର୍ଥ ଯେମିତି – ଆଳୁ, କୋବି, ଗହମ, ପୋଟଳ, କଦଳୀ, ଧନିଆ, ସାରୁ, ମକା, କାଉଁରିଆ, ଛଣ, ଧାନ, ବାଇଗଣ ଭଳି ପନିପରିବା ମଧ୍ୟ କବିଙ୍କ ଲେଖନୀରେ ପ୍ରମୁଖ ଭୂମିକାଗ୍ରହଣ କରିଛନ୍ତି।
- କବି ଗଙ୍ଗାଧର କେବଳ ସ୍ୱଭାବ କବି ନ ଥିଲେ ମଣିଷର ଜୀବନଚର୍ଯ୍ୟାକୁ ମଧ୍ୟ ସୁନ୍ଦରଭାବେ ଉପସ୍ଥାପିତ କରିଛନ୍ତି।
- କବି ଗଙ୍ଗାଧର ତାଙ୍କ କାବ୍ୟ କବିତାରେ ବହୁ ସ୍ଥଳରେ ବଙ୍ଗଳାଶ୍ରୀ ଛନ୍ଦକୁ ଗ୍ରହଣ କରିଥିବାର ଦେଖାଯାଇଥାଏ, ତେଣୁ ବଙ୍ଗଳାଶ୍ରୀ ଛାନ୍ଦ ହେଉଛି କବିଙ୍କ ଏକ ପ୍ରସିଦ୍ଧ ଛନ୍ଦ।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) କବି ଗଙ୍ଗାଧରଙ୍କ ପିତାମାତାଙ୍କ ନାମ କ'ଣ ?

(ଖ) କବି ଗଙ୍ଗାଧର କେତେ ବର୍ଷ ବୟସରେ ବିବାହ କରିଥିଲେ ?

(ଗ) ଗଙ୍ଗାଧରଙ୍କ ପ୍ରଥମ ସୃଷ୍ଟି କ'ଣ ?

(ଘ) 'ତପସ୍ୱିନୀ' କାବ୍ୟ କେତେ ସର୍ଗ ବିଶିଷ୍ଟ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) ଗଙ୍ଗାଧରଙ୍କ କାବ୍ୟକୃତି ସଂପର୍କରେ ସୂଚନା ଦିଅ ।

(ଖ) ଗଙ୍ଗାଧରଙ୍କ କୃଷକ ସଂଗୀତର ବୈଶିଷ୍ଟ୍ୟ ପ୍ରଦାନ କର ।

## ୨.୮ ସହାୟକ ଗ୍ରନ୍ଥସୂଚୀ


- ଉଦ୍‌ଗାତା, ଗୋବିନ୍ଦଚନ୍ଦ୍ର - କାବ୍ୟଶିଳ୍ପୀ ଗଙ୍ଗାଧର, ସରସ୍ୱତୀ ଉଦ୍‌ଗାତା, ସମ୍ବଲପୁର, ୧୯୯୨ ।
- ମହାରଣା, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର, ଦ୍ୱିତୀୟ ସଂସ୍କରଣ, ୨୦୧୦ ।

# ତୃତୀୟ ଏକକ : ମଧୁସୂଦନଙ୍କ କାବ୍ୟ କବିତା

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ କବି ମଧୁସୂଦନଙ୍କ ପରିଚୟ

୩.୫ କବି ମଧୁସୂଦନଙ୍କ ସାହିତ୍ୟ

୩.୫.୧ ମଧୁସୂଦନଙ୍କ କାବ୍ୟ କବିତା ଜଗତ

୩.୫.୨ ମଧୁସୂଦନଙ୍କ ପାଠ୍ୟପୁସ୍ତକ

୩.୫.୩ ମଧୁସୂଦନଙ୍କ ଗଦ୍ୟ ସାହିତ୍ୟ

୩.୬ କବି ମଧୁସୂଦନଙ୍କ ରଚନାର ବୈଶିଷ୍ଟ୍ୟ

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳ ହେଉଛି ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ। ଏହି ସମୟରେ ଯେଉଁ କେତେଜଣ ପ୍ରତିଭାବାନ ସାହିତ୍ୟ ସ୍ରଷ୍ଟାଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ତନ୍ମଧ୍ୟରେ କବି ମଧୁସୂଦନ ଓଡ଼ିଆ କାବ୍ୟସାହିତ୍ୟର ଆଧୁନିକ ପର୍ଯ୍ୟାୟକୁ ଏକ ନୂତନ ଦିଶା ଦେଇଛନ୍ତି। ଏହି କବିଙ୍କ କାବ୍ୟ ଓ କବିତାର ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଦେଖାଦେଇଛି ବହୁ ବୈଶିଷ୍ଟ୍ୟ। କବିଙ୍କ କାବ୍ୟ କବିତାକୁ ବିଶ୍ଳେଷଣ କଲେ ଆମେ ସେଥିରେ ଯେଉଁ ନୂତନତା ଦେଖିବାକୁ ପାଇଥାଉ, ଏହି ଏକକରେ ତାହା ବିଚାର କରାଯାଇଛି।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ଆମେ ଜାଣିବାକୁ ପାଇବା :

- ଆଧୁନିକ ଓଡ଼ିଆ କାବ୍ୟକବିତାର ଆଦି ପର୍ଯ୍ୟାୟର ସୃଷ୍ଟି ସମ୍ଭାର ଏବଂ ସେହି ସମୟର କାବ୍ୟକବିତାରେ ପରିଦୃଷ୍ଟ ହେଉଥିବା ସ୍ୱରୂପ ଓ ବୈଶିଷ୍ଟ୍ୟ
- କବି ମଧୁସୂଦନ ରାଓଙ୍କ କାବ୍ୟକବିତାରେ ବିଷୟବସ୍ତୁ ସହିତ ତାଙ୍କର କାବ୍ୟକବିତାର ବିଶେଷତ୍ୱ

- କବି ମଧୁସୂଦନଙ୍କ କାବ୍ୟକବିତାରେ ପରିଦୃଷ୍ଟ ହେଉଥିବା ମଧ୍ୟଯୁଗୀୟ କାବ୍ୟସାହିତ୍ୟର ପ୍ରଭାବ
- କବିଙ୍କ କାବ୍ୟ କବିତାରେ ପ୍ରତିଫଳିତ ବିଭିନ୍ନ ଆଦର୍ଶ
- କବିଙ୍କ ରଚନାର ମୌଳିକ ବୈଶିଷ୍ଟ୍ୟ

## ୩.୩ ବିଷୟ ପ୍ରବେଶ

ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିବାରେ କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ଭକ୍ତକବି ମଧୁସୂଦନ ରାଓ ଏବଂ ବ୍ୟାସକବି ଫକୀର ମୋହନ ସେନାପତି - ଏହି ଚାରିଜଣ ଯୁଗସ୍ରଷ୍ଟା ସାହିତ୍ୟ ସାଧକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

କବି ମଧୁସୂଦନ ଥିଲେ ଭାବ - ଗାମ୍ଭୀର୍ଯ୍ୟର ପ୍ରତିଷ୍ଠାତା । ତାଙ୍କ କାବ୍ୟକବିତାରେ ଆମେ କବିତ୍ୱ, ପାଣ୍ଡିତ୍ୱ, ସ୍ୱଦେଶ ପ୍ରୀତି ଓ ଜୀବନଦର୍ଶନର ପରିଚୟ ଦେଖିବାକୁ ପାଇଥାଉ । ବ୍ରାହ୍ମଧର୍ମରେ ଦୀକ୍ଷିତ କବି ମଧୁସୂଦନଙ୍କ କବିତାରେ ପରମେଶ୍ୱରଙ୍କ ଦର୍ଶନ ବା ବିଭୁଚିନ୍ତାକୁ ସ୍ପଷ୍ଟ ରୂପେ ଅନୁଭବ କରିଥାଉ । ଉଭୟ କବି ରାଧାନାଥ ରାୟଙ୍କ ପରେ ପରେ ଓଡ଼ିଆ କାବ୍ୟ ସାହିତ୍ୟକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ତେଣୁ ଉଭୟଙ୍କ ସଂକ୍ଷିପ୍ତ ପରିଚୟ ସହିତ ତାଙ୍କ କାବ୍ୟକବିତା ସମ୍ପର୍କରେ ଅବଗତ ହେବା ନିତାନ୍ତ ଆବଶ୍ୟକ ।

## ୩.୪ କବି ମଧୁସୂଦନଙ୍କ ପରିଚୟ

ଆଧୁନିକ ଓଡ଼ିଆ କାବ୍ୟ କବିତାର । କବି ମଧୁସୂଦନ ଥିଲେ ଏକାଧାରରେ ଗୀତି,କବି, ପ୍ରାବନ୍ଧିକ, ଗାଳ୍ପିକ, ଅନୁବାଦକ, ପାଠ୍ୟପୁସ୍ତକ ଲେଖକ ଓ ଶିଶୁ ସାହିତ୍ୟିକ । ମଧୁସୂଦନ ରାଓଙ୍କ ସବୁଠାରୁ ବଡ଼ ଅବଦାନ ହେଲା ଗୀତିକବିତା । ଚତୁର୍ଦ୍ଦଶପଦୀ କବିତାର ସେ ଜରେ ସଫଳ ସ୍ରଷ୍ଟା । ଧର୍ମ, ନୀତ, ପ୍ରକୃତି, ବ୍ରହ୍ମଚେତନା, ଜାତୀୟତା, ମାନବ ବନ୍ଦନା ଇତ୍ୟାଦି ତାଙ୍କ ଗୀତିକବିତାଗୁଡ଼ିକୁ କରିଛି ଋଦ୍ଧିମନ୍ତ । ସେ କେଉଁଠୁ ଜଣେ ସତ୍ୟ ଓ ଧର୍ମର ଉପାସକ ତେଣୁ ତାଙ୍କ କବିତାର ପ୍ରତିଟି କ୍ଷେତ୍ରରେ ଧର୍ମ ଓ ଈଶ୍ୱର ଚିନ୍ତାଧାରା ପ୍ରତିଫଳିତ ହୋଇଛି । ଶିଶୁ ମାନସିକତା ଓ ଚାରିତ୍ରିକ ବିକାଶ କ୍ଷେତ୍ରରେ ମଧ ତାଙ୍କର ଅବଦାନ ଅତୁଳନୀୟ । ଭକ୍ତକବି ମଧୁସୂଦନ ରାଓ ୧୮୫୩ ମସିହା ଜାନୁଆରୀ ୨୯ ତାରିଖ ପବିତ୍ର ପଞ୍ଚମୀ ତିଥିରେ ଶ୍ରୀ ଭାଗୀରଥି ରାଓଙ୍କ ଔରସରୁ ଓ ଅମ୍ୱିକାଦେବୀଙ୍କ ଗର୍ଭରୁ ପବିତ୍ର ପୁରୀଧାନ ନିକଟସ୍ଥ ପଥୁରିଆ ସାହିରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀ ଭାଗୀରଥି ରାଓ ଥିଲେ ଜଣେ ସ୍ୱଳ୍ପ ବେତନଭୋଗୀ ପୋଲିସ କର୍ମଚାରୀ । କବିଙ୍କୁ ଯେତବେଳେ ମାତ୍ର ପାଞ୍ଚ ବର୍ଷ ହେଉଥିଲା ତାଙ୍କର ମାତୃବିୟୋଗ ଘଟିଥିଲା । ଏହାପରେ ପରେ ତାଙ୍କ ପିତାଙ୍କ ଗୋପ ଥାନାକୁ ବଦଳି ହେବା ଯୋଗୁଁ ଦୁଇଭାଇ ମଧୁସୂଦନ ଓ ଜଗନ୍ନାଥ ମାମୁଘରେ ରହିଲେ । ଏହି ସମୟରେ ମଧୁସୂଦନଙ୍କୁ ଯେତେବେଳେ ସାତବର୍ଷ ହେଉଥିଲା ସେତେବେଳେ ବିଦ୍ୟାଶିକ୍ଷା ଆରମ୍ଭ କଲେ । ନଅ ବର୍ଷ ବୟସରେ ସେ ପୁରୀ ଜିଲ୍ଲାରେ ନାମ ଲେଖାଇଲେ । ସେତେବେଳେ ପୁରୀ ଜିଲ୍ଲା ସ୍କୁଲରେ କବିବର ରାଧାନାଥ ରାୟ ମଧ ଦ୍ୱିତୀୟ ଶିକ୍ଷକ ରୂପେ ଯୋଗ ଦେଇଥାନ୍ତି । ରାଧାନାଥଙ୍କର ସେ ସବୁଠାରୁ ପ୍ରିୟ ଶିଷ୍ୟ ହୋଇଗଲେ ଏବଂ ତାଙ୍କ ପ୍ରେରଣା ହିଁ କବି ମଧୁସୂଦନଙ୍କୁ ସାହିତ୍ୟ ସୃଷ୍ଟି ଦିଗରେ ଉତ୍ସାହିତ କଲା । ପୁରୀ ଜିଲ୍ଲା ସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୮୬୯ ମସିହାରେ କଟକ କଲେଜର

ଏଫ୍.ଏ. ପଢ଼ିଲେ। ଏହି ସମୟରେ ତାଙ୍କର ସହପାଠୀ ପ୍ୟାରୀମୋହନ ଆଚାର୍ଯ୍ୟ ଥିଲେ କନିଷ୍ଠ ବନ୍ଧୁ। ଉଭୟ ଥିଲେ ମେଧାବୀ ଛାତ୍ର ଏବଂ ଧର୍ମପ୍ରାଣ। ତେଣୁ ୧୮୭୦ ରେ ଉଭୟ ବନ୍ଧୁ ବ୍ରାହ୍ମଧର୍ମରେ ଦୀକ୍ଷିତ ହେଲେ ଏବଂ ୧୮୭୧ ରେ ଏଫ୍.ଏ. ମଧ୍ୟ ପାଶ୍ କଲେ। ଏହାପରେ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ଥିଲେ ମଧ୍ୟ ଓଡ଼ିଶାରେ ସୁଯୋଗ ନଥିବାରୁ ସେ ଯାଜପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକରୂପେ ଯୋଗଦାନ କରି ନିଜର କର୍ମମୟ ଜୀବନ ଆରମ୍ଭ କଲେ। ପରେ ଯାଜପୁରରୁ ବାଲେଶ୍ୱର ଆସିବା ପରେ ଫକୀରମୋହନଙ୍କ ସହିତ ତାଙ୍କର ପରିଚୟ ଘନିଷ୍ଠ ହେଲା। ଏହିଠାରେ ରାଧାନାଥ, ଫକୀରମୋହନ ଓ ମଧୁସୂଦନ ଭଳି ତିନି ଜଣ ପ୍ରସିଦ୍ଧ ସାହିତ୍ୟ ସ୍ରଷ୍ଟାଙ୍କ ତ୍ରିବେଣୀ ସଙ୍ଗମ ହେଲା ଏବଂ ଏହି ସଙ୍ଗମ ଓଡ଼ିଶାକୁ ଭାଷା ଓ ସଂସ୍କୃତି ସଙ୍କଟରୁ ଉଦ୍ଧାର କରିଥିଲା। ୧୮୮୦ ରେ ମଧୁସୂଦନ କଟକ ଜିଲ୍ଲାର ଡେପୁଟି ଇନ୍ସପେକ୍ଟର ପଦରେ ନିଯୁକ୍ତ ହେଲେ। ଏହି ସମୟ ଭିତରେ ତାଙ୍କର ପ୍ରଥମ ପ୍ରବନ୍ଧ 'ପ୍ରବନ୍ଧମାଳା' ରଚିତ ହୋଇସାରିଥାଏ ତେଣୁ ଡେପୁଟି ଇନ୍ସପେକ୍ଟର ହେବାପରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ କେତେ ଖଣ୍ଡ ପାଠ୍ୟପୁସ୍ତକ ରଚନା କରିଥିଲେ। ଏହାପରେ ୧୮୯୧ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରେ ପ୍ରଧାନ ଶିକ୍ଷକ ପଦରେ, ୧୮୯୩ ମସିହାରେ ବାଲେଶ୍ୱର ଜିଲ୍ଲାର ଡେପୁଟି ଇନ୍ସପେକ୍ଟର ପଦରେ ଏବଂ ପରେ ପରେ ଓଡ଼ିଶା ଶିକ୍ଷା ବିଭାଗରେ ଇନ୍ସପେକ୍ଟର ପଦରେ କାର୍ଯ୍ୟଭାର ତୁଲାଇଥିଲେ। ୧୯୦୭ ମସିହାରେ କବି ମଧୁସୂଦନ 'ରାୟବାହାଦୂର' ଉପାଧିରେ ଭୂଷିତ ହୋଇଥିଲେ। ୧୯୦୯ ମସିହାରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କଲାପରେ ଶେଷରେ ୧୯୧୧ ମସିହା ଡିସେମ୍ବର ୨୮ ତାରିଖରେ ତାଙ୍କର ମହାପ୍ରୟାଣ ଘଟିଥିଲା।

ବାଲ୍ୟକାଳରୁ ମଧୁସୂଦନ ଥିଲେ ଧର୍ମପ୍ରାଣ। ହିନ୍ଦୁଧର୍ମରେ ବସାବାନ୍ଧି ଥିବା ସଂକୀର୍ଣ୍ଣ ମନୋବୃତ୍ତି ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ତେଣୁ ହରିନାଥ ପଟ୍ଟନାୟକ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ପ୍ରେରଣାରେ ସେ ବ୍ରାହ୍ମଧର୍ମ ଗ୍ରହଣ କରି ବେଦ, ବେଦାନ୍ତ ଓ ଉପନିଷେଦ ଅଧ୍ୟୟନ କରିଥିଲେ। ତାଙ୍କ ବିଚାରରେ ସମଗ୍ର ମାନବ ସମାଜ ଏକ ବିସ୍ତୃତ ପରିବାର ସଦୃଶ। ପ୍ରତ୍ୟେକ ନାରୀ ଜନନୀ, ଭଗିନୀ ଓ କନ୍ୟା ଭଳି। ଓଡ଼ିଆ ଜାତିର ଆଧାତ୍ମିକ ଉନ୍ନତି, ସମାଜ ସଂସ୍କାର କବିଙ୍କ ଜୀବନର ମୂଳ ଲକ୍ଷ୍ୟ ଥିଲା।

## ୩.୫ କବି ମଧୁସୂଦନଙ୍କ ସାହିତ୍ୟ

କବି ମଧୁସୂଦନଙ୍କ ସୃଷ୍ଟି ସମ୍ଭାର ଦିଗନ୍ତ ବିସ୍ତାରୀ, କର୍ମମୟ ଜୀବନରେ ବ୍ୟସ୍ତ ଥାଇ ମଧ୍ୟ ସେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି ଅନେକ କାବ୍ୟକବିତା ଓ ପାଠ୍ୟପୁସ୍ତକ। ବ୍ୟକ୍ତିଗତ ଜୀବନରେ ସେ ଯେଉଁ ସତ୍ୟ, ସାଧୁତା, ଆଦର୍ଶବୋଧ, ପ୍ରେମ ଓ ଈଶ୍ୱର ଭକ୍ତି ପ୍ରତି ସଚେତନ ଥିଲେ ତାହା ତାଙ୍କ କାବ୍ୟକବିତାର ଛତ୍ରେ ଛତ୍ରେ ଫୁଟିଉଠିଛି। ତାଙ୍କ ସାରସ୍ୱତ ସୃଷ୍ଟିର ଅୟମାରମ୍ଭ ଘଟେ ଜଣେ ଶିଶୁ ସାହିତ୍ୟିକ ଭାବରେ। ପରବର୍ତ୍ତୀ ସମୟରେ ଅନେକ ଗୀତିକବିତା ଓ ପାଠ୍ୟପୁସ୍ତକ ରଚନା କରିଛନ୍ତି। କବିଙ୍କ ସୃଷ୍ଟିସମ୍ଭାର ମଧ୍ୟରେ ରହିଛି – 'ଶିଶୁ ଗୀତ', 'ଛାନ୍ଦମାଳା', 'ବାଳରାମାୟଣ', 'କବିତାବଳୀ', 'ବିବିଧ କବିତା', 'କୁସୁମାଞ୍ଜଳୀ', 'ବସନ୍ତ ଗାଥା', 'ଉତ୍କଳଗାଥା', 'ହିମାଚଳ ଉଦୟ ଉତ୍ସବ', 'ଶୋକଶ୍ଳୋକ', 'ମହର୍ଷି ଦେବେନ୍ଦ୍ର ନାଥ ଠାକୁର', 'ବାମଣ୍ଡା ରାଜପ୍ରଶସ୍ତି', 'ଜୟ ମଙ୍ଗଳାଷ୍ଟକ', 'ବ୍ୟଙ୍ଗକବିତା', 'ଅସମ୍ପୂର୍ଣ୍ଣ କବିତା', 'ସଙ୍ଗୀତମାଳା', 'ଉତ୍ତର ରାମଚରିତ', 'ପ୍ରଣୟର ଅଦ୍ଭୁତ ପରିଣାମ', 'ହେମମାଳା', 'ସାହିତ୍ୟ କୁସୁମ', 'ସାହିତ୍ୟ ପ୍ରସଙ୍ଗ', 'ସାହିତ୍ୟ ମଞ୍ଜରୀ', 'ଶିଶୁବୋଧ', 'ବାଳବୋଧ',

'ବର୍ଣ୍ଣବୋଧ'। ମଧୁସୂଦନଙ୍କ ରଚିତ ସୃଷ୍ଟିସମ୍ଭାରକୁ ବିଚାରକଲେ ଆମେ ବିଭିନ୍ନ ବିଭାଗରେ ବିଭକ୍ତ କରିପାରିବା ଯଥା – ୧) ଶିଶୁ କବିତା, ୨) ବର୍ଣ୍ଣନାତ୍ମକ କବିତା, ୩) ଭାବନାତ୍ମକ କବିତା, ୪) ଧର୍ମ ଓ ନୀତି ବିଷୟକ କବିତା, ୫) ସଙ୍ଗୀତ, ୬) ଅନୁବାଦ ସାହିତ୍ୟ, ୭) ବ୍ୟଙ୍ଗାତ୍ମକ କବିତା, ୮) ଚତୁର୍ଦ୍ଦଶପଦୀ କବିତା ବା ସନେଟ, ୯) ସମ୍ବୋଧନ ଗୀତିକା, ୧୦) ଗଦ୍ୟସାହିତ୍ୟ।

## ୩.୫.୧ ମଧୁସୂଦନଙ୍କ କାବ୍ୟ କବିତା ଜଗତ

- **ବସନ୍ତଗାଥା (୧୯୦୧) :** ସତେଇଶଟି କବିତାର ଏକ ମନୋରମ ଗୁଚ୍ଛ ହେଉଛି 'ବସନ୍ତ ଗାଥା' କବିତା ଗ୍ରନ୍ଥ। ଏହା ଏକ ସନେଟ୍ ବା ଚତୁର୍ଦ୍ଦଶପଦୀ କବିତା ସଂକଳନ। ଏଥିରେ ସ୍ଥାନିତ କବିତାଗୁଡ଼ିକ ମଧ୍ୟରୁ ଅଧିକାଂଶ ବସନ୍ତକାଳରେ ରଚିତ ହୋଇଥିବାରୁ ଏହି କବିତାଗୁଚ୍ଛର ନାମକରଣ' ଏପରି ହୋଇଛି। ଯେଉଁ କବିତାଗୁଡ଼ିକରେ କବି ହୃଦୟର ଭାବୋଚ୍ଛ୍ୱାସ ପ୍ରକାଶିତ। ଇଂରାଜୀ ସନେଟ୍ ଦ୍ୱାରା କବି ମଧୁସୂଦନ ପ୍ରଭାବିତ ହୋଇଥିଲେ ମଧ୍ୟ ଏଥିରେ କବିଙ୍କ ସ୍ୱକୀୟତାକୁ ଅନୁଭବ କରିହୋଇଥାଏ। କବିଙ୍କ ସନେଟ୍‌ରେ ରହିଛି ମିତ୍ରାକ୍ଷର ଛନ୍ଦ, ଶୁଦ୍ଧ ଛନ୍ଦ ଓ ମୁକ୍ତ ଛନ୍ଦ। ଏହି ସଂକଳନରେ ସ୍ଥାନିତ ହୋଇଥିବା ସନେଟ୍‌ଗୁଡ଼ିକ ମଧ୍ୟରେ 'ବାଣୀ', 'ସତ୍ୟ', 'ପାପୀର ଦାସ', 'ନବବର୍ଷ', 'ଅତୀତ', 'ହୃଦୟ ସଙ୍ଗୀତ', 'କ୍ଷମାର ସାଗର', 'ଯୌବନର ସ୍ୱପ୍ନ', 'ନବଜାତ ଶିଶୁ ଦର୍ଶନରେ', 'ଶ୍ରୀପଞ୍ଚମୀ', 'ଜରା ଆକ୍ରମଣ', 'ଶଙ୍ଖଧ୍ୱନି', 'ବିଚ୍ଛେଦ', 'ପରମ ପ୍ରମାଣ' କବିତାଗୁଡ଼ିକ ଖୁବ୍ ଲୋକପ୍ରିୟ। ଯେଉଁଥିରେ କବିଙ୍କ ଭକ୍ତି ଓ ତତ୍ତ୍ୱଦର୍ଶନ ପ୍ରକାଶିତ। ପୁଣି 'ଫକୀରମୋହନ', 'ପ୍ୟାରିମୋହନ ଆଚାର୍ଯ୍ୟ', 'ରାଜା ସୁଜଳ ଦେବ', 'ରାଧାନାଥ ରାୟ ବାହାଦୂର', 'କବି ଶ୍ରୀ ଗୌରୀଶଙ୍କର ରାୟ' ପ୍ରଭୃତି କବିତାଗୁଡ଼ିକରେ ରହିଛି ବ୍ୟକ୍ତିପୂଜା ତଥା ସମ୍ବେଦନଶୀଳ ଅନ୍ତରର ପରିପ୍ରକାଶ।

- **କୁସୁମାଞ୍ଜଳି (୧୯୦୩) :** ଭକ୍ତକବି ମଧୁସୂଦନ ରାଓଙ୍କ 'କୁସୁମାଞ୍ଜଳି' ଏକ ମୁଗ୍ଧସୃଷ୍ଟି। କବିଙ୍କ ବିରଚିତ ଏଗାରଟି କବିତାର ଏକ ସଞ୍ଚୟନ ହେଉଛି ଏହି କବିତାଗ୍ରନ୍ଥ। ପ୍ରକାଶିତ କବିତାଗୁଡ଼ିକ ହେଲା – 'ନବ ବସନ୍ତ ଭାବନା', 'ଏ ସୃଷ୍ଟି ଅମୃତମୟହେ', ' ନବ ଯୁଗର ଅଭିଷେକ', 'ଧରଣୀପ୍ରତି ସମୁଦ୍ରର ଭକ୍ତି', 'ଆଶା', 'ଆତ୍ମସମର୍ପଣ', 'ଭାରତ ଭାବନା', 'ଉଦ୍‌ବୋଧନ', ଋଷିପ୍ରାଣେ ଦେବାବତରଣ', 'ମହାଦେବୀ ଭିକ୍ଟୋରିଆ' ଏବଂ 'ଶୋକ ଲହରୀ'। 'ନବ ବସନ୍ତ ଭାବନା' କବି ପରେ ଯୌବନର ଉଦ୍ଦୀପକ ବସନ୍ତର ଅଭ୍ୟର୍ଥନା, 'ଏ ସୃଷ୍ଟି ଅମୃତମୟ ହେ' କବିପରେ ଦିବ୍ୟଭାବ। 'ନବଯୁଗର ଅଭିଷେକ'ରେ ବ୍ରାହ୍ମଧର୍ମର ବକ୍ତବ୍ୟ ଓ ବ୍ରହ୍ମତତ୍ତ୍ୱ, 'ଆଶା'ରେ ଭକ୍ତିପ୍ରୀତି, 'ଆତ୍ମ ସମର୍ପଣ'ରେ ଆତ୍ମ ସମର୍ପଣର ଭାବ, 'ଭାରତ ବନ୍ଦନା'ରେ ଦେଶଭକ୍ତି, 'ଉଦ୍‌ବୋଧନ' ଓ 'ଋଷିପ୍ରାରେ ଦେବାବତରର'ରେ ବୈଦିକ ଉପନିଷଦୀୟ ଚିନ୍ତା ଓ ମହାଭାରତୀୟ ଚେତନା, 'ନବ ବସନ୍ତ ଭାବନା'ରେ ବ୍ରହ୍ମପାଦରେ ନିଜକୁ ସମର୍ପଣ କରିବାର ବାର୍ତ୍ତା ଆଦି ବିଭିନ୍ନ ଚିନ୍ତାଚେତନା ରହିଛି। ମୋଟ ଉପରେ ଦେଖିବାକୁ ଗଲେ ଏହି ଗ୍ରନ୍ଥରେ ସଂକଳିତ କବିତାଗୁଡ଼ିକରେ କବିଙ୍କ କବିତ୍ୱ, ପାଣ୍ଡିତ୍ୟ, ସ୍ୱଦେଶପ୍ରୀତି ଓ ଜୀବନାଦର୍ଶନର ପରିଚୟ ମିଳିଥାଏ।

- **କବିତାବଳୀ :** 'କବିତାବଳୀ କବିତା ଗ୍ରନ୍ଥ ଦୁଇଟି ଭାଗରେ ବିଭକ୍ତ। ଏହି ସଂକଳନରେ ପ୍ରଥମଭାଗରେ ସଂକଳିତ କବିତାଗୁଡ଼ିକରେ କବିଙ୍କ ସତ୍ୟତା, ପ୍ରେମ ଓ ଭଗବତ୍ ଭାବ ପ୍ରକା। ପାଇପାରିଛି। ଏଥିରେ 'ଭାରତୀ ବନ୍ଦନା', 'ନିର୍ବାସିତର ବିଳାପ', 'ଶ୍ମଶାନ', 'ସୀତା ବନବାସ', 'ନିଶୀଥ ଚିନ୍ତା', 'ଜୀବନ ଚିନ୍ତା', 'ଶରତ', 'ପ୍ରଭାତ', 'ଆକଶ ପ୍ରତି', 'ଅଯୋଧ୍ୟା ପ୍ରତ୍ୟାଗମନ' ଭଳି ବହୁ ଜନପ୍ରିୟ କବିତାଗୁଡ଼ିକ ସ୍ଥାନ ପାଇଛି। 'ଶ୍ମଶାନ' କବିତାରେ ପୁରୀ ସାଗରବେଳା ନିକଟସ୍ଥ ସ୍ୱର୍ଗଦ୍ୱାରର ବର୍ଣ୍ଣନା କରାଯାଇଛି। ଯେଉଁଠି ମାଟି ଆକାଶ ଛୁଇଁଛି। କବି ଏହି କବିତା ମାଧ୍ୟମରେ ଦେଖିଛନ୍ତି ଯେ ବଡ଼ ସାନ ବା ଧନୀ ନିର୍ଦ୍ଧନର ବ୍ୟବଧାନ ରହିଥିଲେ ମଧ୍ୟ ସେମାନେ ଶ୍ମଶାନରେ ଏକାକାର ହେବା ପାଇଁ ବାଧ୍ୟ। ସେହିପରି 'ସ୍ତୋତ୍ର' କବିତାରେ କବିଙ୍କର ବିଭୁପ୍ରୀତି ପ୍ରକଟିତ ହୋଇଛି। ଏହି କବିତାରେ ପ୍ରଭୁ ପରାତ୍ପର ଅନନ୍ତ ପ୍ରେମମୟ ପୁରୁଷଙ୍କର ମହିମା କୀର୍ତ୍ତନ କରିଛନ୍ତି। 'ଜୀବନଚିନ୍ତା' କବିତାରେ କବିଙ୍କର ଗଭୀର ଜୀବନ ଜିଜ୍ଞାସା ଓ ଅତିନ୍ଦ୍ରିୟ ଚେତନା ପ୍ରତି ଅହେତୁକ ମୋହ ରହିଛି। ସେହିପରି 'ଶରତ୍ ପ୍ରଭାତ' କବିତା ମଧ୍ୟରେ କବି ପ୍ରକୃତି ସହିତ ମିତ୍ରତା ଓ ଆତ୍ମୀୟତା ସ୍ଥାପନ କରିଛନ୍ତି। ଏହିପରି ଏହି ସଂକଳନରେ ସ୍ଥାନ ପାଇଥିବା କବିତାଗୁଡ଼ିକରେ ଉପନିଷଦୀୟ ଭାବଧାରାର ଧର୍ମ, ପ୍ରେମ, ନୈତିକତା, ଆଦର୍ଶ, ମାନବିକତା ଓ ବିଶ୍ୱାସ ପ୍ରକାଶ ପାଇଛି।

- **ଉତ୍କଳଗାଥା :** ଉତ୍କଳ ସମ୍ମିଳନୀର ପ୍ରେରଣାରୁ କବି ଯେଉଁସବୁ କବିତା ରଚନା କରିଥିଲେ ସେଗୁଡ଼ିକ ଏହି କବିତା ପୁସ୍ତକରେ ସଂକଳିତ। ଏଥିରେ 'ଉତ୍କଳ ସଂଗୀତ', 'ଉତ୍କଳ ବନ୍ଦନା', 'ଉତ୍କଳ ଜନନୀ ପ୍ରତି', 'ନବଯୁଗ', 'ଜୟଗାନ', 'ଜାତୀୟ ସଂଗୀତ' ଭଳି ଉଦ୍‌ବୋଧନ ଗୀତିକା ସ୍ଥାନ ପାଇଛି। ଏହି କବିତାଗୁଡ଼ିକରେ ଏକତା, ପ୍ରେମ, ଜ୍ଞାନ, କର୍ମ ଓ ଧର୍ମ ପାଇଁ କବି ଉତ୍କଳବାସୀଙ୍କୁ ଉଦ୍‌ବୋଧନ ପ୍ରଦାନ କରିଅଛନ୍ତି। 'ଉତ୍କଳ ଗାଥା' କବିତାଗ୍ରନ୍ଥ ଅନ୍ତର୍ଭୁକ୍ତ 'ଉତ୍କଳ ସଂଗୀତ' କବିତାରେ କବି ମୂଳ ଓ ଜଡ଼ ଓଡ଼ିଆମାନଙ୍କୁ ବିଜୟର ଶୁଭ ଶଙ୍ଖଧ୍ୱନି ବଜାଇ ଦେଇ ନବ ପ୍ରଭାତରେ ନୂତନ ସୂର୍ଯ୍ୟୋଦୟକୁ ସ୍ୱାଗତ କରିବାକୁ ଆହ୍ୱାନ ଦେଇଛନ୍ତି।

- **ସଂଗୀତମାଳା :** ଏହି ଗ୍ରନ୍ଥରେ ସ୍ଥାନ ପାଇଥିବା ଶହେ ଚାରିଗୋଟି କବିତାରେ କବି ପରମେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ଯେଉଁ ବ୍ୟାକୁଳତା ଓ ତନ୍ମୟତା ହୋଇଛନ୍ତି ତାହା ପ୍ରକାଶିତ। ଏହି ଗ୍ରନ୍ଥର କବିତାଗୁଡ଼ିକ ହିଁ କବି ମଧୁସୂଦନଙ୍କୁ 'ଭକ୍ତକବି' ଭାବରେ ପରିଚିତ କରାଇବା ପାଇଁ ଯଥେଷ୍ଟ ସହାୟକ ହୋଇଛି, ବ୍ରାହ୍ମ ସମାଜର ୬୬ ତମ ମାଘ ଉତ୍ସବ ଉପଲକ୍ଷେ ଏହି ସଂଗୀତଗୁଡ଼ିକ ରଚିତ ହୋଇଥିଲା। କବିଙ୍କ ପ୍ରେମ, ଆନନ୍ଦ, ବିଶ୍ୱାସ, ଜ୍ଞାନ,ଭକ୍ତି ଇତ୍ୟାଦି ଏହି କବିତାଗୁଡ଼ିକରେ ସ୍ଥାନ ପାଇଛି।

- **ଛନ୍ଦମାଳା :** ଦୁଇଟି ଭାଗରେ ପ୍ରକାଶିତ 'ଛନ୍ଦମାଳା' କବିତା ଗ୍ରନ୍ଥରେ ସ୍ଥାନିତ ହୋଇଥିବା କବିତାଗୁଡ଼ିକରେ କବିଙ୍କ ଉଚ୍ଚ ଆଧ୍ୟାତ୍ମିକ ଚିନ୍ତାର ପ୍ରତିଫଳନ ଦେଖିବାକୁ ମିଳିଥାଏ। ଏହି ସଂକଳନସ୍ଥ 'ଧ୍ୱନି', 'ପଦ୍ମ', 'ପ୍ରଭାତ', 'ସନ୍ଧ୍ୟା', 'ଜନ୍ମଭୂମି ପ୍ରତି', 'ପୃଥିବୀ ପ୍ରତି', 'ନଦୀପ୍ରତି', 'ଆକାଶ ପ୍ରତି' ଆଦି କବିତାଗୁଡ଼ିକରେ କବି ବହୁ ପ୍ରତିଭାର ପରିଚୟ ଦେଇଛନ୍ତି। 'ପଦ୍ମ', କବିତାରେ ପଦ୍ମର ଶୋଭାଦର୍ଶନରେ ଆତ୍ମହରା ହୋଇଥିବାବେଳେ 'ପ୍ରଭାତ' ଓ 'ସନ୍ଧ୍ୟା' କବିତାଦ୍ୱୟରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ନିମନ୍ତେ କବି ଉପଦେଶ ଦେଇଛନ୍ତି। ସେହିପରି 'ଧ୍ୱନି' କବିତାରେ ଉପନିଷଦୀୟ ଭାବଧାରା ଲକ୍ଷ୍ୟ କରାଯାଉଥିବାବେଳେ

'ଛନ୍ଦମାଳା' ରେ ସ୍ୱତନ୍ତ୍ର ଭାବରେ କବି ଛଅ ଋତୁ (ବସନ୍ତ,ଗ୍ରୀଷ୍ମ,ବର୍ଷା, ହେମନ୍ତ, ଶିଶିର, ଶରତ)ର ବର୍ଣ୍ଣନା ଅତି ଚମତ୍କାର ଭାବେ କରିଛନ୍ତି। ଯେଉଁଥିରେ କବି ସଂସ୍କୃତ କବି କାଳିଦାସ ଓ ଓଡ଼ିଆ କବି ଦୀନକୃଷ୍ଣଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡ଼େ।

- **ହିମାଚଳେ ଉଦୟ ଉତ୍ସବ :** ବାସ୍ତବରେ ଭକ୍ତକବି ମଧୁସୂଦନଙ୍କର କାବ୍ୟସିଦ୍ଧିର ଚରମ ସୋପାନ ହେଉଛି 'ହିମାଚଳେ ଉଦୟ ଉତ୍ସବ' ଗ୍ରନ୍ଥ। ଏଥିରେ କବିଙ୍କ ହୃଦୟର ବ୍ରହ୍ମ ପିପାସା' ପୂର୍ଣ୍ଣତା ଲାଭ କରିଛି। ହିମାଳୟରେ ବ୍ରାହ୍ମମୁହୂର୍ତ୍ତରେ କବି ଉଦୟ ଉତ୍ସବ ଦେଖିଛନ୍ତି ଅର୍ଥାତ ବ୍ରାହ୍ମ ମୁହୂର୍ତ୍ତରୁ ସୂର୍ଯ୍ୟଙ୍କର ସଂପୂର୍ଣ୍ଣ ଉଦୟକାଳୀନ ଆଭା ସନ୍ଦର୍ଶନ କରି ଯେପରି ବିମୋହିତ ହୋଇ ପଡ଼ିଛନ୍ତି, ତାହାର ସଫଳ ବାଣୀରୂପ ହେଉଛି 'ହିମାଚଳେ ଉଦୟ ଉତ୍ସବ'। ପ୍ରାଚୀ ଚକ୍ରବାଳରେ ଦୀର୍ଘଦିନର ପ୍ରତୀକ୍ଷା ପରେ ଯେତେବେଳେ କବି ସୂର୍ଯ୍ୟଙ୍କର ଉଦୟକାଳୀନ ଦୃଶ୍ୟ ଦେଖିଛନ୍ତି ସେତେବେଳେ ସେ ନିଜକୁ ସେହି ପ୍ରାକୃତିକ ଦୃଶ୍ୟ ସହିତ ସଂପୂର୍ଣ୍ଣ ଭାବେ ହଜାଇ ଦେଇଛନ୍ତି। ସୂର୍ଯ୍ୟଙ୍କର ରଶ୍ମିରେଖା ସମଗ୍ର ପରିବେଶକୁ ଶୁଭ୍ର ଓ ପବିତ୍ର କରି ଦେଇଛି। ସୂର୍ଯ୍ୟୋଦୟ ଫଳରେ ପୃଥିବୀ ପୃଷ୍ଠରୁ ଅନ୍ଧକାର ରୂପକ ଅଙ୍ଗୀନ ଦୂରିଭୂତ ହୋଇଯିବ ବୋଲି ସେ ସଜାଗ ତଥା ଚଳଚଞ୍ଚଳ ହୋଇ ଉଠିଛନ୍ତି।

- **ଶିଶୁଗୀତ :** ଓଡ଼ିଆ ଶିଶୁ ସାହିତ୍ୟ ଜଗତରେ ମଧୁସୂଦନ ଏକ ପରମ୍ପରା ସୃଷ୍ଟି କରିଯାଇଛନ୍ତି, ମଧୁସୂଦନ କର୍ମମୟ ଜୀବନରେ ଯେହେତୁ ଜଣେ ପ୍ରବୀଣ ଶିକ୍ଷକ ଓ ଶିକ୍ଷାବିତ୍ ଥିଲେ ତେଣୁ ଦୀର୍ଘଦିନ ଧରି ଛାତ୍ର ଓ ବିଦ୍ୟାଳୟ ସହିତ ଓତପ୍ରୋତଃ ଭାବରେ ଜଡ଼ିତ ହେବା ଯୋଗୁଁ ଶିଶୁ ମାନସକୁ ଗଭୀର ଭାବେ ଅନୁଶୀଳନ କରି କବିତାମାନ ରଚନା କରିଥିଲେ। ଏହି 'ଶିଶୁଗୀତ' ଗ୍ରନ୍ଥରେ 'ସୁନ୍ଦର ସଂସାର', 'ପରମେଶ୍ୱର', 'ପ୍ରଭାତ', 'ସନ୍ଧ୍ୟା' ପ୍ରଭୃତି କବିତାରେ ସେ ଶିଶୁମାନଙ୍କୁ ସଂସାର ସହିତ ଖୁବ୍ ସହଜ ଭାବରେ ପରିଚୟ କରାଇ ଦେଇଛନ୍ତି। କବିତା ମାଧମରେ ଶିଶୁମାନଙ୍କୁ ପରମ ପିତାଙ୍କ ସହିତ ଏକାତ୍ମ୍ୟ କରାଇ ତାଙ୍କ ପ୍ରତି ସର୍ବଦା ଭକ୍ତି ନିବେଦନ କରିବା ପାଇଁ ଉପଦେଶ ଦେଇଛନ୍ତି।

- **ବାଳରାମାୟଣ :** ଚଉଦ ଅକ୍ଷର ବିଶିଷ୍ଟ ବୃତ୍ତରେ ଏବଂ ନଅଟି ଅଧ୍ୟାୟରେ ରଚିତ 'ବାଳରାମାୟଣ' ର ଅଯୋଧ୍ୟା କାଣ୍ଡର ବିଷୟବସ୍ତୁ ହିଁ ଏହି ଗ୍ରନ୍ଥରେ ବର୍ଣ୍ଣିତ। ଦଶରଥଙ୍କ ମହିମା, ରାମ, ଲକ୍ଷ୍ମଣ, ଭରତ ଓ ଶତୃଘ୍ନଙ୍କ ଜନ୍ମ, ବିଶ୍ୱାମିତ୍ରଙ୍କ ସହିତ ରାମ ଓ ଲକ୍ଷ୍ମଣଙ୍କ ବନଗମନ, ତାଡ଼କା ବଧ, ମିଥିଳା ଯାତ୍ରା, ଧନୁ ଭଗ୍ନ, ରାମସୀତା ବିବାହ, ଶ୍ରୀରାମଙ୍କ ରାଜ୍ୟାଭିଷେକ ଇତ୍ୟାଦି ବିଷୟକୁ ଏଥିରେ ସୁନ୍ଦର ଭାବରେ ବର୍ଣ୍ଣିତ। ଶିଶୁମାନଙ୍କ ପାଇଁ ଏହି ଗ୍ରନ୍ଥ ରଚିତ ହୋଇଥିବାରୁ ଏହାର ଭାଷାକୁ ସହଜ ସରଳ କରାଯାଇ ପିତୃ ସତ୍ୟ ପାଳନ, ପିତୃ ଭକ୍ତି, ଭାଇ ଭାଇ ମଧରେ ସ୍ନେହାଭାବ, ଗୁରୁଭକ୍ତି ଇତ୍ୟାଦିକୁ ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି।

## ୩.୫.୨ ମଧୁସୂଦନଙ୍କ ପାଠ୍ୟପୁସ୍ତକ

ପାଠ୍ୟପୁସ୍ତକ ରଚନା କ୍ଷେତ୍ରରେ ମଧୁସୂଦନଙ୍କ ଦାନ ଅତୁଳନୀୟ। କଳାତ୍ମକ ଓଡ଼ିଆ ପାଠ୍ୟପୁସ୍ତକ ଓ ସୃଜନଧର୍ମୀ ଗଦ୍ୟ ରଚନାକ୍ଷେତ୍ରରେ ତାହାଙ୍କ ଅବଦାନ ଅତୁଳନୀୟ। ଜଣେ ଆଦର୍ଶ ଶିକ୍ଷକ ଥିବାରୁ ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ ଅନୁଭବ କରିଥିଲେ ଏବଂ ଯେଉଁସବୁ ପୁସ୍ତକ ଉପଲବ୍ଧ ହେଉଥିଲା

ତାହା ମଧ୍ୟ ମୁଖ୍ୟତଃ ପାଦ୍ରୀ ଓ ବଙ୍ଗାଳୀମାନଙ୍କ ଦ୍ୱାରା ଲିଖିତ ହୋଇଥିଲା ତେଣୁ ଓଡ଼ିଆମାନଙ୍କ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବବୋଧ ଅନୁଭବ କରି, 'କବିତାବଳୀ', 'ପ୍ରବନ୍ଧମାଳା', 'ଅବଧାନ ବନ୍ଧୁ', 'ବର୍ଣ୍ଣବୋଧ', 'ବିବିଧ କବିତା', 'ବ୍ୟଙ୍ଗକବିତା', 'ଉତ୍ତର ରାମଚରିତ', 'ସୁଖବୋଧ ଅଭିଧାନ', 'ଶିଶୁବୋଧ', 'ବିଜ୍ଞାନପାଠ', 'ଅଙ୍କପୁସ୍ତକ', 'ସାହିତ୍ୟ ମଞ୍ଜରୀ', 'ସାହିତ୍ୟ କୁସୁମ', 'ସାହିତ୍ୟ ପ୍ରସଙ୍ଗ' ଭଳି ବହୁ ଉପାଦେୟ ପାଠ୍ୟ ଉପଯୋଗୀ ପୁସ୍ତକ ରଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠ, ସଂଯମ, ଚରିତ୍ର ଗଠନ, ସତ୍ୟବାଦିତା, କର୍ତ୍ତବ୍ୟ ପରାୟଣତା, ବିଭୁପ୍ରୀତି, ଦେଶପ୍ରୀତି ଇତ୍ୟାଦି ସଦ୍‌ଗୁଣରେ ଭୂଷିତ କରିବା ପାଇଁ ଏହି ପାଠ୍ୟପୁସ୍ତକଗୁଡ଼ିକରେ କବି ମଧୁସୂଦନ ଯତ୍‌ପରୋନାସ୍ତି ଚେଷ୍ଟା କରିଛନ୍ତି। ତା' ସହିତ ଶିକ୍ଷାକ୍ଷେତ୍ରରେ ନିରପେକ୍ଷତା, ସଚ୍ଚରିତ୍ରତା, ଅଭିବାବକଙ୍କ ସହିତ ଯୋଗାଯୋଗ ରକ୍ଷା, ଦଣ୍ଡ ବିଧାନର ନିରକରଣ ବ୍ୟବସ୍ଥା ଇତ୍ୟାଦି ବିଷୟ ଦୃଷ୍ଟିଦେବାପାଇଁ ସେ ନିର୍ଦ୍ଦେ ଦେଇଥିଲେ। କବି ମଧୁସୂଦନଙ୍କ ଦ୍ୱାରା ରଚିତ ପାଠ୍ୟପୁସ୍ତକ ମଧ୍ୟରେ 'ବର୍ଣ୍ଣବୋଧ' ପୁସ୍ତକଟି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ବିଶେଷ ଗ୍ରନ୍ଥ ହୋଇ ରହିଯାଇଛି। ୧୮୯୫ ମସିହାରେ ରଚିତ ଏହି ପୁସ୍ତକଟି ଏକ କାଳଜୟୀ ସୃଷ୍ଟି। ଓଡ଼ିଆଙ୍କୁ ଓଡ଼ିଆ ଅକ୍ଷର ଶିକ୍ଷାଦେବା କ୍ଷେତ୍ରରେ ଏହି ପୁସ୍ତକଟି ଅନତିକ୍ରମଣୀୟ ହୋଇ ଆଜି ପର୍ଯ୍ୟନ୍ତ ରହିଛି। ପ୍ରାଥମିକ ବିଦ୍ୟାଳୟର କୋମଳମତି ଛାତ୍ରମାନଙ୍କର ବର୍ଣ୍ଣଶିକ୍ଷା ଉଦ୍ଦେଶ୍ୟରେ ପ୍ରଣୀତ ହୋଇଥିଲେ ମଧ୍ୟ ସ୍ଥାନ ବିଶେଷରେ ସାହିତ୍ୟିକ ପ୍ରତିଭାର ସ୍ଫୁରଣ ଘଟିଛି। ପୁସ୍ତକଟି ସୁପରିକଳ୍ପିତ ଓ ସୁସଂଯୋଜିତ। ଏଥିରେ ଶିଶୁ ମନର ସହଜ ଓ ସରଳ ଭାବଗୁଡ଼ିକ ବେଶ୍ କଳାତ୍ମକ ଭାବରେ ପ୍ରତିଫଳିତ ହୋଇଛି।

## ୩.୫.୩ ମଧୁସୂଦନଙ୍କ ଗଦ୍ୟ ସାହିତ୍ୟ

ମଧୁସୂଦନ ରାଓ କବି ହେଲେ ମଧ୍ୟ ବହୁ ଗଦ୍ୟସାହିତ୍ୟ ସୃଷ୍ଟି କରିଅଛନ୍ତି। ମଧୁସୂଦନଙ୍କ ଗଦ୍ୟ ରଚନା ମଧ୍ୟରେ ଦୁଇଗୋଟି ଗଳ୍ପ ଓ କେତେକ ପ୍ରବନ୍ଧ ଦେଖିବାକୁ ମିଳିଥାଏ। ଗଦ୍ୟ ସାହିତ୍ୟ ମଧ୍ୟରେ 'ପ୍ରବନ୍ଧମାଳା' ପୁସ୍ତକଟି ବେଶ୍ ପ୍ରଶଂସନୀୟ। ଓଡ଼ିଆ ଗଦ୍ୟସାହିତ୍ୟର ବିକାଶ, ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି କ୍ଷେତ୍ରରେ ଏହି ପୁସ୍ତକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଜଣେ ଶିକ୍ଷାବିତ୍ ଭାବେ ସମଗ୍ର ଭାରତବର୍ଷରେ ଶିକ୍ଷାର ବିକାଶ କିପରି ହେବା ଆବଶ୍ୟକ ତାହା 'ପ୍ରବନ୍ଧମାଳା' ପୁସ୍ତକରେ ସ୍ଥାନିତ ପ୍ରବନ୍ଧଗୁଡ଼ିକରେ ସ୍ଥାନ ପାଇଛି। ଏହି ଗଦ୍ୟ ଗ୍ରନ୍ଥ ବ୍ୟତୀତ ମଧୁସୂଦନଙ୍କ ଗଦ୍ୟରଚନା ମଧ୍ୟରେ 'ହେମମାଳା' ଓ 'ପ୍ରଣୟର ଅଦ୍ଭୁତ ପରିଣାମ' ଗଳ୍ପ ଦ୍ୱୟର ସ୍ଥାନ ସ୍ୱତନ୍ତ୍ର। 'ହେମମାଳା' ଗଳ୍ପରେ ଗଜପତି ମହାରାଜା ପୁରୁଷୋତ୍ତମଦେବଙ୍କ ଐତିହାସିକ କାଞ୍ଚି ବିଜୟ, ପଦ୍ମାବତୀଙ୍କୁ ସ୍ତ୍ରୀରୂପେ ଲାଭ ଇତ୍ୟାଦି ଘଟଣାକୁ ସ୍ଥାନ ଦିଆଯାଉଥିବାବେଳେ 'ପ୍ରଣୟର ଅଦ୍ଭୁତ ପରିଣାମ'ରେ ପ୍ରେମ ଓ ପ୍ରଣୟର କଥାକୁ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି।

ଉପରୋକ୍ତ ଗଦ୍ୟସାହିତ୍ୟ ବ୍ୟତୀତ କବି ମଧୁସୂଦନ 'ଉତ୍ତର ରାମଚରିତ' ନାମରେ ଏକ ନାଟକ ମଧ୍ୟ ରଚନା କରି ନିଜ ନାଟ୍ୟ ପ୍ରତିଭାର ପରିଚୟ ଦେଇଛନ୍ତି। ଅନୁବାଦ କ୍ଷେତ୍ରରେ ମଧ୍ୟ ମଧୁସୂଦନଙ୍କ କୃତିତ୍ୱ ପ୍ରଦର୍ଶନ ଦେଖାଯାଇଥାଏ। ସଂସ୍କୃତ ଓ ଇଂରାଜୀ ଭାଷାରୁ କେତେକ ପ୍ରସିଦ୍ଧ ଗ୍ରନ୍ଥକୁ ଅନୁବାଦ କରିଛନ୍ତି, 'ନିର୍ବାସିତର ବିଳାପ' ଓ 'ଆତ୍ମ ସମର୍ପଣ' କବିତା ଦୁଇଟିକୁ ଇଂରାଜୀ ଭାଷାରୁ ଅନୁବାଦ ହୋଇଥିବାବେଳେ 'ସୀତା ବନବାସ', 'ରାମ ବନବାସ', 'ବାଳ ରାମାୟଣ', 'ଉତ୍ତର ରାମଚରିତ ମାନସ' ପ୍ରଭୃତି ସଂସ୍କୃତ ଭାଷାରୁ ଅନୁବାଦ କରିଛନ୍ତି।

ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚାଳନା କରି ମଧୁସୂଦନ ଓଡ଼ିଆ ଭାଷାରେ କ୍ଷୁଦ୍ରଗଳ୍ପ, ନାଟକ, ପ୍ରବନ୍ଧ, ବ୍ୟଙ୍ଗ ସାହିତ୍ୟ, ଶିଶୁ ସାହିତ୍ୟ, କାବ୍ୟ କବିତା - ସବୁଥିରେ ତାଙ୍କର ଛାପ ଛାଡ଼ିଦେଇଛନ୍ତି । ମାତ୍ର କାବ୍ୟକବିତା ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ଯେଉଁ ପଥ ନିର୍ଦ୍ଧାରର କରିଯାଇଛନ୍ତି ତାହା ଯୁଗ ଯୁଗ ଧରି ତାଙ୍କୁ କାଳଜୟୀ କରି ରଖିଥିବ ଏଥିରେ ସନ୍ଦେହ ନାହିଁ ।

## ୩.୬ କବି ମଧୁସୂଦନଙ୍କ ସାହିତ୍ୟର ବୈଶିଷ୍ଟ୍ୟ

କବି ମଧୁସୂଦନଙ୍କ ସାହିତ୍ୟକୃତି ସମୂହକୁ ବିଶ୍ଳେଷଣ କଲେ ଆମେ ସେଥିରେ କେତେକ ବୈଶିଷ୍ଟ୍ୟ ଦେଖିବାକୁ ପାଇଥାଉ । ଯାହା ନିମ୍ନରେ ଉଲ୍ଲେଖ କରାଯାଇପାରେ ।

- କବି ମଧୁସୂଦନ ଥିଲେ ଓଡ଼ିଆ ସାହିତ୍ୟରେ ନବରୁଚିର ଆଦ୍ୟ ପ୍ରବର୍ତ୍ତକ । ତାଙ୍କର ସାହିତ୍ୟ ଥିଲା ମୁଖ୍ୟତଃ ଧର୍ମାଶ୍ରୟୀ, ତାଙ୍କର ଜୀବନ ଓ ଧର୍ମଦର୍ଶନ ଏକ ତଥା ଅଭିନ୍ନ ଥିବାରୁ ତାଙ୍କ ସାହିତ୍ୟରେ ଧର୍ମଚିନ୍ତା ମୁଖ୍ୟ ଭୂମିକା ଗ୍ରହଣ କରିଛି ।
- ହୃଦୟ ପ୍ରେମ, ସତ୍ୟ, ବିଶ୍ୱାସ ଉପରେ ଗୁରୁତ୍ୱ ଦେଇ ଈଶ୍ୱରଙ୍କ ଠାରେ ନିଜକୁ ପୂର୍ଣ୍ଣଭାବରେ ସମର୍ପର କରି ସତ୍ୟ, ଧର୍ମ, ଜ୍ଞାନ, ପ୍ରେମ, କର୍ମ, ବିଶ୍ୱାସ ଓ ମାନବ ସେବା ହିଁ ମଧୁସୂଦନଙ୍କ ସାହିତ୍ୟର ଅନ୍ତଃସ୍ୱର ।
- ଦିବ୍ୟ ଓ ପ୍ରେମର ସଫଳ ରୂପକାର ଅମୃତ ଓ ଆନନ୍ଦ ହେଉଛି କବିଙ୍କ ସାହିତ୍ୟ ସୃଷ୍ଟିର ମୂଳ ଉତ୍ସ ।
- ମଧୁସୂଦନଙ୍କ ସାହିତ୍ୟ ବେଦ ଉପନିଷଦର ଭାବଧାରାର ଏକ ମନୋଜ୍ଞ ଅମୃତ ଭଣ୍ଡାର ।
- ପରମାତ୍ମାଙ୍କର ସାନ୍ନିଧ ପାଇଁ ପ୍ରେମ, ଭକ୍ତି, ବିଶ୍ୱାସ, ଜ୍ଞାନ, ପବିତ୍ରତା, ନିଃସ୍ୱାର୍ଥପରତା ଓ ଜଗତ କଲ୍ୟାଣ ପାଇଁ ଉତ୍ସର୍ଗ ଓ ଉପାସନା ଇତ୍ୟାଦି ଅନୁକରଣ ହିଁ ତାଙ୍କ କବିତାର ମୂଳ ସ୍ୱରୂପ ।
- ପଦ୍ମ, ଆକାଶ, ପୃଥିବୀ, ନଦୀ, ଷଡ଼ଋତୁ, ବ୍ୟତୀତ ଜୀବନ ଚିନ୍ତା, ଗର୍ବ, ଦମ୍ଭ, ଅହଙ୍କାର ପ୍ରତି କଟାକ୍ଷ ବର୍ଣ୍ଣନା ତାଙ୍କ ସାହିତ୍ୟର ମୁଖ୍ୟ ବୈଶିଷ୍ଟ୍ୟ ।
- ଜାତି ଓ ବର୍ଣ୍ଣକୁ ତ୍ୟାଗ କରି ମଣିଷର ଉପାସନା ଓ ମଣିଷ ଭିତରେ ବ୍ରହ୍ମ ଉପଲବ୍ଧି ମଙ୍ଗଳ ଓ ସୌନ୍ଦର୍ଯ୍ୟବୋଧ ବର୍ଣ୍ଣନା ହିଁ ତାଙ୍କ କବିତାର ସାରମର୍ମ ।
- କାବ୍ୟ କବିତାରେ ପରମେଶ୍ୱରଙ୍କର ସତ୍ତା ଉନ୍ମୋଚନ ତାଙ୍କ ସାହିତ୍ୟର ମୂଳ ନିର୍ଯ୍ୟାସ ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

(କ) 'ପ୍ରଣୟ ବଲ୍ଲରୀ' କାବ୍ୟ କେଉଁ ନାଟକର କଥାବସ୍ତୁରୁ ଆସିଛି ?

(ଖ) କବି ମଧୁସୂଦନ କେବେ ଏବଂ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଗ) 'ବର୍ଣ୍ଣବୋଧ' ପୁସ୍ତକଟି କେବେ ରଚିତ ହୋଇଥିଲା ?

(ଘ) ମଧୁସୂଦନଙ୍କ ଦ୍ୱାରା ରଚିତ ନାଟକର ନାମ କ'ଣ ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) କବି ମଧୁସୂଦନଙ୍କ ଜୀବନୀ ଓ ସାହିତ୍ୟକୃତି ସଂପର୍କରେ ସୂଚନା ଦିଅ ।

(ଖ) କବି ମଧୁସୂଦନଙ୍କ ସାହିତ୍ୟର ବୈଶିଷ୍ଟ୍ୟ ପ୍ରଦାନ କର ।

## ୩.୮ ସହାୟକ ଗ୍ରନ୍ଥସୂଚୀ


- ମହାରଣା, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର, ଦ୍ୱିତୀୟ ସଂସ୍କରଣ, ୨୦୧୦ ।
- ଶାରଳା ସାହିତ୍ୟ ସଂସଦ - ସାରସ୍ୱତ ସାଧକ ମଧୁସୂଦନ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୯୫ ।
- ସାମଲ, ବୈଷ୍ଣବ ଚରଣ - ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ଚତୁର୍ଥ ସଂସ୍କରଣ, ୨୦୧୪ ।

# ଚତୁର୍ଥ ଏକକ : କଥାକାର ଫକୀର ମୋହନ ସେନାପତି

## ବିଷୟ ଗଠନ :

୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ଫକୀର ମୋହନ ସେନାପତିଙ୍କ ପରିଚୟ (୧୮୪୩-୧୯୧୮)

୪.୫ ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟ : ଉପନ୍ୟାସ

୪.୬ ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟ : କ୍ଷୁଦ୍ରଗଳ୍ପ

୪.୭ ଫକୀର ମୋହନଙ୍କ ସେନାପତିଙ୍କ କଥା ସାହିତ୍ୟରେ ସମାଜ ସଂସ୍କାର

୪.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୯ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

କଥା ସାହିତ୍ୟ ସାହିତ୍ୟିକ ବିଭବଟି ଆଧୁନିକ ଓଡ଼ିଆ ସାହିତ୍ୟରେ ଅଧିକ ପ୍ରଭାବଶାଳୀ ଓ ଋଦ୍ଧିମନ୍ତ ହୋଇ ପାଠକୀୟ ଶ୍ରଦ୍ଧା ଭାଜନ ଲାଭ କରି ପାରିବ । ଉଭୟ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା କରି କଥାଶିଳ୍ପୀଗଣ ଜୀବନର ବହୁବିଧ ବୈଚିତ୍ର୍ୟତାକୁ ସଫଳ ରୂପାୟନ କରିବାରେ ସଫଳ ହୋଇ ପାରିଛନ୍ତି । ଓଡ଼ିଆ କଥା ସାହିତ୍ୟ ଜଗତର ଅଦ୍ୱିତୀୟ କଥାସ୍ରଷ୍ଟା ହେଉଛନ୍ତି ଫକୀର ମୋହନ ସେନାପତି । ବିଶ୍ୱ ସାହିତ୍ୟର ବିଶ୍ୱସ୍ରଷ୍ଟା ଚାର୍ଲସ ଡ଼ିକେନସନଙ୍କ ପରି ଫକୀର ମୋହନ ତାଙ୍କ କଥା ସାହିତ୍ୟରେ ସମାଜର ଦୋଷ ଦୁର୍ବଳତାକୁ ଉଦ୍‌ଘାଟନ କରି ପୁଣି ତାର ନିରାକରଣର ବିଭିନ୍ନ ଉପାୟମାନ ମନିଷୀ ଟଲଷ୍ଟୟଙ୍କ ପରି ବର୍ଣ୍ଣନା କରି ଯାଇଛନ୍ତି । ସେ ଥିଲେ ଜଣେ ସମାଜ ସଚେତନଶିଳ୍ପୀ । ତାଙ୍କ ଭଳି ଜଣେ ବିଶିଷ୍ଟ କଥାକାରଙ୍କ ଗଳ୍ପ ଓ ଉପନ୍ୟାସର ଆଭିମୁଖ୍ୟ ତଥା ତାଙ୍କ କଥାଶିଳ୍ପର ଶିଳ୍ପଗତ ମୂଲ୍ୟବୋଧ ସଂପର୍କରେ ବିଦ୍ୟାର୍ଥୀଗଣ ଏହି ଏକକରେ ଜ୍ଞାନ ଆହରଣ କରି ପାରିବେ ।

## ୪.୨ ଶିକ୍ଷଣୀୟ ବିଷୟ

ବିଦ୍ୟାର୍ଥୀଗଣ ଏହି ଏକକରେ ନିମ୍ନ ବିଷୟରେ ଜାଣି ପାରିବେ ।

- ଓଡ଼ିଆ ସାହିତ୍ୟର ବରେଣ୍ୟ କଥାକାର ଫକୀର ମୋହନଙ୍କ ରଚନା ସମ୍ଭାର ।
- ଫକୀର ମୋହନଙ୍କ ଉପନ୍ୟାସ ରଚନାର ସଫଳ ଦିଗ ।
- ଫକୀର ମୋହନଙ୍କ କ୍ଷୁଦ୍ରଗଳ୍ପ ରଚନାର ବୈଚିତ୍ର୍ୟତା ।
- ଫକୀର ମୋହନଙ୍କ କଥା ସାହିତ୍ୟରେ ସମାଜ ସଂସ୍କାର ଆଭିମୁଖ୍ୟ ।

## ୪.୩ ବିଷୟ ପ୍ରବେଶ

ଓଡ଼ିଆ ଗଦ୍ୟ ସାହିତ୍ୟର ଇତିହାସରେ କଥାକାର ଫକୀର ମୋହନ ସେନାପତି ହେଉଛନ୍ତି ଜଣେ କାଳଜୟୀ କଥାଶିଳ୍ପୀ । ସେ ହେଉଛନ୍ତି ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟର ଜନକ । ସେ ଓଡ଼ିଆ ସାହିତ୍ୟରେ ବ୍ୟାସକବି ଭାବରେ ସୁପରିଚିତ । ସେ ପୁଣି 'ସରସ୍ୱତୀ' ସମ୍ମାନରେ ଭୂଷିତ ହୋଇଥିଲେ । ଗଦ୍ୟ ରଚନାରେ ତାଙ୍କର ଅବଦାନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ । ତାଙ୍କ ରଚିତ 'ଛମାଣ ଆଠଗୁଣ୍ଠ' ଓଡ଼ିଆ ସାହିତ୍ୟର ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କଥା ସାହିତ୍ୟର ଜଣେ କ୍ରାନ୍ତିକାରୀ ସ୍ରଷ୍ଟା । ଏଠାରେ କଥାକାରଙ୍କ ରଚିତ ବିଭିନ୍ନ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନାର ସଫଳତା ପ୍ରତିପାଦନ କରାଯିବା ସହିତ ସେହିସବୁ କଥାଶିଳ୍ପ ସଂପର୍କରେ ଆଲୋଚନା କରାଯାଇଛି ।

## ୪.୪ ଫକୀର ମୋହନ ସେନାପତିଙ୍କ ପରିଚୟ (୧୮୪୩-୧୯୧୮)

ଆଧୁନିକ ଓଡ଼ିଆ ସାହିତ୍ୟର ଅପ୍ରତିଦ୍ୱନ୍ଦୀ କଥାଶିଳ୍ପୀ ହେଉଛନ୍ତି ଫକୀର ମୋହନ ସେନାପତି । ସେ ଓଡ଼ିଆ ସାହିତ୍ୟରେ ବ୍ୟାସକବି ଭାବରେ ସୁପରିଚିତ । ସେ ବାଲେଶ୍ୱର ଜିଲ୍ଲା ମଲ୍ଲୀକାଶପୁର ଗ୍ରାମରେ ୧୮୪୩ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ତିଥିରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ହେଉଛି ଲକ୍ଷ୍ମଣ ସେନାପତି ଓ ମାତାଙ୍କ ନାମ ହେଉଛି ତୁଳସୀ ଦେବୀ । ତାଙ୍କର ବାଲ୍ୟ ନାମ ଥିଲା ବ୍ରଜମୋହନ । "ଫକୀର ମୋହନଙ୍କ ପିତା ୧୮୪୪ ଖ୍ରୀଷ୍ଟାବ୍ଦରେ ରଥଯାତ୍ରା ଦେଖି ପୁରୀରୁ ବାହୁଡ଼ିବା ପଥରେ ଭୁବନେଶ୍ୱର ଠାରେ ପ୍ରାଣ ହରାଇଥିଲେ । ତାଙ୍କର ମାତା ପତି ବିରହରେ ସେହି ବର୍ଷ ଭାଦ୍ରବ ମାସର ଶୁକ୍ଳପକ୍ଷ ଅଷ୍ଟମୀ ଦିନ ପ୍ରାଣତ୍ୟାଗ କରିଥିଲେ । କିନ୍ତୁ ଜନ୍ମଭୂମିରେ ନିୟତି ଛେଉଣ୍ଡ ଶିଶୁ ଫକୀର ମୋହନଙ୍କୁ ପାଳି ନେଲା । ସେ କାଳର ଛେଉଣ୍ଡ ଶିଶୁମାନେ ରୋଗରେ ପଡ଼ି ପ୍ରାଣ ହରାଉଥିଲେ । କିନ୍ତୁ ଠାକୁରମାନଙ୍କ ଯତ୍ନରେ ଫକୀର ମୋହନଙ୍କ ପ୍ରାଣ ରହିଗଲା । ରୋଗମୁକ୍ତ ହୋଇ ମୁସଲମାନ ଦେବତା ପୀରଙ୍କ ଅର୍ଥାତ ମୁସଲମାନ ଧର୍ମର ଭିକ୍ଷୁକ ହେଉ - ଏହାଥିଲା ତାହାଙ୍କ ଠାକୁର ମା'ଙ୍କ ନିଃସ୍ୱାର୍ଥ ଆତ୍ମାର କାମନା । ଆରୋଗ୍ୟ ଲାଭ କରିବାକୁ ତାଙ୍କର ନାମ ହେଲା - ଫକୀର ମୋହନ; ଶୈଶବରେ ନାମ ଥିଲା ବ୍ରଜମୋହନ ତାଙ୍କ ଠାକୁର ମା' ସଂକଳ୍ପ ରକ୍ଷାର ଚିହ୍ନ ସ୍ୱରୂପ ମହରଗ ପର୍ବରେ ଫକୀର ମୋହନଙ୍କୁ ପଠାଣିଆ ଭିକ୍ଷୁକର ବେଶରେ ସଜାଇ ଭିକ ମଗାଇ ଯାହା ମିଳେ ପୀରଙ୍କ ସିର୍ଜି ନିମନ୍ତେ ଦିଅନ୍ତି ।" (ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ପୃ.୧୯୭)

ଫକୀର ମୋହନ ତାଙ୍କର ବଡ଼ବାପା ଓ ବଡ଼ବୋଉଙ୍କ ଦ୍ୱାରା ଅଶେଷ ନିର୍ଯ୍ୟାତନାର ଶିକାର ହୋଇଥିଲେ । ଚାଟଶାଳୀରେ ତାଙ୍କର ବିଦ୍ୟାରମ୍ଭ ସମୟକୁ ନଅବର୍ଷ ହୋଇ ଯାଇଥିଲା । "ଶୋଚନୀୟ ଆର୍ଥିକ ଅବସ୍ଥା ହେତୁ ସେ ଉଚ୍ଚଶିକ୍ଷାରୁ ବଞ୍ଚିତ ଥିଲେ । ପୁଣି ପିତାମହୀତାଙ୍କୁ ମାତ୍ର ତେରବର୍ଷ ବୟସରେ ବିବାହ ବନ୍ଧନରେ ଛନ୍ଦି ଦେବାରୁ ପରିବାର ପୋଷଣ ପାଇଁ କିଛି ଉପାର୍ଜନ ସକାଶେ ସେ ଏଣେ ତେଣେ ଧାଇଁଲେ । ତାଙ୍କ ବଡ଼ବାପା ବାଲେଶ୍ୱର ଠାରେ ଜାହାଜ ଅଝାଳ ସିଲାଇ କାର୍ଯ୍ୟରେ ଠିକାଦାର ଥିଲେ । ସେ ଫକୀର ମୋହନଙ୍କୁ ସେଠାରେ ହିସାବ ରଖିବା କାର୍ଯ୍ୟରେ ନିଯୁକ୍ତ କରିଦେଲେ । ଏ ଚାକିରୀ ଛାଡ଼ି ସେ କିଛିଦିନ କଚେରୀରେ କାମ କଲେ । ସେ

ପର୍ଯ୍ୟନ୍ତ ସେ ଉଚ୍ଚଶିକ୍ଷାର ବାସନା ତ୍ୟାଗ କରି ନ ଥିଲେ; ତେଣୁ ବାରବାଟୀ ବିଦ୍ୟାଳୟରେ ନାମ ଲେଖାଇଲେ ଏବଂ ମାସକୁ ମାତ୍ର ଛରିଅଣା ବେତନ ଦେଇ ନ ପାରି ଦୁଇବର୍ଷ (୧୮୬୨-୬୪) ପରେ ବିଦ୍ୟାଳୟ ତ୍ୟାଗ କଲେ। ତା'ପରେ ଆରମ୍ଭ ହେଲା ତାଙ୍କର ଶିକ୍ଷକତା ଜୀବନ, ସେହି ବିଦ୍ୟାଳୟରେ ମାସିକ ଦରମା ଅଢ଼େଇ ଟଙ୍କାରେ। ପରେ ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ମାସିକ ଦଶଟଙ୍କା ବେତନରେ ୧୮୭୧ ଖ୍ରୀ. ପର୍ଯ୍ୟନ୍ତ କାର୍ଯ୍ୟ କଲେ। ପ୍ରଥମେ ଶିକ୍ଷକତା କରୁଥିବା ସମୟରେ ସେ ସେହି ସ୍କୁଲର ସଂସ୍କୃତ ପଣ୍ଡିତଙ୍କ ସହାୟତାରେ ସଂସ୍କୃତ ଭାଷା ଶିକ୍ଷା କରି ଥିଲେ। ଏହି ସମୟରେ ତାଙ୍କର ସାକ୍ଷାତ ହୋଇଥିଲା ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅଧ୍ୟୟନ ରତ ରାଧାନାଥ ରାୟଙ୍କ ସହିତ। ତାଙ୍କର ଉଦ୍ୟମରେ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଠାରେ ପ୍ରଥମ ଛାପାଖାନା ପ୍ରତିଷ୍ଠିତ ହୋଇଥିଲା।(ଓ.ସା.ଇ. - ଡଃ ସୁରେନ୍ଦ୍ର କୁମାର ମହାରଣା, ପୃ.୩୩୨)

ନିଜର ଅଧ୍ୟବସାୟ ବଳରେ ସଂସ୍କୃତ, ବଙ୍ଗଳା, ଉର୍ଦ୍ଦୁ, ଇଂରାଜୀ ଭାଷାରେ ଜ୍ଞାନ ଲାଭ କରିପାରିଥିଲେ। କଲେକ୍ଟର ଜନବିମସଙ୍କ ସହିତ ସାକ୍ଷାତ ତାଙ୍କର ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଜନବିମସଙ୍କ ସୁପାରିଶ କ୍ରମେ ଫକୀର ମୋହନ ନୀଳଗିରି ଦେବାନ ଭାବରେ ନିଯୁକ୍ତି ପାଇଥିଲେ ଓ କେନ୍ଦ୍ରାପଡାରେ ଦେୱାନ ହେଲେ। ପରବର୍ତ୍ତୀ ସମୟରେ ଦେୱାନରୁ ଆସିଷ୍ଟାଣ୍ଟ ମ୍ୟାନେଜର ଓ ଶେଷରେ ମ୍ୟାନେଜର ଭାବରେ ନିଯୁକ୍ତ ପାଇଥିଲେ।

ଫକୀର ମୋହନ ୧୩ ବର୍ଷ ବୟସରେ ୧୮୫୬ ମସିହାରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ। ମାତ୍ର ତାଙ୍କର ମୃତ୍ୟୁ ହେବାରୁ କୃଷ୍ଣକୁମାରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କର କୌଣସି ସନ୍ତାନ ନ ଥିଲେ, ଦ୍ୱିତୀୟ ପତ୍ନୀ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ଜନ୍ମ ଦେଇ ମୃତ୍ୟୁବରଣ କରିଥିଲେ। "ଭାଷାପ୍ରାଣ, ଜାତିପ୍ରାଣ ଫକୀର ମୋହନ ଓଡ଼ିଆ ଜାତିର ଦୁର୍ଦ୍ଦିନ କାଳରେ ଏ ଜାତିକୁ ମାର୍ଗ ଦର୍ଶନ ଦେଇଥିଲେ। ଭାଷା ବିଲୋପ ଆନ୍ଦୋଳନର ନେତୃତ୍ୱ ନେଇ ସେ ହୀନ ଚକ୍ରାନ୍ତକାରୀ ବଙ୍ଗଭାଷୀଙ୍କର ଦୃଷ୍ଟିରେ ଥିଲେ- "ବେଟା ରିଙ୍ଗ ଲିଡ଼ର।" ସେ ଏକଦା ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଙ୍କୃତ କରିଥିଲେ। ୧୮୯୮ ମସିହାରେ ମାନ୍ଦ୍ରାଜଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ସମ୍ମିଳନୀରେ ଯୋଗଦାନ କରିଥିଲେ। ୧୮୬୮ ମସିହାରେ ସେ ବାଲେଶ୍ୱରଠାରେ ପ୍ରକାଶ କଲେ 'ବାଲେଶ୍ୱର ସମ୍ବାଦ ବାହିକା'। ଏହାପରେ ସେ 'ବୋଧଦାୟିନୀ' ପତ୍ରିକା ପ୍ରକାଶ କରିଥିଲେ। ୧୮୬୮ ମସିହାରେ ସେ ମଧ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ଏବଂ "ପି.ଏମ. ସେନାପତି ଏଣ୍ଡ କଂପାନୀ" ପ୍ରତିଷ୍ଠା କରି ବହୁ ଶ୍ରମ ଓ ଅର୍ଥବ୍ୟୟର ସମ୍ମୁଖୀନ ହୋଇଥିଲେ।" (ଓ.ସା.ଇ. - ପ୍ରେମାନନ୍ଦ ମହାପାତ୍ର, ପୃ.୪୪୦/୪୪୧)। ୧୯୧୬ ଖ୍ରୀଷ୍ଟାବ୍ଦରେ ସେ ବାମଣ୍ଡା ରାଜ ଦରବାର ଦ୍ୱାରା ସରସ୍ୱତୀ ଉପାଧିରେ ଭୂଷିତ ହୋଇଥିଲେ। ତାଙ୍କର ସାହିତ୍ୟିକ ପ୍ରତିଭାର ବିକାଶ ୫୫ ବର୍ଷ ବୟସରେ ହୋଇଥିଲା। ସେ ଓଡ଼ିଆ କଥା ସାହିତ୍ୟ ଜଗତର ଜଣେ ବିସ୍ମୟ କର ପ୍ରତିଭାବାନ ଶିଳ୍ପୀ।

ତାଙ୍କର ସୃଷ୍ଟି ସଂପଦକୁ ନିମ୍ନୋକ୍ତ ଭାବରେ ବିଭକ୍ତ କରାଯାଇପାରେ।

୧. **ଅନୁବାଦ** - ରାମାୟଣ (୧୮୮୦-୯୫), ମହାଭାରତ (୧୮୮୧-୧୯୦୨), ଶ୍ରୀମଦ୍ ଭାଗବତ ଗୀତା (୧୮୯୨), ଉପନିଷଦ (୧୯୦୦-୧୯୦୨) ଇତ୍ୟାଦି ସଂସ୍କୃତ ଗ୍ରନ୍ଥଗୁଡ଼ିକର ଓଡ଼ିଆ ରୂପାନ୍ତର

କରିଥିଲେ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ପୁସ୍ତକ 'ଜୀବନ ଚରିତ'କୁ ମଧ୍ୟ ସେ ଓଡ଼ିଆରେ ଅନୁବାଦ କରିଥିଲେ। ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ପୁସ୍ତକ 'ଜୀବନ ଚରିତ'କୁ ମଧ୍ୟ ସେ ଓଡ଼ିଆରେ ଅନୁବାଦ କରିଥିଲେ।

୨. **କାବ୍ୟକବିତା** - ବୌଦ୍ଧାବତାର କାବ୍ୟ (୧୯୦୯), ପୁଷ୍ପମାଳା (୧୮୯୪), ଉପହାର (୧୮୯୫), ଅବସର ବାସରେ (୧୯୦୮), ପୂଜାଫୁଲ (୧୯୧୨) ଧୂଳି (୧୯୧୨), ପ୍ରାର୍ଥନା (୧୯୧୧) ।

୩. **ଆତ୍ମଜୀବନ ଚରିତ** (୧୯୧୮)

୪. **ଭ୍ରମଣ କାହାଣୀ** - ଉତ୍କଳ ଭ୍ରମଣ (୧୮୯୨), ଓ୍ୱାଲଟିଅର ଦର୍ଶନ

୫. **ରମ୍ୟରଚନା** - ନନାଙ୍କ ପାଞ୍ଜି (୧୯୦୩) ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ।

୬. **ସମାଲୋଚନା** - କବି ଗୋପାଳକୃଷ୍ଣ ପଟ୍ଟନାୟକ। ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ, ବୌଦ୍ଧାବତାର କାବ୍ୟର ମୁଖବନ୍ଧ।

୭. **ଉପନ୍ୟାସ** - ଛମାଣ ଆଠଗୁଣ୍ଠ (୧୮୯୭), ଲଛମା (୧୯୦୧), ମାମୁ (୧୯୧୩) ଓ ପ୍ରାୟଶ୍ଚିତ (୧୯୧୫)

୮. **କ୍ଷୁଦ୍ରଗଳ୍ପ** - ଗଳ୍ପସ୍ୱଳ୍ପ ୧ମ ଭାଗ ଓ ୨ୟ ଭାଗ (୧୯୧୭), ଏଥିରେ ସନ୍ନିବେସିତ ଗଳ୍ପଗୁଡ଼ିକ (୧୮୯୮ରୁ ୧୯୧୬ ) ମସିହା ମଧ୍ୟରେ ପ୍ରକାଶିତ ହୋଇଥିଲା। ଉତ୍କଳ ସାହିତ୍ୟ ପତ୍ରିକାରେ ୭ଗୋଟି ଗଳ୍ପ ପ୍ରକାଶିତ ହୋଇଥିଲା। ସେଗୁଡ଼ିକର ସୂଚନା ନିମ୍ନରେ ପ୍ରଦାନ କରାଗଲା।

୦୧ - ରେବତୀ - ଉତ୍କଳ ସାହିତ୍ୟ (୧୮୯୮)

୦୨ - ମୌନାମୌନୀ - ମୁକୁର- (୧୯୦୭)

୦୩ - ବାଲେଶ୍ୱରୀ ରାହାଜାନୀ - ମୁକୁର (୧୯୦୭)

୦୪ - ବାଲେଶ୍ୱରୀ ପଙ୍ଗାଲୁଣ - ମୁକୁର (୧୯୦୭)

୦୫ - ପୁନର୍ମୂର୍ଷିକୋଭବ - ମୁକୁର (୧୯୦୭)

୦୬ - ଡାକମୁନସୀ - ମୁକୁର (୧୯୦୭)

୦୭ - ଧୂଳିଆବାବା - ଉତ୍କଳ ସାହିତ୍ୟ (୧୯୧୩)

୦୮ - କମଳା ପ୍ରସାଦ ଖୋରାପ - ଉତ୍କଳ ସାହିତ୍ୟ (୧୯୧୩)

୦୯ - ସୁନାବୋହୂ - ଉତ୍କଳ ସାହିତ୍ୟ (୧୯୧୩)

୧୦ - ରାଣ୍ଡୀପୁଅ ଅନନ୍ତା - ମୁକୁର (୧୯୦୭)

୧୧ - କାଳିକା ପ୍ରସାଦ ଗୋରାପ - ଉତ୍କଳ ସାହିତ୍ୟ (୧୯୧୩)

୧୨ - ପେଟେଣ୍ଟ ମେଡ଼ିସିନ - ଉତ୍କଳ ସାହିତ୍ୟ (୧୯୧୩)

୧୩ - ବିରେଇ ବିଶ୍ୱାଳ - ଉତ୍କଳ ସାହିତ୍ୟ (୧୯୧୪)

୧୪ - ସଭ୍ୟ ଜମିଦାର - ଉତ୍କଳ ସାହିତ୍ୟ (୧୯୧୪)

୧୫ - ଅଜାନାତି କଥା - ଉତ୍କଳ ସାହିତ୍ୟ (୧୯୧୪)

୧୬ - ବଗଲା ବଗୁଲୀ - ଉତ୍କଳ ସାହିତ୍ୟ (୧୯୧୫)

୧୭ - ପାଠୋଇ ବୋହୂ - ମୁକୁର (୧୯୧୫)

୧୮ - ଅଧର୍ମବିତ୍ତ - ଉତ୍କଳ ସାହିତ୍ୟ (୧୯୧୫)

୧୯ - ମାଧ ମହାନ୍ତିଙ୍କ କନ୍ୟାସୁନା - ଉତ୍କଳ ସାହିତ୍ୟ (୧୯୧୫)

୨୦ - ଗାରୁଡ଼ିମନ୍ତ୍ର- ଉତ୍କଳ ସାହିତ୍ୟ - (୧୯୧୬)

ଫକୀର ମୋହନ ନିଜସ୍ୱ ଉଦ୍ୟମରେ ବାଲେଶ୍ୱରରେ ୧୮୬୮ ଖ୍ରୀଷ୍ଟାବ୍ଦରେ 'ଉତ୍କଳ ପ୍ରେସ' ନାମରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ଏହା ହେଉଛି ଓଡ଼ିଶାର ଦ୍ୱିତୀୟ ଛାପାଖାନା। 'ବୋଧଦାୟିନୀ', 'ନବ ସମ୍ବାଦ' ଓ 'ସମ୍ବାଦ ବାହିକା' ଭଳି ବିଭିନ୍ନ ପତ୍ରିକା ଓ ସମ୍ବାଦ ପତ୍ରଗୁଡ଼ିକର ସଂପାଦନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ତଥା ଉନ୍ନତି ପାଇଁ 'ଉତ୍କଳ ଭାଷା ଉନ୍ନତି ବିଧାନ ସଭା' ନାମକ ଏକ ସଂଗଠନ ମଧ୍ୟ କରିଥିଲେ। ଏଇ ଭଳି ପ୍ରଚଣ୍ଡ ପ୍ରତିଭାଧାରୀ ସାରସ୍ୱତ ସ୍ରଷ୍ଟାଙ୍କୁ ବହୁ ବିଳମ୍ବରେ ଯଥାର୍ଥ ସମ୍ମାନ ମିଳିଥିଲା। ବୃଦ୍ଧ ବୟସରେ ସେ 'ବ୍ୟାସକବି' ଉପାଧିରେ ଭୂଷିତ ହୋଇଥିଲେ। ତାଙ୍କର ଶେଷ ଜୀବନ ଦାରୁଣ ଦୁଃଖମୟ ଥିଲା। ପାରିବାରିକ ଅଶାନ୍ତି, ମାନସିକ ଦୁଶ୍ଚିନ୍ତା ତଥା ରୋଗଜର୍ଜ୍ଜ ଅସହାୟତାର ଯନ୍ତ୍ରଣା ତାଙ୍କୁ ଗଭୀର ଭାବରେ ମ୍ରିୟମାଣ କରି ପକାଇଥିଲା। ଏକ ମାତ୍ର ପୁତ୍ର ମୋହିନୀ ମୋହନ ସେନାପତିଙ୍କ ଔଦାସିନ୍ୟ ମନୋଭାବ ତାର ଜୀବନକୁ ଆହୁରି ଦୁଃଖ ଦେଇଥିଲା। ବାଲେଶ୍ୱରରେ ସେ ଦୀର୍ଘ ବାର ବର୍ଷ କାଳ ନିଃସଙ୍ଗ ଜୀବନ ଅତିବାହିତ କରି ସାହିତ୍ୟ ସାଧନାରେ ମଗ୍ନ ରହିଥିଲେ। ଏହି ମହାନ ସାରସ୍ୱତ ସାଧକଙ୍କ ତିରୋଧାନ ଘଟିଥିଲା ୧୯୧୮ ଜୁନ ମାସ ୧୪ ତାରିଖରେ।

## ୪.୫ ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟ : ଉପନ୍ୟାସ

ଓଡ଼ିଆ କଥା ସାହିତ୍ୟ ଜଗତର ଯଶସ୍ୱୀ ତଥା କ୍ରାନ୍ତିକାରୀ କଥାଶିଳ୍ପୀ ହେଉଛନ୍ତି ଫକୀର ମୋହନ ସେନାପତି । ଓଡ଼ିଆ ଉପନ୍ୟାସର ଉନ୍ମେଷ କାଳର ଯୁଗପୋଯୋଗୀ ସାମାଜିକ ଉପନ୍ୟାସର ସେ ବାର୍ତ୍ତାବହ ସ୍ରଷ୍ଟା। ଓଡ଼ିଆ ଉପନ୍ୟାସ ସାହିତ୍ୟର ଆଦିସ୍ରଷ୍ଟା ହୋଇ ନ ଥିଲେ ମଧ୍ୟ ଓଡ଼ିଆ କଥା ସାହିତ୍ୟରେ ଯୁଗସ୍ରଷ୍ଟା କଥାଶିଳ୍ପୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାରିଛନ୍ତି। "ଫକୀର ମୋହନ ଯଥାର୍ଥରେ ଓଡ଼ିଆ ସାହିତ୍ୟର ପ୍ରଥମ ସଫଳ ଔପନ୍ୟାସିକ। ପାଶ୍ଚାତ୍ୟ ସାହିତ୍ୟର ଉପନ୍ୟାସର ସଂଜ୍ଞା ଦୃଷ୍ଟିରୁ ବିଚାର କଲେ, ସେନାପତିଙ୍କ କୃତି ହିଁ କଳା ଦୃଷ୍ଟିରୁ ସଫଳ ସୃଷ୍ଟି। ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ଓଡ଼ିଆ ସାହିତ୍ୟରେ ପ୍ରଥମ ଉପନ୍ୟାସର ସମ୍ମାନ ଦାବୀ କରେ; ମାତ୍ର କଳାଗତ ଦୃଷ୍ଟିକୋଣରୁ 'ଛ'ମାଣ ଆଠଗୁଣ୍ଠ ' ସବୁ ଦୃଷ୍ଟିରୁ 'ପଦ୍ମମାଳୀ' ଠାରୁ ଉତ୍କୃଷ୍ଟତର। ଫକୀର ମୋହନ ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ କଥା ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା

କରିଛନ୍ତି। ମାତ୍ର ତାଙ୍କ ଜୀବନର ତିକ୍ତ ମଧୁର ଅନୁଭୂତି, ପ୍ରଜ୍ଞାଦୃଷ୍ଟି, ଜୀବନ ଓ ଜଗତକୁ ବିଶ୍ଳେଷଣ କରିବାରେ ଅପୂର୍ବ ଦକ୍ଷତା, ତାଙ୍କ କଥା ସାହିତ୍ୟକୁ ଚିରନ୍ତନ ମୂଲ୍ୟବୋଧ ପ୍ରଦାନ କରିଛି। ତାଙ୍କ ପୂର୍ବରୁ ଓଡ଼ିଆ କଥା ସାହିତ୍ୟରେ ଅନ୍ୟ କୌଣସି ସ୍ରଷ୍ଟା ଏପରି ସିଦ୍ଧି ଅର୍ଜନ କରିଥିବାର ଦେଖାଯାଇ ନ ଥାଏ; ସେହି ଦୃଷ୍ଟିରୁ ଫକୀରମୋହନଙ୍କୁ 'କଥା ସମ୍ରାଟ' ବା 'କଥା ସାହିତ୍ୟର ଜନକ' କହିଲେ ଅତ୍ୟୁକ୍ତି ହେବ ନାହିଁ।" (ଦେଶ ଓ ଭାଷାର କାରିଗରି ଫକୀର ମୋହନ - ଡଃ କୃଷ୍ଣଚନ୍ଦ୍ର ପ୍ରଧାନ, ପୃ.୧୨୫)

ଫକୀର ମୋହନଙ୍କ ରଚିତ ଚାରିଗୋଟି ଉପନ୍ୟାସ ଓଡ଼ିଆ କଥା ସାହିତ୍ୟ ଜଗତକୁ ଅମୂଲ୍ୟ ଦାନ। ଫକୀର ମୋହନଙ୍କ ପୂର୍ବରୁ ପ୍ରଥମେ ହ୍ୟାନା କାଥେରିନ ମ୍ୟୁଲେନସଙ୍କ 'ଫୁଲମଣି ଓ କରୁଣାର ବିବରଣ' (୧୮୫୨) ଏକ ବଙ୍ଗଳା ଉପନ୍ୟାସକୁ ଓଡ଼ିଆ ଭାଷାରେ ଜନଷ୍ଟବିୟନ ୧୮୫୮ ମସିହାରେ ଅନୁବାଦ କରିଥିଲେ। ଏହି ଅନୂଦିତ ଉପନ୍ୟାସ ହେଉଛି ଓଡ଼ିଆ ସାହିତ୍ୟର ଯଥାର୍ଥରେ ପ୍ରଥମ ଉପନ୍ୟାସ। ରାମଶଙ୍କର ରାୟଙ୍କର ରଚିତ 'ସୌଦାମିନୀ' ଅସଂପୂର୍ଣ୍ଣ ଉପନ୍ୟାସ ୧୮୭୮ ମସିହାରେ 'ଉତ୍କଳ ମଧୁପ' ପତ୍ରିକାରେ ପ୍ରକାଶିତ ହୋଇଥିଲା। ଓଡ଼ିଆ ସାହିତ୍ୟରେ ପ୍ରଥମ ମୌଳିକ ପୂର୍ଣ୍ଣାଙ୍ଗ ଉପନ୍ୟାସ ହେଉଛି 'ପଦ୍ମମାଳୀ' (୧୮୮୮)। ଯାହାର ଲେଖକ ହେଉଛନ୍ତି ଉମେଶ ଚନ୍ଦ୍ର ସରକାର। ପରେ 'ବିବାସିନୀ' (୧୮୯୧) ନାମକ ଏକ ଉପନ୍ୟାସ ରାମଶଙ୍କର ରାୟ ରଚନା କରିଥିଲେ। ଫକୀର ମୋହନ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସ ରଚନା କରି ଓଡ଼ିଆ ସାହିତ୍ୟରେ ପ୍ରଥମ ଥର ପାଇଁ ସାମାଜିକ ବାସ୍ତବତାକୁ ରୂପାୟିତ କରିଛନ୍ତି। ଏହି ଉପନ୍ୟାସଟି ପ୍ରଥମେ 'ଧୂର୍ଜଟୀ' ଛଦ୍ମ ନାମରେ ପ୍ରକାଶ ପାଇଥିଲା। ତା'ପରେ ତାଙ୍କ ଲେଖନୀରୁ 'ଲଛମା', 'ମାମୁ' ଓ 'ପ୍ରାୟଶ୍ଚିତ' ଉପନ୍ୟାସ ରୂପ ଲାଭ କରିଥିଲା। 'ଲଛମା' ଉପନ୍ୟାସଟି 'ଅପୂର୍ବ ମିଳନ' ନାମରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇ 'ଲଛମା' ଭାବରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ଶେଷ ଜୀବନରେ 'ବିଷମଞ୍ଜି' (୧୯୧୭) ନାମକ ଏକ ଅପୂର୍ଣ୍ଣ ରହିଯାଇଥିବା ଉପନ୍ୟାସର କେତେକ ଅଂଶ ପ୍ରକାଶିତ ହୋଇଥିଲା। ତାଙ୍କର ଉପନ୍ୟାସଗୁଡ଼ିକର ପ୍ରକାଶକାଳ ହେଉଛି : -

କ) ଛ'ମାଣ ଆଠଗୁଣ୍ଠ - ଉକଳ ସାହିତ୍ୟ ପ୍ରେସ - ୧୯୦୨

ଖ) ମାମୁ - ଉତ୍କଳ ସାହିତ୍ୟ ପ୍ରେସ -୧୯୧୩

ଗ) ଲଛମା - ମୁକୁର ପ୍ରେସ, କଟକ -୧୯୧୪

ଘ) ପ୍ରାୟଶ୍ଚିତ - ଉକଳ ସାହିତ୍ୟ ପ୍ରେସ- ୧୯୧୫

## ଲଛମା (୧୯୦୩) :

ଫକୀରମୋହନ ସେନାପତିଙ୍କ ରଚିତ 'ଲଛମା' ଉପନ୍ୟାସଟି ରଚନାକାଳ ଦୃଷ୍ଟିରୁ ଦ୍ୱିତୀୟ ଉପନ୍ୟାସ। ଉପନ୍ୟାସର ବିଷୟବସ୍ତୁର କାଳ ନିରୂପଣ କଲେ କଥାକାରଙ୍କ ଚିନ୍ତନର ପ୍ରଥମ ଉପନ୍ୟାସ ଅଟେ। ଓଡ଼ିଶାର ମରହଟ୍ଟାମାନଙ୍କର ଅତ୍ୟାଚାର ଏବଂ ପ୍ରପୀଡ଼ନର ନିଚ୍ଛକ ଚିତ୍ର ଏହି ଉପନ୍ୟାସରେ ବର୍ଣ୍ଣିତ। ଏହା ଏକ ଐତିହାସିକ ଉପନ୍ୟାସ। ଏହି ଉପନ୍ୟାସଟି ପ୍ରଥମେ ଉତ୍କଳ ସାହିତ୍ୟ ପତ୍ରିକାରେ 'ଅପୂର୍ବ ମିଳନ'ନାମରେ ଧାରାବାହିକ ଭାବରେ ୧୯୦୧ରୁ ୧୯୦୩ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହୋଇ ୧୯୧୪ ମସିହାରେ ମୁକୁର

ପ୍ରେସ, କଟକ ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ଏହି ଉପନ୍ୟାସ ଦୁଇଗୋଟି ଘଟଣାକୁ କେନ୍ଦ୍ରିତ କରି ବର୍ଣ୍ଣିତ ହୋଇଛି। ଗୋଟିଏ ହେଉଛି ଭାସ୍କର ପଣ୍ଡିତ ସହିତ ନବାବ ଅଲିବର୍ଦ୍ଦି ଖାଁଙ୍କ ଯୁଦ୍ଧ ଓ ଅନ୍ୟ ଘଟଣାଟି ହେଉଛି ଲଛମା ଓ ବାଦଲ ସିଂହଙ୍କ ଗୋଡ଼ିଆଇ ରାହାଜାନୀରେ ପିତୃହତ୍ୟାର ପ୍ରତିଶୋଧ ଓ ପୁନର୍ମିଳନ। ଓଡ଼ିଶା ଇତିହାସର ମାତ୍ର ଚରିବର୍ଷର ଘଟଣାକାଳ ଉପନ୍ୟାସରେ ଚିତ୍ରିତ ହୋଇଛି। ଇତିହାସରେ ଜୀର୍ଣ୍ଣ କଙ୍କାଳ ମଧ୍ୟ ଦେଇ ମାନବିକ ଭାବ ସତ୍ୟର ଆବିଷ୍କାର ଏ ଉପନ୍ୟାସର ମୁଖ୍ୟ ମର୍ମବାଣୀ।

## ଛ'ମାଣ ଆଠଗୁଣ୍ଠ (୧୮୯୯) :

ଫକୀର ମୋହନଙ୍କ ଉପନ୍ୟାସର ରଚନାକାଳ ଦୃଷ୍ଟିରୁ ପ୍ରଥମ ଉପନ୍ୟାସ ହେଉଛି 'ଛମାଣ ଆଠଗୁଣ୍ଠ'। ମାତ୍ର ଘଟଣାକାଳ ଦୃଷ୍ଟିରୁ ବିଚାର କଲେ 'ଲଛମା' ଉପନ୍ୟାସର ପରବର୍ତ୍ତୀ। ଉପନ୍ୟାସଟି (କଥାକାର 'ଧୂର୍ଜ୍ଜଟୀ' ଛଦ୍ମ ନାମରେ) ଉତ୍କଳ ସାହିତ୍ୟ ପତ୍ରିକାରେ ଧାରାବାହିକ ଭାବରେ ୧୮୯୭ରୁ ୧୮୯୯ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା। ପରେ ୧୯୦୨ ମସିହାରେ ପୁସ୍ତକ ଆକାରରେ ପ୍ରକାଶ ଲାଭ କରିଛି। ଶୁଣାଯାଏ ଯେ ଫକୀର ମୋହନ ଯେତେବେଳେ କେନ୍ଦ୍ରାପଡ଼ାରେ ବସବାସ କରୁଥିଲେ ସେହି ସମୟରେ ଜଣେ ଜମିଦାର ଏକ ନିରୀହ ତନ୍ତୀର 'ଛମାଣ ଆଠଗୁଣ୍ଠ' ସଂପତ୍ତି ଅପହରଣ କରି ନେଇଥିଲେ। ହୁଏତ ଏହି ଘଟଣାର ପ୍ରଭାବରେ ଏହି ଉପନ୍ୟାସଟି ରଚନା କରିଥାଇ ପାରନ୍ତି। 'ଛମାଣ ଆଠଗୁଣ୍ଠ' ଜମିକୁ କେନ୍ଦ୍ରିତ କରି କଥାକାର ଉପନ୍ୟାସର କଥାବସ୍ତୁକୁ ଗତିଶୀଳ କରାଇଛନ୍ତି। ଏଥିରେ ତତ୍କାଳୀନ ସମାଜର ଜମିଦାରମାନଙ୍କ ଶୋଷଣ, ଅତ୍ୟାଚାର ଓ ନିର୍ଯ୍ୟାତନା ଚିତ୍ର ରହିଛି। କୁଚକ୍ରୀ ରାମଚନ୍ଦ୍ର ମଙ୍ଗରାଜ 'ଛମାଣ ଆଠଗୁଣ୍ଠ' ଜମିପାଇଁ ସମସ୍ତ ପ୍ରକାର ଅନ୍ୟାୟ କରିଛନ୍ତି; ମାତ୍ର କୃତକର୍ମର ଫଳ ସ୍ୱରୂପ ସେ ଥ-ମା-ଆ-ଗୁ କହି ପ୍ରାଣତ୍ୟାଗ କରିଛନ୍ତି। ସରଳ ସାରିଆ ଓ ଭଗିଆ ପ୍ରତି ଲେଖକଙ୍କର ସମ୍ବେଦନଶୀଳତା ଉପନ୍ୟାସଟିକୁ ଅଧିକ ପ୍ରାଣବନ୍ତ କରି ପାରିଛି।

## ମାମୁ (୧୯୧୩) :

ଫକୀର ମୋହନଙ୍କ ରଚିତ ତୃତୀୟ ଉପନ୍ୟାସ ହେଉଛି ମାମୁ। ଏହା ନଗର ଜୀବନ ଓ ଚାକିରୀ ଜୀବନ କୈନ୍ଦ୍ରିକ ଅର୍ଥନୀତି ଉପରେ ପର୍ଯ୍ୟବେସିତ ଉପନ୍ୟାସ। ଏହି ଉପନ୍ୟାସର ମାମୁ ଚରିତ୍ର ହେଉଛନ୍ତି ନାଜର ନଟବର ଦାସ। ଏହି ଉପନ୍ୟାସରେ କଥାକାର ସହରୀ ଜୀବନରେ ଚାକିରିଆ ଗୋଷ୍ଠୀ କିପରି ପ୍ରତାରଣା ଓ ଦୁର୍ନୀତିର ଆଶ୍ରୟ ନେଇଥାନ୍ତି ତା'ର ଏକ ମାର୍ମିକ ଆଲେଖ୍ୟ ପ୍ରଦାନ କରିଛନ୍ତି। "କେତେକ ଆଲୋଚକ 'ମାମୁ'କୁ 'ଛ' ମାଣ ଆଠଗୁଣ୍ଠ'ର ସହରୀ ସଂସ୍କରଣ ବୋଲି ମତବ୍ୟକ୍ତ କରିଥାନ୍ତି। ମାତ୍ର ତାହା ଠିକ ନୁହେଁ। ଏକଥା ସତ୍ୟ 'ମାମୁ'ର ବହୁ ଘଟଣା ସହରରେ ଅଭିନୀତ। 'ଛମାଣ ଆଠଗୁଣ୍ଠ'ରେ ପଲ୍ଲୀରେ ବସବାସ କରୁଥିବା ନିରୀହ ଜନସାଧାରଣଙ୍କୁ ଶୋଷଣ କରିଥିବାବେଳେ 'ମାମୁ'ରେ ସହରୀ ଶିକ୍ଷିତ ଆଧୁନିକ ମାନବ ଚତୁରତାର ସହିତ ନିଜର ରକ୍ତ ଶୋଷଣ କରିବାକୁ ଚେଷ୍ଟା କରିଛି। 'ଛମାଣ ଆଠଗୁଣ୍ଠ' ସେହି ଶୋଷକ ସରଳ ଗ୍ରାମବାସୀମାନଙ୍କ ପ୍ରତି ଏକ ଆତଙ୍କ ଥିଲା, ତା' ମୁଖରେ ଜବାବ ଦେବାକୁ କିମ୍ବା ତା'କାର୍ଯ୍ୟକୁ ପ୍ରତିବାଦ କରିବାକୁ ସାହସ ନ ଥିଲା। 'ମାମୁ'ର ଶିକ୍ଷିତ ଚତୁର ଆଖିରୁ ଲୁହ ଗଡ଼ାଇ ନିଜକୁ ଶୋଷିତ ନିକଟରେ ଆପଣାର ବୋଲି ପରିଚୟ ଦେଇ ଶୋଷଣ କରିଛି। ତା' ନିକଟରେ କେବଳ ଯୋଜନା ନାହିଁ, ସେହି ଯୋଜନାକୁ

କାର୍ଯ୍ୟକାରୀ କରିବା ଧୂର୍ତ୍ତା ସହକର୍ମିଣୀ ବି ଅଛନ୍ତି। ରାମଚନ୍ଦ୍ର ମଙ୍ଗରାଜ ଯାହା କରିପାରୁ ନ ଥିଲେ; ତାହା କରି ଦେଖାଇ ଦେଉଥିଲେ। ମାତ୍ର 'ମାମୁ'ରେ ନାଜର ନଟବର ହେଉଛନ୍ତି ଯଥାର୍ଥ ଯୋଜନା ପ୍ରସ୍ତୁତକାରୀ। ଚିତ୍ରକଳା ନଟବରଙ୍କ ନିର୍ଦ୍ଦେଶରେ ସେହି ଯୋଜନାକୁ କାର୍ଯ୍ୟକାରୀ କରିଛି ମାତ୍ର। ଏହି ଦୃଷ୍ଟିରୁ 'ଛମାଣ ଆଠଗୁଣ୍ଠ' ତୁଳନାରେ 'ମାମୁ'ର ଶୋଷଣ କ୍ରିୟା ଅତ୍ୟନ୍ତ ଉତ୍କଟ ଓ ବୈଜ୍ଞାନିକ ପଦ୍ଧତିରେ ସମାହିତ।" (ତତ୍ରୈବ- ପୃ.୧୫୮/୧୫୯) ଉପନ୍ୟାସର କଳାଗତ ମୂଲ୍ୟବୋଧ ଦୃଷ୍ଟିକୋଣରୁ ଏହା ଏକ ସଫଳ ଉପନ୍ୟାସ।

**ପ୍ରାୟଶ୍ଚିତ (୧୯୧୫) :**

ଫକୀର ମୋହନଙ୍କ ରଚିତ ଚତୁର୍ଥ ତଥା ଶେଷ ଉପନ୍ୟାସ ହେଉଛି ପ୍ରାୟଶ୍ଚିତ। ଏହି ଉପନ୍ୟାସଟି ୧୯୧୫ ମସିହାରେ ଆତ୍ମପ୍ରକାଶ ଲାଭ କରିଥିଲା। ଏହା କଥାକାରଙ୍କ ମ୍ଳାନ ଅପରାହ୍ଣ ସମୟରେ ସୃଷ୍ଟି। ଗୋଟିଏ ନିର୍ଦ୍ଦିଷ୍ଟ ଜାତି ମଧ୍ୟରେ ଉଚ୍ଚନୀଚ ଭେଦଭାବ ଓ ତଦ୍ଜନିତ କ୍ରିୟାକଳାପକୁ ରୂପ ଦେବାପାଇଁ ବୈଷ୍ଣବ ଚରଣ ଓ ଶଙ୍କର୍ଷଣ ଚରିତ୍ରର ପରିକଳ୍ପନା ଉପନ୍ୟାସିକ କରିଛନ୍ତି। ଉପନ୍ୟାସରେ ଧର୍ମଭିତ୍ତିକ ସମାଜବାଦ ପାଇଁ ରହିଛି ତୀବ୍ର ଆହ୍ୱାନ।

ଫକୀର ମୋହନ ସମାଜ ସଂସ୍କାର ମନୋଭାବ ନେଇ ଉପନ୍ୟାସ ରଚନା କରୁଥିଲେ। "ସେ ଥିଲେ ମଣିଷ ପଣିଆର ଉପାସକ। ତେଣୁ ପରଂପରା ଉପରେ ସେ ଦେଇଛନ୍ତି ପ୍ରାଧାନ୍ୟ। ଆଭିଜାତ୍ୟ ଗଣତନ୍ତ୍ର ଉପରେ ସେ ଦେଇଛନ୍ତି ଗୁରୁତ୍ୱ। ନିମ୍ନଜାତି ଓ ନିମ୍ନବର୍ଗର ମଣିଷମାନଙ୍କ ପାଇଁ ସେ ଜଣାଇଛନ୍ତି ମୁଗ୍ଧ ଅଭିନନ୍ଦନ। ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ସେ ବିରୋଧି ନୁହଁନ୍ତି ; ତାର ମାୟା କୁହେଳିକା ଦ୍ୱାରା ନିଜତ୍ୱକୁ ହରାଇ ଦେବାର ସେ ବିରୋଧୀ। ଗଣ ଜୀବନର ଭାଷାକୁ ନେଇ ନିତିଦିନିଆ ସମାଜର ମଣିଷମାନଙ୍କୁ ସେ ଯେପରି ରୂପ ଦେଇଛନ୍ତି ; ତାହା ହୋଇଛି ହୃଦ୍ୟ। ତାଙ୍କୁ ଓଡ଼ିଆ ଉପନ୍ୟାସରେ ଟମାସହାର୍ଡ଼ି କୁହାଯାଏ। ଫିଲଡ଼ିଂ, ସ୍ମୋଲେଟ, ହଥର୍ଣ୍ଣଙ୍କ ପରି ବିଦେଶୀ ଉପନ୍ୟାସିକ ଓ ହିନ୍ଦୀ ସାହିତ୍ୟର ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସ ନିକଟରେ ସେ ଋଣୀ। ସକଳ ଆହରଣ ଭିତରେ ସେ ନିଜସ୍ୱ ମୌଳିକତାକୁ ଛାଡ଼ି ନାହାନ୍ତି। ଏହି କାରଣରୁ ତାଙ୍କର ଉପନ୍ୟାସ ଚତୁଷ୍ଟୟ ହୋଇଯାଇଛି ଓଡ଼ିଶାର ଗଣ ଜୀବନର ଜୀବନ୍ତ ଇସ୍ତାହାର। (ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟାବାଦୀ ଯୁଗ - ଡଃ. ବୈଷ୍ଣବ ଚରଣ ସାମଲ, ପୃ.୯୮)

## ୪.୬ ଫକୀର ମୋହନ ସେନାପତିଙ୍କ କଥା ସାହିତ୍ୟ : କ୍ଷୁଦ୍ରଗଳ୍ପ

ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟର ଜନକ ହେଉଛନ୍ତି କଥାକାର ଫକୀର ମୋହନ ସେନାପତି। ସେ ଓଡ଼ିଆ କଥା ସାହିତ୍ୟର ଅସାମାନ୍ୟ ପ୍ରତିଭାଧାରୀ ଶିଳ୍ପୀ। ଆଧୁନିକ ଯୁଗକୁ 'ଫକୀର ମୋହନ ଯୁଗ' ନାମକୁ ଅଧିକ ସମୀଚୀନ ମନେ କରି ଡଃ. ମାୟାଧର ମାନସିଂହ ମତ ପ୍ରକାଶ କରିଛନ୍ତି- "ପ୍ରାଚୀନ କାଳର ସାରଳାଯୁଗ, ଜଗନ୍ନାଥ ଯୁଗ ବା ଉପେନ୍ଦ୍ର ଯୁଗର ବିପରୀତରେ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗକୁ ଶ୍ରଦ୍ଧାର ସହିତ ରାଧାନାଥ ଯୁଗ ବୋଲି କୁହାଯାଉଥିଲା। ଏହା ହୁଏତ ସାଧାରଣତଃ ଜନ ଚିତ୍ତରେ କବି ଓ କବିତା ଯେଉଁ ରହସ୍ୟମୟ ପ୍ରଭାବ ପକାଇଥାନ୍ତି; ତାହାରି ଥିଲା ପ୍ରତିକ୍ରିୟା। ଏ ପର୍ଯ୍ୟନ୍ତ ସାହିତ୍ୟର ଅନ୍ୟ କୌଣସି ଅଂଶ ମନୁଷ୍ୟ ମନରେ

ସେପରି ପ୍ରଭାବ ପକାଇ ପାରିନାହିଁ । ତେଣୁ ଅନ୍ୟସବୁ ଯୁଗକୁ ଯେପରି; ଏ ଯୁଗକୁ ମଧ୍ୟ କବି ନାମରେ ନାମିତ କରିବା ସ୍ୱାଭାବିକ ଥିଲା । କିନ୍ତୁ ଆଧୁନିକ ଗବେଷଣା ଓଡ଼ିଆ ସାହିତ୍ୟର ଗତ ୬୦ ବର୍ଷର ଘଟଣା ପ୍ରବାହକୁ ଏବର ପାଠକମାନଙ୍କ ଆଗରେ ଯେପରି ଥୋଇଛନ୍ତି; ସେଥିରେ ସେମାନଙ୍କ ଚିତ୍ତରେ ସାହିତ୍ୟିକ ମୂଲ୍ୟବୋଧରେ ପରିବର୍ତ୍ତନ ଆସି ଯାଇଛି; ଯାହା ଫଳରେ ବର୍ତ୍ତମାନ ଓଡ଼ିଶାର ବୁଦ୍ଧିଜୀବୀ ସଂପ୍ରଦାୟର ସର୍ବବାଦୀ ମତ ଏହି ଯେ; ଆଧୁନିକ ଯୁଗ ପ୍ରକୃତରେ ନାମିତ ହେବା ଉଚିତ ସରସ୍ୱତୀ ଫକୀର ମୋହନଙ୍କ ନାମରେ ।" (ଓଡ଼ିଆ ସାହିତ୍ୟର ଇତିହାସ, ପୃ.୨୦୪)

ଫକୀର ମୋହନ ସେନାପତି ସମୁଦାୟ ୨୦ଗୋଟି ଗଳ୍ପ ରଚନା କରି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି । ସେ ପ୍ରକୃତରେ ଓଡ଼ିଆ କଥା ସାହିତ୍ୟ ଜଗତର ଅଦ୍ୱିତୀୟ ସ୍ରଷ୍ଟା । ତାଙ୍କର କ୍ରାନ୍ତିକାରୀ କ୍ଷୁଦ୍ରଗଳ୍ପ 'ରେବତୀ' ୧୮୯୮ ମସିହା ଅକ୍ଟୋବର ମାସରେ ଉତ୍କଳ ସାହିତ୍ୟ ପତ୍ରିକାରେ 'ଧୂର୍ଜଟୀ' ଛଦ୍ମନାମରେ ପ୍ରକାଶିତ ହୋଇଥିଲା । ସେ 'ଲଛମନିଆ' (୧୮୬୮) ନାମକ ଏକ ଗଳ୍ପ ରେବତୀ ଗଳ୍ପ ପୂର୍ବରୁ ରଚନା କରିଥିଲେ ମଧ୍ୟ ତାହା ଏବେ ଦୁଷ୍ପ୍ରାପ୍ୟ ହୋଇଯାଇଥିବାରୁ ଓଡ଼ିଆ ଗଳ୍ପ ସାହିତ୍ୟରେ 'ରେବତୀ' ଗଳ୍ପକୁ ପ୍ରଥମ ଗଳ୍ପର ମାନ୍ୟତା ଦିଆଯାଇଛି । ତାଙ୍କ ରଚିତ ଶେଷ ଗଳ୍ପ ହେଉଛି ଗାରୁଡ଼ିମନ୍ତ୍ର (୧୯୧୬) । ତାଙ୍କର ଗଳ୍ପଗୁଡ଼ିକ ୧୮୯୮ରୁ ୧୯୬୧ ମଧ୍ୟରେ ରଚନା ହୋଇଛି । ତାଙ୍କ ରଚିତ ସମୁଦାୟ ଗଳ୍ପଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ ।

(କ) **ସାମାଜିକ ସମସ୍ୟା ମୂଳକ ଗଳ୍ପ** : ରେବତୀ, ପାଠୋଇ ବୋହୂ, ସୁନାବୋହୂ । ମାଧ ମହାନ୍ତିଙ୍କ କନ୍ୟାସୁନା, ପେଟେଣ୍ଟ ମେଡ଼ିସିନ, ପୁନ ମୂର୍ଷକୋଭବ, ବୀରେଇ ବିଶ୍ୱାଳ, ଗାରୁଡ଼ିମନ୍ତ୍ର ।

(ଖ) **ସଂସ୍କୃତି ଓ ସଭ୍ୟତା ଆଧାରିତ ଗଳ୍ପ** : ଧୂଳିଆ ବାବା, ସଭ୍ୟ ଜମିଦାର, ଅଧର୍ମବିତ୍ତ, ଡାକମୁନସୀ, ରାଣ୍ଡୀପୁଅ ଅନନ୍ତା ।

(ଗ) **କାହାଣୀଧର୍ମୀ ଗଳ୍ପ** : ଅଜାନାତି କଥା, ମୌନାମୌନୀ, ବଗଲା ବଗୁଲୀ ।

(ଘ) **ଐତିହାସିକ ଗଳ୍ପ** : ବାଲେଶ୍ୱରୀ ରାହାଜାନୀ, ବାଲେଶ୍ୱରୀ ପଙ୍ଗାଲୁଣା, କାଳିକା ପ୍ରସାଦ ଗୋରାପ ଓ କମଳା ପ୍ରସାଦ ଗୋରାପ ।

ଏ ସମସ୍ତ ଗଳ୍ପ ତାଙ୍କର ଗଳ୍ପସ୍ୱଳ୍ପ ୧ମ ଭାଗ ଓ ଗଳ୍ପସ୍ୱଳ୍ପ ୨ୟ ଭାଗରେ ସଙ୍କଳିତ ହୋଇ ୧୯୧୭ରେ ପ୍ରକାଶିତ ହୋଇଛି । ଗଳ୍ପସ୍ୱଳ୍ପ ୧ମ ଭାଗରେ ରେବତୀ, ପେଟେଣ୍ଟ ମେଡ଼ିସିନ, ରାଣ୍ଡିପୁଅ ଅନନ୍ତା, ଗାରୁଡ଼ିମନ୍ତ୍ର, ଅଧର୍ମ ବିତ୍ତ, ସଭ୍ୟ ଜମିଦାର, ଧୂଳିଆ ବାବା, ସୁନାବୋହୂ, ଡାକମୁନସୀ, ବିରେଇ ବିଶ୍ୱାଳ ଇତ୍ୟାଦି ଗଳ୍ପ ସଂକଳିତ ହୋଇଥିବାବେଳେ ଗଳ୍ପସ୍ୱଳ୍ପ ୨ୟ ଭାଗରେ ବାଲେଶ୍ୱରୀ ରାହାଜାନୀ, ପାଠୋଇ ବୋହୂ, ଅଜାନାତି କଥା, ପୁନର୍ମୂଷିକୋଭବ, ମୌନାମୌନୀ, କମଳା ପ୍ରସାଦ ଗୋରାପ, ବଗଲାବଗୁଲୀ, ବାଲେଶ୍ୱରୀ ପଙ୍ଗାଲୁଣ, ମାଧ ମହାନ୍ତିଙ୍କ କନ୍ୟାସୁନା ସଙ୍କଳିତ ହୋଇଛି ।

### (କ) ସାମାଜିକ ସମସ୍ୟା ମୂଳକ ଗଳ୍ପ :

ଫକୀର ମୋହନଙ୍କ ଗଳ୍ପ ସଂପର୍କରେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ସମାଲୋଚକ ଡଃ. ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ମତ ପ୍ରକାଶ କରିଛନ୍ତି- "ଗଳ୍ପକାର ଫକୀର ମୋହନଙ୍କ କ୍ଷୁଦ୍ରଗଳ୍ପ ରଚନାରେ ଏ ଦେଶର ସମାଜ ଜୀବନର ପ୍ରାଣ ପ୍ରକାଶ କରିଛନ୍ତି । ତାଙ୍କ ସମସାମୟିକ ଓଡ଼ିଶାରେ, ସମାଜ ଲୋକଙ୍କ ଭିତରେ ନାନା ଧରଣର ଅନ୍ଧବିଶ୍ୱାସ ଓ କୁସଂସ୍କାର ପୂରି ରହିଥିଲା। ଜନସାଧାରଣଙ୍କ ମଧ୍ୟରୁ କୁ-ସଂସ୍କାର ଦୂର କରିବା ଅଭିପ୍ରାୟରେ ଲେଖକ କ୍ଷୁଦ୍ରଗଳ୍ପର ଆଙ୍ଗିକ ମାଧ୍ୟମକୁ ନିପୁଣତାର ସହିତ ପ୍ରୟୋଗ କରିଥିଲେ । ଚିର-ସଂସ୍କାରବାଦୀ ତାଙ୍କ ଶିଳ୍ପୀମାନସ ଏହି କ୍ଷୁଦ୍ରଗଳ୍ପ ଗୁଡ଼ିକରେ ଉଚ୍ଚକୋଟୀର ଶିଳ୍ପଚାତୁରୀ ପ୍ରଦର୍ଶନ କରିଛନ୍ତି।" (ଓଡ଼ିଆ ସାହିତ୍ୟରେ ସଂକ୍ଷିପ୍ତ ପରିଚୟ ପୃ.୧୭୫)

ଫକୀର ମୋହନଙ୍କ ସାମାଜିକ ସମସ୍ୟା ମୂଳକ ଗଳ୍ପଗୁଡ଼ିକ ହେଲା- ରେବତୀ, ପାଠୋଇ ବୋହୂ, ସୁନାବୋହୂ, ମାଧ ମହାନ୍ତିଙ୍କ କନ୍ୟାସୁନା, ପେଟେଣ୍ଟ ମେଡ଼ିସିନ, ପୁନର୍ମୂଷିକୋଭବ, ବିରେଇ ବିଶ୍ୱାଳ, ଗାରୁଡ଼ି ମନ୍ତ୍ର। କଥାକାର ଫକୀର ମୋହନଙ୍କ 'ରେବତୀ' ହେଉଛି ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ। ଏହା ଉତ୍କଳ ସାହିତ୍ୟ ପତ୍ରିକାରେ ୧୮୯୮ ମସିହାରେ ପ୍ରକାଶିତ ହୋଇଥିଲା। ଗଳ୍ପର ନାୟିକାର ନାମାନୁସାରେ ଗଳ୍ପର ଏପରି ନାମକରଣ କରାଯାଇଛି। ଗଳ୍ପ ମାଧ୍ୟମରେ ଗାଳ୍ପିକ ସମାଜରେ ଶିକ୍ଷା, ସଂସ୍କୃତି କ୍ଷେତ୍ରରେ ସଂସ୍କାର ପ୍ରବଣତାକୁ ପ୍ରକାଶ କରିଛନ୍ତି।

"ପାଶ୍ଚାତ୍ୟ ଶିକ୍ଷାର ଯଥାର୍ଥ ମୂଲ୍ୟବୋଧକୁ ଅବବୋଧ କରିଥିବା ବ୍ୟକ୍ତି ବିଶେଷ ଚେଷ୍ଟା କରିଛନ୍ତି ଏ ଦେଶର ସାମାଜିକ ଜୀବନରେ ପରିପୂରିତ କେତେକ କୁ-ସଂସ୍କାରର ସମୂଳ ବିନାଶ ପାଇଁ। ତତ୍‌କାଳୀନ ଜୀବନଧାରାର ପରିପନ୍ଥୀ ବହୁ ଅନ୍ଧବିଶ୍ୱାସକୁ ଏମାନେ ସର୍ବାଦୌ ବର୍ଜନ କରିଛନ୍ତି। ଏମାନଙ୍କ ଉଦ୍ଦେଶ୍ୟ ଧ୍ୱଂସଶୀଳ ନୁହେଁ, ସୃଷ୍ଟିଶୀଳ। ପାଶ୍ଚାତ୍ୟ ସଭ୍ୟତାର ସୁନୀତି ହିଁ ଏମାନଙ୍କର ଧ୍ୟେୟ। ଫକୀର ମୋହନ ଏହି ପ୍ରକାର ମତ ପୋଷଣ କରୁଥିବା ବ୍ୟକ୍ତି ବିଶେଷଙ୍କ ପକ୍ଷପାତୀ। ଏମାନେ ପାଶ୍ଚତ୍ୟ ଶିକ୍ଷାପ୍ରାପ୍ତ ହେଲେ ହେଁ ପ୍ରାଚୀନ ପରଂପରାର ଆଦର୍ଶକୁ ବଳି ଦେବାକୁ ଚେଷ୍ଟା କରି ନାହାନ୍ତି। ବରଂ ଯେଉଁ କ୍ଷେତ୍ରରେ ରକ୍ଷଣଶୀଳତା ସମାଜ ଜୀବନକୁ ପଙ୍ଗୁ କରିଦେବାକୁ ବସିଛି; ସମାଜର ଚଳନ୍ତି ସ୍ରୋତକୁ ବାଲିବନ୍ଧ ଦେଇ ଅଟକାଇବାକୁ ଚେଷ୍ଟା କରିଛି; ତା' ପ୍ରତି ଏମାନେ ପ୍ରତିକ୍ରିୟାଶୀଳ ହୋଇ ଉଠିବା ସଙ୍ଗେ ସଙ୍ଗେ ତାର ନିରାକରଣ ପାଇଁ ଚେଷ୍ଟା କରିଛନ୍ତି। ଏହି ମନୋଭାବରୁ ହିଁ ଗାରୁଡ଼ିମନ୍ତ୍ର, ପାଠୋଇ ବୋହୂ, ସୁନାବୋହୂ ଆଦି ଗଳ୍ପଗୁଡ଼ିକ ସୃଷ୍ଟି ଲାଭ କରିଛି।" (ଦେଶ ଓ ଭାଷାର କାରିଗର ଫକୀର ମୋହନ- ଡଃ କୃଷ୍ଣଚନ୍ଦ୍ର ପ୍ରଧାନ, ପୃ ୯୦/୯୧)

### (ଖ) ସଂସ୍କୃତି ଓ ସଭ୍ୟତା ଆଧାରିତ ଗଳ୍ପ :

ଫକୀରମୋହନ ସେନାପତି ସଂସ୍କୃତିର ଅବକ୍ଷୟକୁ ହୃଦୟଙ୍ଗମ କରି ଅନେକ ଗଳ୍ପ ମଧ୍ୟରେ ସେହି ସଂସ୍କୃତିର ନମୁନା ପ୍ରଦର୍ଶନ କରିଛନ୍ତି। ସଂସ୍କୃତି ସଭ୍ୟତାର ତତ୍‌କାଳୀନ ରୂପରେଖ ଧୂଳିଆ ବାବା, ସଭ୍ୟ ଜମିଦାର, ଅଧର୍ମ ବିତ୍ତ, ଡାକମୁନସୀ ତଥା ରାଣ୍ଡିପୁଅ ଅନନ୍ତା ଗଳ୍ପରେ ଦେଖିବାକୁ ମିଳେ। ସମାଜରେ ଧର୍ମ

ନାମରେ ଭଣ୍ଡାମୀ ଓ ପ୍ରତାରଣାକୁ ଚମତ୍କାର ଭାବରେ ଗାଳ୍ପିକ ତାଙ୍କର 'ଧୂଳିଆବାବା' ଗଳ୍ପରେ ଚିତ୍ରଣ କରିଛନ୍ତି। ଏହା ଏକ ସଂସ୍କୃତି ଓ ସଭ୍ୟତା ଭିତ୍ତିକ ଗଳ୍ପ। ଏହା 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୯୧୩ର ଫେବୃୟାରୀ ସଂଖ୍ୟାରେ ପ୍ରକାଶ ଯାଇଥିଲା। ତତ୍କାଳୀନ ସମାଜର ଉପରେ ଇଂରେଜୀ ସଭ୍ୟତାର ପ୍ରଭାବ କିଭଳି ପଡ଼ିଛି ତାର ନିଚ୍ଛକ ଚିତ୍ରଣ କରାଯାଇଛି ସଭ୍ୟ ଜମିଦାର ଓ ଡାକମୁନସୀ ଗଳ୍ପରେ। ଗଳ୍ପରେ ଗୋପାଳ ଇଂରାଜୀ ସଭ୍ୟତାରେ ପ୍ରଭାବିତ ହୋଇ ସବ ପୋଷ୍ଟମାଷ୍ଟର ରୂପେ ଚାକିରୀ କରି ମଧ ପିତା ପ୍ରତି ସହୃଦୟତା ଭାବ ସୃଷ୍ଟି ହୋଇ ପାରିନାହିଁ। ବାପାକୁ ବାପା ବୋଲି ସମ୍ବୋଧନ କରିବାକୁ କୁଣ୍ଠାବୋଧ ପ୍ରକାଶ କରିଛି। 'ସଭ୍ୟ ଜମିଦାର' ଗଳ୍ପରେ ଇଂରାଜୀ ଶିକ୍ଷା ଓ ସଭ୍ୟତା ଉପରେ ଯେଉଁ ଏକ ଭ୍ରାନ୍ତ ମନୋଭାବ ସେହି ସମୟର ସମାଜରେ ପ୍ରକାଶ ପାଇଥିଲା, ତାହା ଚିତ୍ରଣ ହୋଇଛି। 'ଅଧର୍ମବିତ୍ତ' ଗଳ୍ପରେ ବ୍ରାହ୍ମଣମାନଙ୍କ ମାନସିକତା ସଂପର୍କରେ ସୂଚନା ପ୍ରଦାନ କରାଯାଇଛି।

'ରାଣ୍ଡୀପୁଅ ଅନନ୍ତା' ଗଳ୍ପରେ ମାନବ ସମାଜର କଲ୍ୟାଣ ନିମନ୍ତେ ଆତ୍ମୋତ୍ସର୍ଗ ମନୋଭାବର ଯଥାର୍ଥ ଆଦର୍ଶବତ୍ତାକୁ କେନ୍ଦ୍ରିତ କରି ଗଳ୍ପଟି ରଚନା କରାଯାଇଛି। ଗଳ୍ପରେ ଅନନ୍ତାର ତ୍ୟାଗ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଅପର ପକ୍ଷରେ ତତ୍କାଳୀନ ସମାଜରେ ଅବଧାନଙ୍କ ଭୂମିକା ତଥା ଚଟଶାଳୀ ଶିକ୍ଷାର ଅବକ୍ଷୟର ସୂଚନା ଦେଖିବାକୁ ମିଳେ। ଏହି ଗଳ୍ପରେ ଗାଳ୍ପିକ ତାଙ୍କର ଆତ୍ମଜୀବନ ଚରିତରେ ଲିପିବଦ୍ଧ କରିଥିବା ତାଙ୍କ ଚଟଶାଳୀ ଶିକ୍ଷାର ଅନୁଭୂତି ଓ ଦଣ୍ଡବିଧାନକୁ ପରୋକ୍ଷ ଭାବରେ ବର୍ଣ୍ଣନା କରିଛନ୍ତି। ଏ ଗଳ୍ପରେ ଅବଧାନେ ଜଣେ ଛାତ୍ରକୁ ଧୂଆଁପତ୍ର ଚୋରିକରି ଆଣିବାର କୌଶଳ ବତାଇ ଦେଇ କହିଛନ୍ତି- "ଆରେ ତୁ ଗୋଟାଏ କାମ କରିବୁ। ତୋ ମା' ଯେତେବେଳେ ଗାଧୋଇ ଯାଇଥିବ ତୁ ଗୋଟାଏ ବଡ଼ ପାହିଆ ଉପାଡ଼ି ପକାଇବୁ। ତା' ଉପରେ ଚଢ଼ି ସିକାରୁ ଧୂଆଁପତର କାଢ଼ିବୁ। ସେଥିରୁ ଦୁଇ ଚାରିଖଣ୍ଡ କାଢ଼ିନେଇ ବିଡ଼ା ବାନ୍ଧି ସିକାରେ ଥୋଇ ଦେବୁ। ଖବରଦାର ବେଶୀଗୁଡ଼ାଏ ଆଣିବୁ ନାହିଁ। କାଲି ସକାଳେ ଯଦି ନ ଆଣିବୁ ଅନାଇଥା ଏ ବେତକୁ।" ମାତ୍ର ଏ ଗଳ୍ପ ରଚନାର ମୂଳ ଉଦ୍ଦେଶ୍ୟ ହେଉଛି ଏ ଦେଶ ଜାତି ପାଇଁ ପ୍ରାଣବଳୀ ଦେବାଦ୍ୱାରା ଅନନ୍ତା ଏକ ହୁଣ୍ଡା, ମୂର୍ଖ, ବୁଦ୍ଧିହୀନ ହେଲେ ମଧ ତା ହୃଦୟ ମଧରେ ଯେଉଁ ଆଦର୍ଶ ଭାବନା ଜାଗ୍ରତ ହୋଇଛି ତାହା ଅନନ୍ୟ ଓ ଅସାଧାରଣ। ମାନବ କଲ୍ୟାଣ ପାଇଁ ଆତ୍ମ ଉତ୍ସର୍ଗ କରିଥିବା 'ଅନନ୍ତା' ଚରିତ୍ର ସଂପର୍କରେ ସମାଲୋଚକ ସୁରେନ୍ଦ୍ର ମହାନ୍ତି ମତ ପ୍ରକାଶ କରିଛନ୍ତି- " ବିଶ୍ୱ କଲ୍ୟାଣ କାମନାରେ ଆତ୍ମବଳୀଦାନ ହିଁ ଦେବତ୍ୱ। ରାଣ୍ଡୀପୁଅ ଅନନ୍ତାର ଜାନ୍ତବ ଦେହ ଭିତରେ ଦେବତ୍ୱ ଏଇ ଦୀପ୍ତି, ମହିମାର ଏଇ ଝଲକ, ଅନନ୍ତାର ଏଇ କଦାକାର, ବିଭତ୍ସ, ଜାନ୍ତବ ମୂର୍ତ୍ତିକୁ ଏକ ସ୍ୱର୍ଗୀୟ ଦ୍ୟୁତିରେ ବିଭୂଷିତ କରିଦେଲା। ସତ୍ୟ, ଶିବ ଓ ସୁନ୍ଦରର ପ୍ରାଣଶକ୍ତିର ଏକ ନିପୁଣ ଆଲେଖ୍ୟ ରାଣ୍ଡୀପୁଅ ଅନନ୍ତା।" (ଫକୀର ମୋହନ ସମୀକ୍ଷା- ସୁରେନ୍ଦ୍ର ମହାନ୍ତି, ପୃ.୧୭୨)

### (ଗ) କାହାଣୀଧର୍ମୀ ଗଳ୍ପ :

ଗଳ୍ପକଳା ଦୃଷ୍ଟିକୋଣରୁ ବିଚାର କଲେ ଫକୀର ମୋହନଙ୍କ ଅଜାନାତି କଥା, ମୌନାମୌନୀ, ବଗଲାବଗୁଲୀ କ୍ଷୁଦ୍ରଗଳ୍ପ ପର୍ଯ୍ୟାୟବାଚୀ ନୁହନ୍ତି। କଥାକାର ଏଗୁଡ଼ିକ ମଧରେ ପାରଂପରିକ କଥାବସ୍ତୁକୁ ନେଇ କାହାଣୀ ପରି ରଚନା କରିଛନ୍ତି। 'ଅଜାନାତି କଥା' ଗଳ୍ପଟି ୧୯୧୪ ମସିହାରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା। ଏଥିରେ ବର୍ଣ୍ଣିତ କାହାଣୀଟି ଏକ ସତ୍ୟ ଘଟଣା ବୋଲି ଗାଳ୍ପିକ ସୂଚନା ପ୍ରଦାନ କରିଛନ୍ତି।

ଗଳ୍ପରେ ଅଜା ରାମଦ୍ୱିବେଦୀ ପୁରୁଣାକାଳିଆ ଚରିତ୍ର ଓ ଆଧୁନିକ ଶିକ୍ଷାପ୍ରାପ୍ତ ନାତି ଗଣପତିର କଥୋପକଥନ ମାଧ୍ୟମରେ ବର୍ଣ୍ଣନା କରାଯାଇଛି। 'ମୌନାମୌନୀ' ଗଳ୍ପର କାହାଣୀ ଭାଗ ଅତ୍ୟନ୍ତ ଦୁର୍ବଳ। ଗଳ୍ପରେ ଗାଳ୍ପିକ ଏକ କାହାଣୀକୁ ଅବତାରଣା କରି ସମାଜକୁ ଅନ୍ଧବିଶ୍ୱାସୀ ମନୋଭାବରୁ ମୁକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି। ସାଧାରଣ ପ୍ରଜାମାନଙ୍କୁ ସାଧୁବେଶଧାରୀ ଧର୍ମଧ୍ୱଜୀମାନେ ଅନେକ ଶୋଷଣ ଓ କଷଣ ପ୍ରଦାନ କରୁଥିଲେ। ସେହିଭଳି ଏକ ସାଧୁ ଦମ୍ପତି ହେଉଛନ୍ତି ମୌନାମୌନୀ। 'ବଗଲା ବଗୁଲୀ' ଗଳ୍ପରେ ଗାଳ୍ପିକ ଭୂଷଣ୍ଡପୁର ଗ୍ରାମର ଚୌକିଆ ବିଦିଆ ପାତ୍ର ଚରିତ୍ରର ମହନୀୟତା ଓ ତାର ପୁତ୍ର ଓ ପୁତ୍ରବଧୂ ମଧ୍ୟରେ ଥିବା ଅନାବିଳ ପ୍ରେମ ତଥା ଆଦର୍ଶ ଦାମ୍ପତ୍ୟ ପ୍ରେମର ଚିତ୍ରଣ କରାଯାଇଛି। ଉକ୍ତ ଗଳ୍ପଟି ୧୯୧୫ ମସିହା 'ଉତ୍କଳ ସାହିତ୍ୟ' ପତ୍ରିକାର ଅଷ୍ଟାଦଶ ବର୍ଷ, ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା।

### (ଘ) ଐତିହାସିକ ଗଳ୍ପ :

ଫକୀର ମୋହନଙ୍କ କେତେକ ଗଳ୍ପରେ ଇତିହାସର ମଧ୍ୟ ଅନ୍ତର୍ଧ୍ୱନି ନିକ୍ୱଣିତ ହୋଇଛି। "ଅତୀତ ଉତ୍କଳର ସମୃଦ୍ଧ ଇତିହାସର ବିପର୍ଯ୍ୟୟକୁ ସେ ଉପଲବ୍ଧି କରିଥିଲେ। ସେହି ବିପର୍ଯ୍ୟୟର କେତେକ ଦିଗକୁ ସେ ରୂପାୟିତ କରିଛନ୍ତି, ତାଙ୍କର ଗଳ୍ପମାନଙ୍କରେ। ଫଳରେ ତାଙ୍କର ଗଳ୍ପଗୁଡ଼ିକ ଇତିହାସ ନ ହୋଇ ଇତିହାସର ବିପୁଳ ବୃତ୍ତର ଗୋଟିଏ ଗୋଟିଏ ଜୀବନ୍ତ ପ୍ରତିଲିପି ହୋଇ ଯାଇଛନ୍ତି। ସେଥିରୁ ଇତିହାସକୁ ଧରି ହୁଏ, ଇତିହାସକୁ ଜାଣି ହୁଏ। ଇତିହାସର ସଙ୍କେତକୁ ବୁଝିହୁଏ। ଇତିହାସ ଆଉ ନୀରସ ତଥ୍ୟ ଭିତ୍ତିକ ଉପାଦାନ ସର୍ବସ୍ୱ ନ ହୋଇ ହୋଇଯାଇଛି ସାଂସ୍କୃତିକ-ସାମାଜିକ-ଆର୍ଥନୀତିକ ଜୀବନ ବିପର୍ଯ୍ୟାୟର ଅଶ୍ଳୁଳ ସ୍ମାରକୀ।" (ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ- ଡଃ. ବୈଷ୍ଣବ ଚରଣ ସାମଲ, ପୃ.୩୦୬)। ଐତିହାସିକ ଗଳ୍ପଗୁଡ଼ିକରେ ଐତିହାସିକ ଘଟଣାବଳୀର ଜୀବନ୍ତ ରୂପାୟନରେ ସଫଳ ହୋଇପାରିଛନ୍ତି। ତାଙ୍କର ଐତିହାସିକ ଗଳ୍ପ ମଧ୍ୟରେ ବାଲେଶ୍ୱରୀ ରାହାଜାନୀ, ବାଲେଶ୍ୱରୀ ପଙ୍ଗାଲୁଣ, କାଳିକା ପ୍ରସାଦ ଗୋରାପ ଓ କମଳା ପ୍ରସାଦ ଗୋରାପ ଅନ୍ୟତମ।

'ବାଲେଶ୍ୱରୀ ପଙ୍ଗାଲୁଣ' ଗଳ୍ପଟି ୧୯୦୭ ମସିହାରେ 'ମୁକୁର' ପତ୍ରିକାରେ ପ୍ରକାଶ ପାଇଥିଲା। ଏହା ଏକ ତଥ୍ୟଧର୍ମୀ ରଚନା। ତତ୍କାଳୀନ ସମୟରେ ବାଲେଶ୍ୱରରେ ଲୁଣମରା କାର୍ଯ୍ୟ ବନ୍ଦ କରିଦେବା ଦ୍ୱାରା ବାଲେଶ୍ୱର ସଂପୂର୍ଣ୍ଣ ଭାବରେ ଶ୍ରୀହୀନ ହୋଇ ପଡ଼ିଲା। ସେ ସମୟରେ ପଙ୍ଗାଲୁଣ କାରବାରରେ ଅନେକ ଲୋକ ନିଯୁକ୍ତ ହୋଇଥିଲେ ତେଣୁ ସେମାନଙ୍କର ରୋଜଗାରରେ ବାଧା ସୃଷ୍ଟି ହେଲା। ବାଲେଶ୍ୱରରେ ଲୁଣମରା କାର୍ଯ୍ୟ ଓ ତା'ର ପ୍ରସ୍ତୁତି ବିଧି ସଂପର୍କରେ ଅନୁଭୂତି ଲବ୍ଧ ତଥ୍ୟକୁ ଗଳ୍ପରେ ଅତି ଚମତ୍କାର ଭାବରେ ଚିତ୍ରଣ କରାଯାଇଛି। ଫକୀର ମୋହନ ଲେଖିଛନ୍ତି- "ବାଲେଶ୍ୱରବାସୀମାନଙ୍କର ଦୁଇଗୋଟି ବସ୍ତୁ ପ୍ରଧାନ ଉପଜିବ୍ୟ - ଲବଣ ଓ ଧାନ୍ୟ। ଜିଲ୍ଲାର ଏକ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲବଣ ବ୍ୟବସାୟରେ ନିଯୁକ୍ତ ଥିଲେ। ବାଲେଶ୍ୱର ଉପକଣ୍ଠସ୍ଥ ବୁଢ଼ାବଳଙ୍ଗ ନଦୀ ଜାହାଜ ଓ ନଦୀକୂଳ ଜନତାରେ ପରିପୂର୍ଣ୍ଣ ଥିଲା। ବର୍ତ୍ତମାନ ଶ୍ମଶାନ କ୍ଷେତ୍ରବତ୍ ପଡ଼ି ରହିଅଛି। ବାଲେଶ୍ୱରୀ ଜାହାଜର ଚିହ୍ନମାତ୍ର ନାହିଁ।" (ଫକୀର ମୋହନ ଗ୍ରନ୍ଥାବଳୀ, ୨ୟ ଖଣ୍ଡ, ପୃ.୫୮୫) ତତ୍କାଳୀନ ଓଡ଼ିଶାର ବାଣିଜ୍ୟିକ ଅବସ୍ଥାର ଶୋଚନୀୟ ରୂପ ଉକ୍ତ ଗଳ୍ପରେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି। 'ବାଲେଶ୍ୱରୀ ରାହାଜାନୀ' ଗଳ୍ପରେ ମେଦିନୀପୁରଠାରୁ ଭଦ୍ରକ ପର୍ଯ୍ୟନ୍ତ ରାଜମାର୍ଗରେ ବିଭିନ୍ନ ପ୍ରକାର

ଡକାୟତି ହେଉଥିଲା । ତାଙ୍କର ପ୍ରଧାନ ଆଡ୍ଡାସ୍ଥଳୀ 'ନାରାୟଣଗଡ଼'କୁ ଅତ୍ୟନ୍ତ ଭୟରେ ଲୋକମାନେ ପାରି ହେଉଥିଲେ । ଶେଷରେ ସରକାର ଇନସ୍ପେକ୍ଟର ରାଜକିଶୋର ଚୌଧୂରୀଙ୍କୁ ନିଯୁକ୍ତି କରି ଡକାୟତି ଦଳକୁ ଚତୁରତାର ସହିତ ଦମନ କରିଥିବାର କାହାଣୀ ବର୍ଣ୍ଣନା କରାଯାଇଛି ।

କଥାକାର ଫକୀର ମୋହନ 'କମଳା ପ୍ରସାଦ ଗୋରାପ' ଓ 'କାଳିକା ପ୍ରସାଦ ଗୋରାପ' ଗଳ୍ପ ଦ୍ୱୟରେ ଜାହାଜାତି ବ୍ୟବସାୟର ବିପର୍ଯ୍ୟସ୍ତ ଚିତ୍ରର ନମୁନା ପ୍ରଦାନ କରିଛନ୍ତି । ଏହି ଦୁଇ ଗଳ୍ପ ମଧ୍ୟରେ ଫକୀର ମୋହନଙ୍କ ବାଲ୍ୟଜୀବନର ସ୍ମୃତି ଓ ଅନୁଭୂତି ନିଜସ୍ୱ ଶୈଳୀରେ ରୂପଲାଭ କରିଛି । 'ଆତ୍ମଜୀବନ' ଗ୍ରନ୍ଥରେ ଗାଳ୍ପିକ ଲେଖିଛନ୍ତି- "ମୋର ବାଲ୍ୟକାଳରେ ବାଲେଶ୍ୱରରେ ଜାହାଜାତି କାର୍ଯ୍ୟର ବଡ଼ କାରବାର ଥିଲା । ପାଞ୍ଚ ଛଅଶତ ଜାହାଜ ସମୁଦ୍ରରେ ଯାତାୟାତ କରୁଥିଲେ; ବାରପଣି ଜାହାଜ ଲୁଣବୁହା କାର୍ଯ୍ୟରେ ଏବଂ ଅବଶିଷ୍ଟ ରେଙ୍ଗୁନ, ମାନ୍ଦ୍ରାଜ, କଲମ୍ବୋ ଏବଂ ସମୁଦ୍ର ମଧ୍ୟସ୍ଥ ଦ୍ୱୀପମାନଙ୍କୁ ବାଣିଜ୍ୟ ଦ୍ରବ୍ୟ ବହନରେ ନିଯୁକ୍ତ ଥିଲେ ।" 'କମଳା ପ୍ରସାଦ ଗୋରାପ' ଗଳ୍ପରେ ସେ ସମୟରେ ବାଲେଶ୍ୱରରକୁ ଲୁଣ ବ୍ୟତୀତ ଜାହାଜମାନଙ୍କରେ ଚୂଡ଼ା, ଚାଉଳ, ଭାତରନ୍ଧା ହାଣ୍ଡି ଇତ୍ୟାଦି ମଧ୍ୟ ରପ୍ତାନୀ କରାଯାଉଥିବାର ସୂଚନା ମିଳେ । ସମୟ ସମୟରେ ଜଳଦସ୍ୟୁମାନେ ଅତର୍କିତ ଆକ୍ରମଣ କରି ସମସ୍ତ ପଦାର୍ଥ ଲୁଟି ନେଉଥିଲେ । କୌଣସି ମାଝି ପ୍ରତିବାଦ କଲେ ତାକୁ ନିର୍ମମ ଭାବରେ ହତ୍ୟା କରୁଥିଲେ । ବେଳେବେଳେ ସାମୁଦ୍ରିକ ଝଡ଼ ମଧ୍ୟ ବାଣିଜ୍ୟ କ୍ଷେତ୍ରରେ ପ୍ରତି ବନ୍ଧକ ସୃଷ୍ଟି କରୁଥିବାର ମାର୍ମିକ ଚିତ୍ର ଉପସ୍ଥାପନା କରିଛନ୍ତି । କାଳିକା ପ୍ରସାଦ ଗୋରାପ ଗଳ୍ପରେ 'କାଳିକା ପ୍ରସାଦ' ଜାହାଜଟି ବୁଡ଼ିଯିବାର କାରଣ ବିଷୟରେ ବିବରଣୀ ପ୍ରଦାନ କରାଯାଇଛି । ହଗ୍ସ ତଣ୍ଡେଲ ଜାହାଜ ମାଲିକମାନଙ୍କୁ ଜାହାଜ ଲୁଣ୍ଠନର ବିବରଣୀ ପ୍ରଦାନରେ ଗାଳ୍ପିକ ଗଳ୍ପରେ ଶତ ମୁଖର ହୋଇଛନ୍ତି । ପର୍ତ୍ତୁଗୀଜ ଜଳଦସ୍ୟୁମାନଙ୍କର ଆକ୍ରମଣ ଫଳରେ ଓଡ଼ିଶାର ନୌବାଣିଜ୍ୟ ପରଂପରା କିଭଳି ବିପର୍ଯ୍ୟସ୍ତ ହୋଇଛି ତାର ବାସ୍ତବ ବିବରଣୀରୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରଂପରା ସୂଚନା ମିଳିଥାଏ ।

ବାସ୍ତବରେ ଫକୀରମୋହନଙ୍କ ଗଳ୍ପଗୁଡ଼ିକରେ ତତ୍କାଳୀନ ସମାଜର ନିଛକ ଚିତ୍ର ପ୍ରଦାନ କରିଛନ୍ତି । ଏଥିରେ ସମାଜ ସଂସ୍କାର ଆଭିମୁଖ୍ୟ ସ୍ପଷ୍ଟ ପ୍ରତୀୟମାନ ହେବା ସଙ୍ଗେ ସଙ୍ଗେ ଧର୍ମ, ସଂସ୍କୃତି, ଶିକ୍ଷା, ବାଣିଜ୍ୟ, ବ୍ୟବସାୟର ଚିତ୍ରଣ ଯେଉଁ ଭାବରେ କରିଛନ୍ତି, ତାହା ସମକାଳୀନ ଓଡ଼ିଶାର ପ୍ରତିବିମ୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଡଃ ମାୟାଧର ମାନସିଂହ ତାଙ୍କର 'ସରସ୍ୱତୀ ଫକୀର ମୋହନ' ପୁସ୍ତକରେ ମତ ପ୍ରକାଶ କରିଛନ୍ତି - "ଭାରତୀୟ ସାହିତ୍ୟରେ ଫକୀର ମୋହନ ମନେ ହେଉଛନ୍ତି; କେବଳ ରବୀନ୍ଦ୍ରନାଥଙ୍କୁ ଛାଡି ଯେପରିକି ସବୁଠାରୁ ଅଧିକ ତତ୍ତ୍ୱଦ୍ରଷ୍ଟା ଲେଖକ । ସଂସାର ସମାଜର 'ତଥତା' ସମ୍ବନ୍ଧରେ ତାଙ୍କର ଚିତ୍ତ ସଂପୂର୍ଣ୍ଣ ଭାବରେ ଥିଲା ସଂସ୍କାର ମୁକ୍ତ । ବିଧାତା ଦତ୍ତ ଦିବ୍ୟ ଦୃଷ୍ଟିରେ ସେ ସାମାଜିକ ସତ୍ୟ ଓ ତଥ୍ୟ ସ୍ପଷ୍ଟଭାବରେ ଦେଖି ପାରୁଥିଲେ । ଉତ୍ତମ ମାନବିକତା ସେ ଦେଖିଥିଲେ ସମାଜର ସବୁସ୍ତର ; ଦେଖିଥିଲେ ମଧ୍ୟ ସେହିପରି ସବୁସ୍ତରରେ ଅମାନୁଷିକ ମିଥ୍ୟାଚାର ଓ ଅନାଚାର । ଓଡ଼ିଆ ସାହିତ୍ୟରେ ତେଣୁ ଯଦି କାହାକୁ 'ତଥାଗତ' କୁହାଯିବ, ତେବେ ନିଶ୍ଚିତ ଭାବରେ ସେ ଲୋକ କେବଳ ଫକୀର ମୋହନ ।" (ସପ୍ତଦଶ ଅଧ୍ୟାୟ, ପୃ.୨୦୧) କଥାକାର ଫକୀର ମୋହନ ଗଣମୁଖୀ ଭାଷା ପ୍ରୟୋଗ କରି ସର୍ବଜନବୋଧ୍ୟ କରିପାରିଛନ୍ତି । ଯଥାର୍ଥରେ ଫକୀର ମୋହନ ଓଡ଼ିଆ କଥା ସାହିତ୍ୟ ଜଗତର ଜଣେ କାଳଜୟୀ ସ୍ରଷ୍ଟା ।

## ୪.୭ ଫକୀର ମୋହନଙ୍କ ସେନାପତିଙ୍କ କଥା ସାହିତ୍ୟରେ ସମାଜ ସଂସ୍କାର

ଫକୀରମୋହନ ଜଣେ ସମାଜ ସଚେତନ ଶିଳ୍ପୀ, ସମାଜ ସଂସ୍କାର କରିବା ତାଙ୍କ କଥା ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ। ନିଜ କଥା ସାହିତ୍ୟରେ ସମାଜର ନିଛକ ଚିତ୍ର ପ୍ରଦାନ କରି ତନ୍ମଧ୍ୟରେ ସମାଜ ସଂସ୍କାର କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି। ତାଙ୍କର ଉପନ୍ୟାସ ଗୁଡ଼ିକରେ ସମାଜର ଦୋଷ ଦୁର୍ବଳତାକୁ ପ୍ରକାଶ କରିଛନ୍ତି ଏବଂ କ୍ଷୁଦ୍ରଗଳ୍ପ ଗୁଡ଼ିକରେ ସମାଜର ଦୋଷ ଦୁର୍ବଳତାକୁ ମୂଳୋତ୍ପାଟନ କରି ଏକ ବ୍ୟାଧିମୁକ୍ତ ସମାଜ ଗଠନ ପାଇଁ ଉଦ୍ୟମ କରିଛନ୍ତି। ଫକୀର ମୋହନ ଯେଉଁ ସମୟରେ ଲେଖନୀ ଚାଳନା ଆରମ୍ଭ କରିଥିଲେ ସେ ସମୟରେ ଆମର ପ୍ରତିବେଶୀ ସାହିତ୍ୟ ବଙ୍ଗଳାର ସାରସ୍ୱତ କୃତିରେ ସମାଜ ସଂସ୍କାର ଆନ୍ଦୋଳନ ଚାଲିଥିଲା। ତେଣୁ ଫକୀର ମୋହନଙ୍କ ସାହିତ୍ୟରେ ଏ ସାହିତ୍ୟର ପ୍ରଭାବ ନିଶ୍ଚିତ ଭାବରେ ପଡ଼ିଅଛି। ଏହାର ପ୍ରଭାବକୁ ଅନୁଶୀଳନ କରି ସମୀକ୍ଷକଗଣ ଫକୀର ମୋହନଙ୍କୁ ବଙ୍କିମ ଚନ୍ଦ୍ରଙ୍କ ସହ ତୁଳନା କରିଥାନ୍ତି।

"ବଙ୍କିମ ଚନ୍ଦ୍ରଙ୍କ ପରି ଉଚ୍ଚଶିକ୍ଷିତ ଯେଉଁ ସାହସିକ ପଦକ୍ଷେପ ନେଇ ପାରି ନ ଥିଲେ ତାହା ଅନାୟାସରେ ଦର ପାଠୁଆ ଫକୀର ମୋହନଙ୍କ ଦ୍ୱାରା ସମ୍ଭବ ହୋଇଥିଲା। ବଙ୍କିମ ଚନ୍ଦ୍ର ସଂସ୍କାରମୁଖୀ ବ୍ରାହ୍ମ ଆନ୍ଦୋଳନ ଓ ବିଧବା ବିବାହ ପ୍ରତି ପ୍ରତିକ୍ରିୟାଶୀଳ ମତ ପୋଷଣ କରିଥିଲେ। କିନ୍ତୁ ସେନାପତି ତଦବଧି ଓଡ଼ିଆ ସାହିତ୍ୟର ଭାଷାରେ, ଚରିତ୍ର ନିର୍ବାଚନରେ ଓ ବିଷୟବସ୍ତୁ ନିର୍ବାଚନ ଏବଂ ପ୍ରସଙ୍ଗ ଉପସ୍ଥାପନାରେ ନିଜର ସଂସ୍କାରମୁକ୍ତ ଅର୍ନ୍ତର୍ବାଣୀର ସ୍ୱାକ୍ଷର ରଖିଯାଇଛନ୍ତି।" (ସମୀକ୍ଷା ଦିଗନ୍ତ- ଡଃ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ପୃ.୧୪୨)

"ସମାଜର ଦୁର୍ବଳ କ୍ଷତ ସ୍ଥାନରେ ସୁଦକ୍ଷ ଚିକିତ୍ସକ ନ୍ୟାୟରେ ସେ ଅସ୍ତ୍ରୋପଚାର କରିଛନ୍ତି। ଊନବିଂଶ ଶତାବ୍ଦୀରେ ନାରୀର ଅଶିକ୍ଷା ଜନିତ କୁସଂସ୍କାରଚ୍ଛନ୍ନ ନିର୍ବୋଧତା, ପାଶ୍ଚାତ୍ୟ ଶିକ୍ଷାର ଅନ୍ଧସ୍ତାବତାର ବିକଳାଙ୍ଗ ରୂପ ବୃଦ୍ଧ ବିବାହ ଓ କନ୍ୟା ବିକ୍ରୟ ପରି ନିନ୍ଦିତ ସାମାଜିକ ବ୍ୟାଧି, ମହାଜନର ଶୋଷଣ, ଅତ୍ୟାଚାର। ଭଣ୍ଡ ସନ୍ନ୍ୟାସୀ, ସନ୍ନ୍ୟାସ ଓ ଧର୍ମ ଦ୍ୱାହିରେ ପ୍ରବଞ୍ଚନା, ବ୍ରାହ୍ମଣ୍ୟଧର୍ମର ଲୁବ୍‌ଧତା, ସାମାଜିକ ଅନ୍ଧବିଶ୍ୱାସ ପରି ପଲ୍ଲୀର ବହୁବିଧ ସମସ୍ୟାର ସଂସ୍କାର କରିବାକୁ ଯାଇ ସେ ଦଳିତ ଉପେକ୍ଷିତ ଓଡ଼ିଆ ଜାତିର ଜୀବନ୍ତ ଇତିହାସ ରଚନା କରିଛନ୍ତି।" (ତତ୍ରୈବ, ପୃ.୧୪୨)

ଫକୀର ମୋହନ ତାଙ୍କ କଥା ସାହିତ୍ୟରେ ନାରୀଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ନାରୀ ଶିକ୍ଷିତା ହେଲେ ପରିବାରରେ ଅମଙ୍ଗଳ ହୁଏ। ଏଇଭଳି ଧାରଣା ମଧ୍ୟ ସେ ସମୟରେ ସମାଜରେ ବିଶ୍ୱାସ ରହିଥିଲା। ମହେଶ ଚନ୍ଦ୍ର ମହାପାତ୍ର - 'ଆଧୁନିକ ଶିକ୍ଷା ଓ ଓଡ଼ିଶା' ପ୍ରସଙ୍ଗରେ ତେଣୁ ଉଲ୍ଲେଖ କରିଛନ୍ତି- "ପାଠ ପଢ଼ିଲେ ଝିଅମାନେ ଗୁରୁଜନଙ୍କୁ ମାନିବେ ନାହିଁ। ଘରକାମ କରିବେ ନାହିଁ, ଅକାଳରେ ବିଧବା ହେବେ- ଏହିପରି ନାନା କୁ-ସଂସ୍କାର ସେତେବେଳେ ସାମାଜିକ ଜୀବନରେ ପ୍ରଭାବ ପକାଇଥିଲା।" (ପୃ.୧୫୯) ଏହାର ଚିତ୍ରଣ କରିବାକୁ ଯାଇ କାଥାକାର ଫକୀର ମୋହନ 'ରେବତୀ' ଗଳ୍ପରେ ଜେଜୀମା ପୁରାତନ ପନ୍ଥୀ ଚରିତ୍ରର ଅବତାରଣା କରିଛନ୍ତି। ଯୁଗଯୁଗର ଅନ୍ଧବିଶ୍ୱାସ ପ୍ରସଙ୍ଗରେ କଥାକାର ଜେଜୀମା ମୁଖରେ ପ୍ରକାଶ କରିଛନ୍ତି- " ପାଠ କ'ଣ ଲୋ ? ମାଇକିନିଆ ଝିଅଟା ପାଠ କ'ଣ ?" ରନ୍ଧାବଢ଼ା ଶିଖ, ପିଠାପଣା କରି ଶିଖ, ଝୋଟି ଦିଆ ଶିଖ, ଦହି

ମୁହାଁ ଶିଖ। ପାଠ କ'ଣ ? ଗଳ୍ପରେ ରେବତୀ ପାଠ ପଢ଼ିବାରୁ ପରିବାରରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ତା'ର ପିତାମାତା ସମେତ ବାସୁଦେବର ମୃତ୍ୟୁର କାରଣ ରେବତୀର ପାଠପଢ଼ା ବୋଲି ଜେଜୀମା ଯୁକ୍ତି ବାଢ଼ିଛନ୍ତି। ତାଙ୍କର 'ପ୍ରାୟଶ୍ଚିତ' ଉପନ୍ୟାସରେ ଇନ୍ଦୁମତୀ ପାଠ ପଢ଼ିଅଛି ଏବଂ କବିତା ଲେଖିଅଛି, ପରବର୍ତ୍ତୀ ପର୍ଯ୍ୟାୟରେ ତେଣୁ ତାର ମୃତ୍ୟୁ ହୋଇଛି। 'ପାଠୋଇ ବୋହୂ', 'ସୁନାବୋହୂ' ଗଳ୍ପରେ ଅଶିକ୍ଷିତା ନାରୀ କୁ-ସଂସ୍କାରର ଶରବ୍ୟ ହୋଇଛି। 'ମାମୁଁ' ଉପନ୍ୟାସରେ 'ଚନ୍ଦ୍ରମଣି'କୁ ଖ୍ରୀଷ୍ଟିଆନ ପାଠ ମାଆ ପଢ଼ାଇଥିଲେ ମଧ୍ୟ ଏଥିପାଇଁ ଚନ୍ଦ୍ରମଣି ବିଧବା ହୋଇଛି ବୋଲି ମତ ପ୍ରକାଶ କରାଯାଇ ନାହିଁ। 'ଗାରୁଡ଼ି ମନ୍ତ୍ର' ଗଳ୍ପରେ ମଦନ ମୋହନ ସମାଜର କୁ-ସଂସ୍କାରକୁ ବିଲୋପ କରିବା ପାଇଁ ବଦ୍ଧ ପରିକର ହୋଇଛି। ଶିକ୍ଷାହୀନା ନାରୀ, କୁ-ସଂସ୍କାରରେ ଆଚ୍ଛନ୍ନ ଓଡ଼ିଆ ନାରୀର ଦୁରବସ୍ଥା ଚିତ୍ରଣ ମଦନ ମୁଖରେ କଥାକାର ପ୍ରକାଶ କରିଛନ୍ତି -

କୁଜୀ ପରି ନଇଁ ନଇଁ ଗୋଡ଼ଟିପି ଗମନା
ମୁଖଚନ୍ଦ୍ର ଆବୃତ, ହାତେ ଲମ୍ବ ଓଢ଼ଣା
ଚୁ-ଚୁ କଥା କହେ ହାଉଡ଼ି ସାମାନା
ଘରକୋଣ ବାସିନୀ, ବିରସ ବଦନା।
ମାର୍ଜାର ଶିଶୁ ପରି ମୁଦ୍ରିତ ନେତ୍ରା
ତୈଳ ହରିଦ୍ରା ବିଲେପିତ ଗାତ୍ରା।

କଲେଜରେ ଏଫ୍.ଏ ଶ୍ରେଣୀରେ ପାଠ ପଢୁଥିବା ମଦନ ଅଶିକ୍ଷତା କନ୍ୟାକୁ ବିବାହ କରିଥିବାରୁ ତାର ଜୀବନ ଦୁଃଖମୟ ବୋଲି ପ୍ରକାଶ କରିଛି। ନାରୀଶିକ୍ଷା ଓ ନାରୀ ସ୍ୱାଧୀନତାର ବାସ୍ତବ ଚିତ୍ର 'ସଭ୍ୟ ଜମିଦାର' ଗଳ୍ପରେ ବର୍ଣ୍ଣନା କରିଛନ୍ତି। ଫକୀର ମୋହନ ନାରୀଶିକ୍ଷାର ପକ୍ଷପାତୀ କିନ୍ତୁ ଶିକ୍ଷା ନାମରେ ନାରୀର ପରଂପରା ଓ ସଂସ୍କୃତି ପ୍ରତି ବିରୂପତାକୁ ସେ ସ୍ୱୀକାର କରି ନାହାନ୍ତି। ଯେଉଁଠି ଶିକ୍ଷା ସ୍ୱେଚ୍ଛାଚାର ଓ ବ୍ୟଭିଚାରରେ ପରିଣତ ହୋଇଯାଇଛି, ନୀତି-ନିୟମ-ଆଦର୍ଶକୁ କୁଠାରଘାତ କରିଛି ଏବଂ ପାଶ୍ଚାତ୍ୟ ସଭ୍ୟତାର କେବଳ ବିଳାସବୋଧକୁ ଗ୍ରହଣ କରି ନେଇଛି ସେଠି ସେ ଆପଣାର ଶାଣିତ ଲେଖନୀକୁ ତାର ବିରୋଧରେ ଚଳାଇଛନ୍ତି। ସେ ନିଜେ ବ୍ୟକ୍ତିଗତ ଜୀବନରେ ପରଂପରାବାଦୀ। ମନ ତାଙ୍କର ଅଭିଜାତ। ତେଣୁ ପାଶ୍ଚାତ୍ୟ ଶିକ୍ଷା ପ୍ରସୂତ ନୂତନ ଆଭିଜାତ୍ୟକୁ ସେ ବିଦ୍ରୂପ କରିଛନ୍ତି। ଶିକ୍ଷା ମଧ୍ୟରୁ ସେ ଚାହିଁଛନ୍ତି ମାନବିକତାର ଉତ୍ତରଣ।" (ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ - ବୈଷ୍ଣବ ଚରଣ ସାମଲ, ପୃ.୩୨୯)

ଫକୀର ମୋହନଙ୍କ କଥା ସାହିତ୍ୟର ଅନ୍ୟତମ ସାମାଜିକ ସଂସ୍କାରର ମନୋଜ୍ଞ ପରିପ୍ରକାଶ ହେଉଛି ସମାଜରେ ହେଉଥିବା ଧର୍ମ ନାମରେ ଶୋଷଣ। ଧର୍ମ ନାମରେ ହେଉଥିବା ପ୍ରତାରଣାକୁ କଥାକାର ବିଦ୍ରୂପ ତଥା ବ୍ୟଙ୍ଗୋକ୍ତି କରିଛନ୍ତି। ଧର୍ମ ନାମରେ ଭଣ୍ଡାମୀକୁ କଥାକାର ପ୍ରଶୟ ଦେବା ପାଇଁ ଚାହିଁ ନାହାନ୍ତି। 'ଧୂଳିଆବାବା' ଗଳ୍ପରେ ଧର୍ମ ନାମରେ ଭଣ୍ଡାମି ଓ ପ୍ରତାରଣାର ଏକ ମାର୍ମିକ ଚିତ୍ର କଥାକାର ପ୍ରଦର୍ଶନ କରିଛନ୍ତି। 'ମୌନାମୌନୀ' ଗଳ୍ପରେ ଠକ ଓ ପ୍ରତାରକର ଆଖିରୁ ଅନ୍ଧପୁଟୁଳି ଖୋଲି ଦେଇଛନ୍ତି। 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ରାମଚନ୍ଦ୍ର ମଙ୍ଗରାଜ ଏକାଦଶୀ ପାଳନ ପ୍ରତାରଣା ପୂର୍ଣ୍ଣ ଏବଂ ବାବାଜୀ ଲଳିତା ଦାସ ଧର୍ମ ନାମରେ କିପରି ସମାଜକୁ

ପ୍ରତାରିତ କରିଛି ତାହା ବର୍ଣ୍ଣନା କରିଛନ୍ତି । ଉପନ୍ୟାସରେ କଥାକାର ଧର୍ମକୁ ଶୋଷଣର ମୂଳମନ୍ତ୍ର ଭାବରେ ଗ୍ରହଣ କରି ବର୍ଣ୍ଣନା କରିଛନ୍ତି । ଉପନ୍ୟାସରେ ବୁଢ଼ୀ ମଙ୍ଗଳା ଦେବୀଙ୍କ ଅଲୌକିକ ମହିମା ଲୋକ ବିଶ୍ୱାସ ଜନୀତ ଭାବନାକୁ ବ୍ୟଙ୍ଗ କରି କଥାକାର ଲେଖିଛନ୍ତି -

"ଯା ଦେବୀ ବୃକ୍ଷ ମୂଳେଷୁ ଶିଳା ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ
ମୃତ୍ତିକାଶ୍ୱ ଗଜାରୁଢ଼ା ବନ୍ଧ୍ୟାୟା ପୁତ୍ରଦାୟିନୀ
ବାଡ଼ି ସଂହାରିଣୀ ଦେବୀ ନାରାୟଣୀ ନମୋସ୍ତୁତେ ।"

ଗୋଟିଏ ପଟରେ ଧର୍ମ ନାମରେ ଶଠତା, ପ୍ରବଞ୍ଚନା ତଥା ଶୋଷଣକୁ କଥାକାର କଟାକ୍ଷ କରିଥିବାବେଳେ ଈଶ୍ୱର ବିଶ୍ୱାସୀ ଚରିତ୍ରମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ପ୍ରଦର୍ଶନ କରିଛନ୍ତି । "ଛମାଣ ଆଠଗୁଣ୍ଠ, ମାମୁ, ଲଛମା ଓ ପ୍ରାୟଶ୍ଚିତ ଉପନ୍ୟାସରେ ଗଭୀର ଈଶ୍ୱର ବିଶ୍ୱାସର ଦ୍ୟୋତନା ପାଠକ ପ୍ରାଣରେ ଅପୂର୍ବ ଶାନ୍ତି ଆନୟନ କରେ । ସାଆନ୍ତାଣୀ, ଧାଇମା, ଇନ୍ଦୁମତୀଙ୍କ ଜୀବନରୁ ନିଧନର ସଞ୍ଚାଳି, ଦୁଃଖୀର ଗଣ୍ଠିଧନ ସେହି ଈଶ୍ୱର ବିଶ୍ୱାସ ଟିକକ କାଢ଼ିନିଅ । ଦେଖିବ ସେମାନେ ଜୀବନ୍ତ ମାନବ ନୁହନ୍ତି - ମାନବର କଙ୍କାଳ, ଛାୟା, ପ୍ରେତପିଣ୍ଡ । ଫକୀର ମୋହନ ତାଙ୍କର ଉପନ୍ୟାସ ସମୂହରେ ଅନ୍ୟୁନ ୧୦/୧୨ ଗୋଟି ଧାର୍ମିକ ଈଶ୍ୱରନିଷ୍ଠ ନରନାରୀର ଚିତ୍ର ଆଙ୍କିଛନ୍ତି । ଏଇଠି ଗୋଟିଏ କଥା ଲକ୍ଷ୍ୟ କରିବାର ଅଛି । ଫକୀର ମୋହନ ଯେଉଁଠି ଧର୍ମ ନାମରେ ଧର୍ମାନ୍ଧତା, ଶଠତା, ନୀଚତା, ଭକ୍ତି ନାମରେ ଭଣ୍ଡତା ଏବଂ ନୀତି ନାମରେ ନୀତିହୀନତା ସନ୍ଦର୍ଶନ କରିଛନ୍ତି, ସେଠି ଅତି ନିଷ୍ଠୁର ନିର୍ମମ ଭାବରେ ସେମାନଙ୍କ ଉପରକୁ ହାସ୍ୟ, ବିଦ୍ରୂପର ଶାଣିତ- ବାଣ ଛାଡ଼ିଛନ୍ତି । ରାମଚନ୍ଦ୍ର ମଙ୍ଗରାଜ, ନାଜର ନଟବର ଦାସ, ଲଳିତା ଦାସ, ଲଳିତା ଦାସ ବାବାଜୀ, ଧୂଳିଆ ବାବା କେହି ଛାଡ଼୍ ପାଇ ନାହାନ୍ତି । କିନ୍ତୁ ପ୍ରକୃତ ପୁଣ୍ୟାତ୍ମାମାନଙ୍କର ଚରିତ୍ର ଚିତ୍ରଣ ବେଳକୁ ସତେ ଯେପରି ଫକୀର ମୋହନଙ୍କ ଶ୍ରଦ୍ଧା ଓ ଭକ୍ତିପୂତ ଅନ୍ତରର ହୃଦୟ ମଧୁ ସହସ୍ର ଧାରାରେ କ୍ଷରିତ ହୋଇଛି, ସେଇ ଚରିତ୍ରଗୁଡ଼ିକୁ ଏକ ଅମୀୟ ଶୁଚିତା ଓ କମନୀୟତାରେ ଅଭିସେଚିତ କରିଅଛି ।" (ଯୁଗସ୍ରଷ୍ଟା ଫକୀର ମୋହନ - ସର୍ବେଶ୍ୱର ଦାସ, ପୃ.୧୦୪)

ଫକୀର ମୋହନ କନ୍ୟାସୁନା ପ୍ରଥା ଓ ବୃଦ୍ଧ ବିବାହକୁ ତାଙ୍କ କଥା ସାହିତ୍ୟରେ ଗଭୀର ଭାବରେ ନିନ୍ଦା କରିଛନ୍ତି । କନ୍ୟାସୁନା ପ୍ରଥା ତତ୍କାଳୀନ ସମାଜର ଏକ କଳଙ୍କିତ ପ୍ରଥା । କଥାକାର ଶ୍ରୀଯୁକ୍ତ ସେନାପତି 'ବିରେଇ ବିଶ୍ୱାଳ' ଓ 'ମାଧ ମହାନ୍ତିଙ୍କ କନ୍ୟାସୁନା' ଗଳ୍ପରେ ଏହାର ଚିତ୍ରଣ କରିଛନ୍ତି । 'ମାଧ ମହାନ୍ତିଙ୍କ କନ୍ୟାସୁନା' ଗଳ୍ପରେ କନ୍ୟାସୁନା ପ୍ରଥାର ବିଭତ୍ସତାକୁ ବିଦ୍ରୂପ କରିଛନ୍ତି । 'ବିରେଇ ବିଶ୍ୱାଳ' ଗଳ୍ପରେ କନ୍ୟାକୁ ବିକ୍ରୟ କରିଥିବା ରାଘବ ପାତ୍ରଙ୍କୁ ଲେଖକ ଚରମଶାସ୍ତି ପ୍ରଦାନ କରିଛନ୍ତି । ମାଧ ମହାନ୍ତି କନ୍ୟା ବିକ୍ରୟ ଜନୀତ ମହାପାତକ କାର୍ଯ୍ୟକୁ ସୂଚାଇ ଦେବାକୁ ଜନସାଧାରଣଙ୍କୁ କହିଛନ୍ତି -

"ବୁଢ଼ାବରେ ଝିଅ ବିକେ ଯେ ଲୋକ
ସେ ଲୋକ ମୁଣ୍ଡରେ ପଡ଼ଇ ପୋକ ।"

ନିଶା ନିବାରଣ ପ୍ରସଙ୍ଗ ଉପସ୍ଥାପନା କରି "ପେଟେଣ୍ଟ ମେଡ଼ିସିନ" ଗଳ୍ପରେ ନାୟକ ମଦଖାଇ ଝକିରି ହରାଇ ଶେଷରେ ଛାଞ୍ଚୁଣୀ ମାଡ଼ରେ ସାବାଡ଼୍ ହୋଇଥିବା ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି। "ଇଂରାଜୀ ଔପନ୍ୟାସିକ ଋର୍ଲସ ଡିକେନସ୍ ଯେପରି 'ଡେଭିଡ କପର ଫିଲଡ୍, ଅଲିଭର ଟୁଇଡ୍ ପ୍ରଭୃତି ଉପନ୍ୟାସରେ ତତ୍କାଳୀନ ସମାଜ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି 'ରାଣ୍ଡୀପୁଅ ଅନନ୍ତା' ଗଳ୍ପରେ ଫକୀର ମୋହନ ମଧ ବେତ ସର୍ବସ୍ୱ ଅବଧାନଙ୍କର ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ମୁକ୍ତକଣ୍ଠରେ ସମାଲୋଚନା କରିଛନ୍ତି।" (ସମୀକ୍ଷା ଦିଗନ୍ତ - ପୃ.୧୪୭) "ଫକୀର ମୋହନ ସାହିତ୍ୟର ପ୍ରତି କ୍ଷେତ୍ରରେ ସମାଜ ସଚେତନତାର ସ୍ୱର ସ୍ପଷ୍ଟ ଶୁଣାଯାଏ। ସମାଜ ଓ ସାହିତ୍ୟର ପରସ୍ପର ସଂପୃକ୍ତି ସୃଷ୍ଟିର ପ୍ରାରମ୍ଭ କାଳରୁ ବିଦ୍ୟମାନ। ଏ ଦୁଇଟି ତତ୍ତ୍ୱର ଉତ୍ସରେ ଯଦିଓ ଦୁଇ ଭିନ୍ନାମୁଖୀ ଚେତନା ଯଥା ସମାଜ ସୃଷ୍ଟିରେ ଗୋଷ୍ଠୀ ଚେତନା ଓ ସାହିତ୍ୟ ସୃଷ୍ଟିରେ ବ୍ୟକ୍ତି ଚେତନାକୁ ଆମେ ଲକ୍ଷ୍ୟକରୁ; ତଥାପି ଏ ଦୁଇଟିର ମଧୁର ସମ୍ମେଳନ ହିଁ ଉଭୟ ସାହିତ୍ୟ ଓ ସମାଜ ପାଇଁ ମଙ୍ଗଳମୟ ହୋଇଥାଏ।" (ଓଡ଼ିଆ ଉପନ୍ୟାସ ସମାଜ ତତ୍ତ୍ୱ କଇଳାଶ ପଟ୍ଟନାୟକ, ୧୯୮୮, ପୃ.୧) ବାସ୍ତବରେ କହିବାକୁ ଗଲେ କଥାକାର ଫକୀରମୋହନଙ୍କ କଥା ସାହିତ୍ୟ ସମାଜ ସଂସ୍କାର କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ।

## ୪.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ଫକୀର ମୋହନଙ୍କ ରଚିତ ଉପନ୍ୟାସଗୁଡ଼ିକର ନାମ ଲେଖ ?

(ଖ) ଫକୀର ମୋହନଙ୍କ ରଚିତ ଐତିହାସିକ ଉପନ୍ୟାସର ପରିଚୟ ପ୍ରଦାନ କର।

(ଗ) ଫକୀର ମୋହନଙ୍କ ଐତିହାସିକ ଗଳ୍ପଗୁଡ଼ିକର ନାମ ଲେଖ ?

(ଘ) ଫକୀର ମୋହନଙ୍କ ସାମାଜିକ ସମସ୍ୟା ଆଧାରିତ ଗଳ୍ପଗୁଡ଼ିକର ନାମ ଲେଖ।

(ଙ) ଫକୀର ମୋହନଙ୍କ ପ୍ରଥମ ରଚିତ ଗଳ୍ପର ପରିଚୟ ପ୍ରଦାନ କର।

(ଚ) ସଂକ୍ଷିପ୍ତ ଟିପ୍ପଣୀ ଲେଖ : ରେବତୀ, ଡାକମୁନସୀ, ପ୍ରାୟଶ୍ଚିତ, ମାମୁ, ଗାରୁଡ଼ିମନ୍ତ୍ର, ଛମାଣ ଆଠଗୁଣ୍ଠ।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡ଼ିଆ ଉପନ୍ୟାସ ସାହିତ୍ୟର ବିକାଶଧାରାରେ ଫକୀର ମୋହନଙ୍କ ସ୍ଥାନ ନିରୂପଣ କର।

(ଖ) "ଫକୀର ମୋହନ ହେଉଛନ୍ତି ଜଣେ ସମାଜ ସଚେତନ କଥାଶିଳ୍ପୀ"- ଏ ଉକ୍ତିର ସତ୍ୟତା ପ୍ରତିପାଦନ କର।

(ଗ) ଫକୀର ମୋହନଙ୍କ କଥା ସାହିତ୍ୟର ଆଭିମୁଖ୍ୟ ବିଶ୍ଳେଷଣ କର।

(ଘ) ଫକୀର ମୋହନଙ୍କ ଗଳ୍ପଗୁଡ଼ିକର ବୈଶିଷ୍ଟ୍ୟ ନିରୂପଣ କର।

(ଙ) ଫକୀର ମୋହନଙ୍କ କଥା ସାହିତ୍ୟରେ ହାସ୍ୟ, ବ୍ୟଙ୍ଗ ଓ କରୁଣ ରସର କିଭଳି ତ୍ରିବେଣୀ ସଙ୍ଗମ ଘଟିଛି, ବର୍ଣ୍ଣନା କର।

(ଚ) ଫକୀର ମୋହନଙ୍କ କଥା ସାହିତ୍ୟରେ ଚରିତ୍ର ଗୁଡ଼ିକର କିଭଳି ରୂପାୟନ ଘଟିଛି, ଆଲୋଚନା କର।

## ୪.୯ ସହାୟକ ଗ୍ରନ୍ଥସୂଚୀ


- ସେନାପତି, ବ୍ୟାସକବି ଫକୀର ମୋହନ - ଫକୀର ମୋହନ ଗ୍ରନ୍ଥାବଳୀ, ପ୍ରକାଶକ - ଶ୍ରୀ ଅନନ୍ତ ମିଶ୍ର, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୨ୟ ସଂସ୍କରଣ - ୧୯୬୩ ।
- ଆଚାର୍ଯ୍ୟ, ଡଃ ଲକ୍ଷ୍ମୀପ୍ରିୟା - ସମୀକ୍ଷା ଦିଗନ୍ତ, ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର ମୁଦ୍ରଣ - ୧୯୮୫ ।
- ସାମଲ, ଡଃ ବୈଷ୍ଣବ ଚରଣ - ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ, ବୁକ୍ସ ଏଣ୍ଡ ବୁକ୍ସ, ୧ମ ପ୍ରକାଶ - ୧୯୯୦ ।
- ପ୍ରଧାନ, ଡଃ କୃଷ୍ଣଚନ୍ଦ୍ର - ଦେଶ ଓ ଭାଷାର କାରିଗର - ଫକୀର ମୋହନ, ବିଦ୍ୟାପୁରୀ, ୧ମ ପ୍ରକାଶ - ୧୯୯୬ ।


●●●

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in